READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୯ | ସଂଖ୍ୟା-୩୩ | ୨୫ - ୩୧ ଅଗଷ୍ଟ, ୨୦୨୫ | ଭୁବନେଶ୍ୱର | Monday Weekly | VOL-9 | ISSUE-33 | 25th - 31st AUGUST, 2025 | BHUBANESWAR | ₹ 5/- (8 Pages)

## ପାଣ୍ଡିଆନ ହେଲେ କି ନବୀନଙ୍କ ଉତ୍ତରାଧିକାରୀ !

**ଭୁବନେଶ୍ୱର :** "ବିଜେଡିର ଉତ୍ତରାଧିକାରୀ କିଏ ହେବ ତାହା ଓଡ଼ିଶାବାସୀ ନିଷ୍ପତ୍ତି ନେବେ। ଭିକେ ପାଣ୍ଡିଆନ ବିଜେଡିର ରାଜନୀତି ବ୍ୟାପାରରେ ଜଡ଼ିତ ନାହାନ୍ତି"। ଏହି ଦୁଇପଦ କଥା ବିଜୁ ଜନତା ଦଳ ସୁପ୍ରିମୋ ନବୀନ ପଟ୍ଟନାୟକ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ମାତ୍ର ନବୀନଙ୍କ ଅସୁସ୍ଥତା ଓ ସାଂଗଠନିକ କାର୍ଯ୍ୟରେ ନିଷ୍କ୍ରିୟତା ଯୋଗୁ ସମ୍ଭବତଃ ତାଙ୍କର ଏହି ଦୁଇପଦ କଥା ଏବେ ପ୍ରଭାବହୀନ ହୋଇପଡ଼ିଛି। ୨୪ବର୍ଷର କ୍ଷମତାର ପତନ ପାଣ୍ଡିଆନଙ୍କ ଯୋଗୁ ହେଲା ବୋଲି ଦଳୀୟ ମହଲରେ ଚର୍ଚ୍ଚା ଏବେବି ଥମି ନଥିଲେ ମଧ୍ୟ ନିକଟରେ ତାଙ୍କ ସପକ୍ଷରେ ଗଣମାଧ୍ୟମରେ ଯେଉଁଭଳି ଢଙ୍ଗରେ ଦଳର ନେତାମାନେ ଓକିଲାତି କରିବାରେ ଲାଗିଛନ୍ତି, ତାହା ପରୋକ୍ଷରେ ପାଣ୍ଡିଆନ ହିଁ 'ବିଜେଡିର ନୂଆ ସୁପ୍ରିମୋ' ବୋଲି ସନ୍ଦେଶ ଦେବାର ପ୍ରୟାସ ଓ ରଣନୀତିର



ଅଂଶବିଶେଷ ପାଲଟିଥିବା ଜଣାପଡ଼ିଛି। ନବୀନ ମୁମ୍ବାଇର କୋକିଳାବେନ୍ ହସ୍ପିଟାଲରେ ଅସ୍ତ୍ରୋପଚାର କରି ଫେରିବା ପରେ ଦଳର ସୋସିଆଲ ମିଡିଆରେ ବ୍ୟାପକ ପ୍ରଚାର ଓ ଏବେ ସମ୍ ହସ୍ପିଟାଲରୁ ଫେରିବା ପରେ ବିଜେଡିର ଆଗଧାଡ଼ିର ଜଣକପରେ ଜଣେ ନେତାମାନେ ଯେଉଁଭଳି ବୟାନବାଜି କରୁଛନ୍ତି ତାହା 'ବିଜେଡିର ଉତ୍ତରାଧିକାରୀ- ପାଣ୍ଡିଆନ' ବୋଲି ଧୀରେଧୀରେ ସ୍ପଷ୍ଟ ହେବାରେ ଲାଗିଛି। ସମ୍ ହସ୍ପିଟାଲରୁ ଡିସଚାର୍ଜ ହେବାବେଳେ ପାଣ୍ଡିଆନଙ୍କ ଖାସ୍ ସହଯୋଗୀମାନଙ୍କ ଗହଣରେ ନବୀନ ବାହାରକୁ ଆସି ପାଣ୍ଡିଆନଙ୍କ ହାତ ଧରି କ୍ୟାମେରାକୁ ଫଟୋ ପୋଜ୍ ଦେବା ମଧ୍ୟ ବିଜେଡି ନେତାମାନଙ୍କୁ ସ୍ପଷ୍ଟ ସନ୍ଦେଶ ଦେଇଥିବା ଜଣାପଡ଼ିଛି। ବିଜେଡି ବ୍ୟାପାରରେ ପାଣ୍ଡିଆନ ସମ୍ପୃକ୍ତ ନାହାନ୍ତି ବୋଲି ନବୀନ ନିଜେ ୨୦୨୫ ଏପ୍ରିଲ ମାସରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏହାପୂର୍ବରୁ ୨୦୨୪ ନିର୍ବାଚନବେଳେ ମେ ୩୦ ଓ ଜୁନ୍ ୭ତାରିଖରେ ଦୁଇଥର ଗଣମାଧ୍ୟମକୁ ସୂଚନା ଦେଇ ବିଜେଡିର ଉତ୍ତରାଧିକାରୀ ଓଡ଼ିଶାବାସୀ ବାଛିବେ ଓ ପାଣ୍ଡିଆନ ତାଙ୍କର ଉତ୍ତରାଧିକାରୀ ନୁହେଁ ବୋଲି ସ୍ପଷ୍ଟ କରିଥିଲେ। ମାତ୍ର ଏସବୁ ସତ୍ତ୍ୱେ ପାଣ୍ଡିଆନ ଉଭୟ ବିଜେଡି ଓ ନବୀନଙ୍କ ଅଘୋଷିତ ଉତ୍ତରାଧିକାରୀ ପାଲଟିଛନ୍ତି। ➤ ପୃ-୬

### ୩୫ କୋଟି ଟଙ୍କା ବ୍ୟୟରେ କମ୍ପ୍ୟୁଟର କିଣା; ବାରମ୍ବାର ବଦଳୁଛି ଟେଣ୍ଡର ସର୍ତ୍ତାବଳୀ

## କାହା ଅବହେଳା ଯୋଗୁଁ ବିବାଦ ଠିଆ

**ଭୁବନେଶ୍ୱର :** ରାଜ୍ୟ ପୁଲିସର ସାମଗ୍ରୀ କିଣାରେ ସ୍ୱଚ୍ଛତା ଓ ପାରଦର୍ଶିତାର ଅଭାବ ଯୋଗୁ ପୁଣିଥରେ ଏକ ବିବାଦ ମୁଣ୍ଡ ଟେକିଛି। ସରକାରଙ୍କ ସବୁ ନିୟମକୁ ଖୋଲା ଉଲ୍ଲଘଂନ କରି ନିର୍ଦ୍ଦିଷ୍ଟ କମ୍ପାନୀକୁ ସୁହାଇବା ଭଳି ମୋଟ ପ୍ରାୟ ୩୫ କୋଟି ଟଙ୍କା ବ୍ୟୟରେ ୪୧୧୦ଟି କମ୍ପ୍ୟୁଟର ଓ ଲାପଟପ୍ କ୍ରୟ ପାଇଁ ଟେଣ୍ଡର ସର୍ତ୍ତାବଳୀରେ ବାରମ୍ବାର ପରିବର୍ତ୍ତନ କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ରାଜ୍ୟ ସରକାରଙ୍କ ଆର୍ଥିକ ନିୟମାବଳୀ (ଓଜିଏଫଆର), ସରକାରୀ ଇ-ମାର୍କେଟପ୍ଲେସ (ଜେଇଏମ) ଓ ଆଇଟି ମନ୍ତ୍ରଣାଳୟର ନିୟମାବଳୀକୁ ମଧ୍ୟ ଉଲ୍ଲଘଂନ କରିବାକୁ ଓଡ଼ିଶା ପୁଲିସ ପଛାଇ ନାହିଁ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ରାଜ୍ୟ ପୁଲିସ ନିଜର ସାମଗ୍ରୀ ଓ ଉପକରଣ



କ୍ରୟକୁ କାହିଁକି ସ୍ୱଚ୍ଛ ଓ ପାରଦର୍ଶୀ କରୁନି ତଥା ସରକାର ମଧ୍ୟ ଏଦିଗରେ ପୁଲିସ ଉପରେ ଅଙ୍କୁଶ ଜାରି କରିବାରେ କାହିଁକି ଟାଳଟୂଳ ନୀତି ଅବଲମ୍ବନ କରୁଛନ୍ତି ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ସୂଚନା ଅନୁସାରେ, ୨୦୨୫ ଜୁନରୁ ଅଗଷ୍ଟ ମାସ ମଧ୍ୟରେ ଓଡ଼ିଶା ପୁଲିସ ୩ଟି ଟେଣ୍ଡର ଆହ୍ୱାନ କରିଛି। ସେଥିରେ ଓଡ଼ିଶା ରାଜ୍ୟ କ୍ରାଇମ ରେକର୍ଡ ବ୍ୟୁରୋ (ଏସସିଆରବି) ପାଇଁ ୧୪୧୦ଟି ଡେସ୍କଟପ୍ ଓ ୭୦୦ଟି ଡେସ୍କଟପ୍ ପାଇଁ ଜୁଲାଇ ୧୨ରେ ଓ ଅଗଷ୍ଟ ୧ତାରିଖରେ ଟେଣ୍ଡର ଡକା ହୋଇଥିବାବେଳେ କ୍ରାଇମବ୍ରାଞ୍ଚ ପାଇଁ ୨ହଜାର ଲାପଟପ୍ ଜୁନ୍ ୨୦ ତାରିଖରେ ଡ଼କାଯାଇଛି। ମାତ୍ର ୧୮ ଦିନ ବ୍ୟବଧାନରେ ଏସସିଆରବି ଦ୍ୱାରା ଏହି ଡେସ୍କଟପ୍ କିଣା ପାଇଁ କାହିଁକି ଦୁଇଟି ଟେଣ୍ଡର ଡକାଗଲା ଓ ଏକକ ଟେଣ୍ଡର ଡାକିବାରେ କ'ଣ ସମସ୍ୟା ରହିଥିଲା ତାକୁ ନେଇ ପ୍ରଶ୍ନ ଉଠିଛି। ଏହା ମଧ୍ୟ ରାଜ୍ୟ ସରକାରଙ୍କ ସାଧାରଣ ଆର୍ଥିକ ରୁଲସକୁ ଉଲ୍ଲଘଂନ କରୁଛି ଓ ଏଭଳି ଭାଗ କରାଯିବା ଦ୍ୱାରା ଦରରେ ରିହାତି ମିଳିବ ନାହିଁ ଓ ଦର ନିର୍ଦ୍ଧାରଣ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଛି। କେବଳ ସେତିକି ନୁହେଁ, କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଆଇସିଜେଏସ୍ (ଇଣ୍ଟର ଅପରେବଲ୍ କ୍ରିମିନାଲ ➤ ପୃ-୬

## ଏବେ ରାସନ କାର୍ଡ ପାଳି; ବାଦ ପଡିବେ ୧.୧୭ କୋଟି

**ନୂଆଦିଲ୍ଲୀ :** କେନ୍ଦ୍ର ସରକାର ରାସନ କାର୍ଡ ଧାରକଙ୍କ ତାଲିକାର ଏକ ବଡ ପରିବର୍ତ୍ତନ କରିବାକୁ ଯାଉଛନ୍ତି। ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ ପ୍ରଥମ ଥର ପାଇଁ ରାସନ କାର୍ଡ ଧାରକଙ୍କ ଏକ ତାଲିକା ପ୍ରସ୍ତୁତ କରିଛି ଯେଉଁମାନେ ମାଗଣା ଶସ୍ୟ ଭଳି ସୁବିଧା ପାଇଁ ଯୋଗ୍ୟ ହୋଇନଥାନ୍ତି। ଏହି ତାଲିକାରେ ପ୍ରାୟ ୧.୧୭ କୋଟି ଲୋକ ଅଛନ୍ତି। ଏମାନେ ଚାରି ଚକିଆ ଯାନ କିମ୍ବା ଆୟକର ଦାତା କିମ୍ବା କମ୍ପାନୀରେ ନିର୍ଦ୍ଦେଶକ। କେନ୍ଦ୍ର ରାଜ୍ୟଗୁଡ଼ିକୁ ସେପ୍ଟେମ୍ବର ୩୦ ସୁଦ୍ଧା ଏହି ଅଯୋଗ୍ୟ କାର୍ଡ ଧାରକଙ୍କୁ ହଟାଇବା ପାଇଁ ଆବଶ୍ୟକ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛି। ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ ବିଭିନ୍ନ ସରକାରୀ ତଥ୍ୟ



ଆଧାର ସହିତ ରାଶନ କାର୍ଡ ଧାରକଙ୍କ ବିବରଣୀ ମେଳ କରି ଏହି ତାଲିକା ପ୍ରସ୍ତୁତ କରିଛି। ଏଥିରେ ଆୟକର ବିଭାଗ, କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ଓ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଭଳି ବିଭାଗରୁ ତଥ୍ୟ ଅନ୍ତର୍ଭୁକ୍ତ। ଏହି ତଦନ୍ତରୁ ➤ ପୃ-୬

### ବୁଲା କୁକୁରଙ୍କ ରାୟରେ ସଂଶୋଧନ କଲେ ସୁପ୍ରିମ୍‌କୋର୍ଟ

## ବନ୍ଧ୍ୟାକରଣ ପରେ ଛାଡିଦିଅ

**ନୂଆଦିଲ୍ଲୀ :** ବୁଲା କୁକୁର ପ୍ରସଙ୍ଗରେ ସୁପ୍ରିମକୋର୍ଟ ଅଗଷ୍ଟ ୮ରେ ଦେଇଥିବା ରାୟରେ ସାମାନ୍ୟ ସଂଶୋଧନ କରିଛନ୍ତି। ଦିଲ୍ଲୀ-ଏନସିଆରରେ ବୁଲୁ ଥିବା କୁକୁରମାନଙ୍କୁ ଧରି ତୁରନ୍ତ ଆଶ୍ରୟସ୍ଥଳକୁ ନେବାକୁ ଦେଇଥିବା ରାୟରେ ପରିବର୍ତ୍ତନ ହୋଇଛି। ସୁପ୍ରିମକୋର୍ଟ ସଂଶୋଧିତ ରାୟରେ କହିଛନ୍ତି ଯେ ବୁଲା କୁକୁରମାନଙ୍କୁ ପୌର ପାଳିକାର ଅଧିକାରୀମାନେ ଧରିବା ସହ ବନ୍ଧ୍ୟାକରଣ ଓ ଟିକା ଦେବେ। ଏହାପରେ ସେମାନଙ୍କୁ ଯେଉଁ ସ୍ଥାନରୁ ଧରିଥିବେ, ସେଠାରେ ଛାଡ଼ିବେ। ଅନିର୍ଦ୍ଦିଷ୍ଟ କାଳ ପାଇଁ ବୁଲା କୁକୁରଙ୍କୁ ଆଶ୍ରୟ ସ୍ଥଳରେ ରଖାଯାଇ ପାରିବ ନାହିଁ। କିନ୍ତୁ ରୋଗ ଗ୍ରସ୍ତ ଓ କାମୁଡ଼ିବାକୁ



ଗୋଡ଼ାଉଥିବା କୁକୁରମାନଙ୍କୁ ପୌର ପାଳିକା ସର୍ବସାଧାରଣରେ ଛାଡ଼ିବ ନାହିଁ। ସେମାନଙ୍କୁ ଅଲଗା ଆଶ୍ରୟସ୍ଥଳରେ ରଖାଯିବ। ଏହାବାଦ ବୁଲା କୁକୁରମାନଙ୍କୁ ତଥାକଥିତ ପଶୁପ୍ରେମୀମାନେ ସର୍ବସାଧାରଣରେ ଖାଇବାକୁ ଦେଇ ପାରିବେ ନାହିଁ। ସେମାନଙ୍କୁ କେବଳ ପୌରପାଳିକା ପକ୍ଷରୁ ଚିହ୍ନଟ ହୋଇଥିବା ସ୍ଥାନରେ ଖାଇବାକୁ ➤ ପୃ-୬

## ପୂଜା ପାଇଁ ଚାନ୍ଦା ଆଦାୟ କଲେ କଡା କାର୍ଯ୍ୟାନୁଷ୍ଠାନ : ଡିଜିପି

**କଟକ :** ପାର୍ବଣ ଋତୁ ପାଇଁ ସୁରକ୍ଷା ବ୍ୟବସ୍ଥା ଉପରେ ଓଡ଼ିଶା ପୁଲିସ ପ୍ରସ୍ତୁତି କରିଦେଇଛି। ଏହି ସମୟରେ କିଛି ବ୍ୟକ୍ତିବିଶେଷ ବେଆଇନ ଚାନ୍ଦା ଆଦାୟ କରି ପୂଜା ଉତ୍ସବ ପାଳନ କରିବା ଭଳି ଘଟଣା ବିଭିନ୍ନ ସମୟରେ ନଜରକୁ ଆସିଥାଏ। ଏହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଚାନ୍ଦା ଆଦାୟକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ଚାନ୍ଦା ଆଦାୟକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ସମସ୍ତ ଜିଲ୍ଲା ଏସପିଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହ ସହ ତୃଣମୂଳ ସ୍ତରରେ ଏହାକୁ କାର୍ଯ୍ୟକାରୀ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ପୁଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ଡିଜିପି ଶ୍ରୀ ଖୁରାନିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି



ଅବସରରେ ପାର୍ବଣ ଋତୁ ସମୟରେ ରାଜ୍ୟବାସୀଙ୍କ ନିରାପତ୍ତା ତଥା ସୁରକ୍ଷାକୁ ଅଗ୍ରାଧିକାର ଦେଇ ସେ ଦିଗରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବ୍ୟତୀତ ସମ୍ବେଦନଶୀଳ ସ୍ଥାନ ଗୁଡିକରେ ପୁଲିସ ପାଟ୍ରୋଲିଂ, କଡାକଡି ଚେକିଂ, ଅଭ୍ୟାସଗତ ଅପରାଧୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, ସହରର ସମ୍ବେଦନଶୀଳ ସ୍ଥାନ ଗୁଡିକରେ ସିସିଟିଭି ଲଗାଇବା, ଗୁଇନ୍ଦା ସୂଚନା ସଂଗ୍ରହ, ପୂଜା କମିଟି ସହ ଆଲୋଚନା, ➤ ପୃ-୬

## ଇସ୍ରାଏଲ ପାଇଁ ଅନାହାରରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ

**ନୂଆଦିଲ୍ଲୀ :** ହମାସ ବିରୋଧରେ ନିର୍ଣ୍ଣାୟକ ଲଢ଼େଇ ଆରମ୍ଭ କରିଥିବା ଇସ୍ରାଏଲ ପାଇଁ ଏବେ ଗାଜାରେ ରହୁଥିବା ସାଧାରଣ



ଲୋକଙ୍କ ଅବସ୍ଥା ସାଂଘାତିକ। ଇସ୍ରାଏଲ ଗାଜାକୁ ଆସୁଥିବା ଖାଦ୍ୟ ଓ ମାନବୀୟ ସହାୟତା ଉପରେ ରୋକ ଲଗାଇ ଥିବାରୁ ଭୋକରେ ଆଉଟ ପାଉଟ ହେଉଛନ୍ତି ସାଧାରଣ ପାଲେଷ୍ଟାଇନ ନାଗରିକ। ସ୍ଥିତି ଏପରି ହୋଇଛି ଯେ ଗାଜାର ଗୋଟିଏ ଅଞ୍ଚଳରେ ଅନାହାର ସ୍ଥିତି ସୃଷ୍ଟି ହୋଇଛି। ଆସନ୍ତା ମାସରେ ଏହା ଆହୁରି ଭୟଙ୍କ ସ୍ଥିତି ସୃଷ୍ଟି କରିବ ବୋଲି ବିଶ୍ୱ ହଙ୍ଗର ରିପୋର୍ଟରେ ଆଶଙ୍କା କରାଯାଇଛି। ଏହି ରିପୋର୍ଟ ପରେ ଯୁଦ୍ଧ କ୍ଷତିଗ୍ରସ୍ତ ଗାଜାକୁ ଅଧିକ ମାତ୍ରାରେ ମାନବୀୟ ସହାୟତା ଯୋଗାଇ ଦେବାକୁ ଇସ୍ରାଏଲ ଉପରେ ଚାପ ବଢ଼ିବାରେ ଲାଗିଛି। ଇଣ୍ଟିଗ୍ରେଡେଟ ଫୁଡ ସିକ୍ୟୁରିଟୀ ଫେଜ କ୍ଲାସିଫିକେସନ ସିଷ୍ଟମ ଅନୁଯାୟୀ, ୫,୧୪,୦୦୦ ଲୋକ ଏବେ ଅନାହାରରେ ଦିନ କାଟୁଛନ୍ତି। ସେପ୍ଟେମ୍ବର ଶେଷ ସୁଦ୍ଧା ଏହି ସଂଖ୍ୟା ୬,୪୧,୦୦୦ରେ ପହଞ୍ଚିବ। ଏହାର ଅର୍ଥ ଗାଜାରେ ରହୁଥିବା ଏକ ଚତୁର୍ଥାଂଶ ପାଲେଷ୍ଟାଇନ ନାଗରିକ ଏବେ ଖାଦ୍ୟ ପାଉ ନାହାନ୍ତି। ଆଇପିସି ରିପୋର୍ଟରେ ଦର୍ଶାଯାଇଛି ଯେ ଗାଜା ସହରର ➤ ପୃ-୬

### ଭୁବନେଶ୍ୱରରେ ଉନ୍ମୋଚନ ହେଲା 'ଭାରତନେତ୍ର'

## ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତା ବିକାଶକୁ ପ୍ରାଧାନ୍ୟ

**ଭୁବନେଶ୍ୱର :** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ 'ସମନ୍ୱିତ ବିଶ୍ୱ ଆର୍ଥିକ ପ୍ରଯୁକ୍ତିବିଦ୍ୟା ସାମର୍ଥ୍ୟ ହବ୍' (ଆଇ-ଜିଏଫ୍‌ଟିସିଏଚ୍) - ଭାରତନେତ୍ରର ଶୁଭାରମ୍ଭ କରିଛନ୍ତି। ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଓ ସିଙ୍ଗାପୁର ସ୍ଥିତ ଗ୍ଲୋବାଲ ଫାଇନାନ୍ସ ଆଣ୍ଡ୍ ଟେକ୍ନୋଲୋଜି ନେଟୱାର୍କ (ଜିଏଫଟିଏନ) ସହଯୋଗରେ ଭୁବନେଶ୍ୱରକୁ ବିଶ୍ୱ ଆର୍ଥିକ ଟେକ୍ନୋଲୋଜି ଏବଂ ଇନ୍‌ସ୍ୟୁରଟେକ୍, ଇନୋଭେସନ ହବ୍ ରେ ପରିଣତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି।




ଶ୍ରୀ ପ୍ରଧାନ କହିଛନ୍ତି ଯେ ଭୁବନେଶ୍ୱରରେ ଜ୍ଞାନ ପରମ୍ପରା ଦୀର୍ଘ ଦିନରୁ ରହିଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୪୭ ସୁଦ୍ଧା ବିକଶିତ ଭାରତ ପାଇଁ ଆହ୍ୱାନ କରିଛନ୍ତି। ଏହି ସମୟରେ ୨୦୩୬ ସୁଦ୍ଧା ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବ। ଆଜିର ପଦକ୍ଷେପ ଆମ ଯୁବପିଢ଼ିଙ୍କୁ ସଶକ୍ତ କରିବା ସହ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ପରିକଳ୍ପିତ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତର ଦୃଷ୍ଟିକୋଣକୁ ସାକାର କରିବା ଦିଗରେ ଆଉ ଏକ ପଦକ୍ଷେପ। ସମନ୍ୱିତ ବିଶ୍ୱ ଆର୍ଥିକ ➤ ପୃ-୬

### ସମସ୍ତ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଚିଠି

## ସଡ଼କ ସୁରକ୍ଷା ସଚେତନତାରେ ସହଭାଗୀ ହେବେ ପୂଜା କମିଟି

**ଭୁବନେଶ୍ୱର :** ପାର୍ବଣରେ ପୂଜା ମଣ୍ଡପରେ ଲାଗିବ ସଡ଼କ ସୁରକ୍ଷା ବାର୍ତ୍ତା। ମା'ଙ୍କ ଆଶୀର୍ବାଦ ସହ ପରିବାରର ସୁରକ୍ଷା ପାଇଁ ହେବେ ସଚେତନ। ଏଥିପାଇଁ ସମସ୍ତ ପୂଜା କମିଟିଙ୍କୁ ଅନୁରୋଧ କରାଯିବ। କେବଳ ସେତିକି ନୁହେଁ, ନିଜ ଅଞ୍ଚଳକୁ ଦୁର୍ଘଟଣା ମୁକ୍ତ କରିବା ଦିଗରେ ସହଯୋଗ କରିବାକୁ ସାହି ମୁରବିଙ୍କୁ ମଧ୍ୟ ଅନୁରୋଧ କରାଯିବ। ପାର୍ବଣ ସଂପର୍କିତ ସମନ୍ୱୟ ବୈଠକରେ ପୂଜା କମିଟି ମାନଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିବାକୁ ସମସ୍ତ ଜିଲ୍ଲାପାଳ, ଏସପିଙ୍କ ସମେତ କଟକ ଓ ଭୁବନେଶ୍ୱରର ଡିସିପିଙ୍କୁ ଚିଠି ଲେଖିଛନ୍ତି ପରିବହନ ଆୟୁକ୍ତ ଅମିତାଭ ଠାକୁର। ଚିଠିରେ ପରିବହନ ଆୟୁକ୍ତ ଉଲ୍ଲେଖ କରିଛନ୍ତି, ସଡ଼କ ଦୁର୍ଘଟଣା ଚିନ୍ତାର କାରଣ ପାଲଟିଛି। ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ସଡ଼କ ସୁରକ୍ଷା ସଚେତନତା ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ପାର୍ବଣ ସମୟରେ ବିଭିନ୍ନ ପୂଜା ମଣ୍ଡପରେ ବିପୁଳ



ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ତେଣୁ ଏହି ସମୟରେ ଅନେକ ଲୋକଙ୍କ ପାଖରେ ସଡ଼କ ସୁରକ୍ଷା ବାର୍ତ୍ତା ପହଞ୍ଚାଯାଇପାରିବ। ଏହାକୁ ଦୃଷ୍ଟିରେ ରଖି ପୂଜା କମିଟି ମାନଙ୍କୁ ସଡ଼କ ସୁରକ୍ଷା ବାର୍ତ୍ତା ପ୍ରସାର ପାଇଁ ଅନୁରୋଧ କରାଯାଇ ପାରିବ। ସେ ସମସ୍ତ ଜିଲ୍ଲାପାଳ, ଏସପିଙ୍କ ସମେତ କଟକ ଓ ଭୁବନେଶ୍ୱରର ଡିସିପିଙ୍କୁ ଚିଠି ଲେଖିଛନ୍ତି। ଏହି ଅଭିଯାନ ଜରିଆରେ ଜନସାଧାରଣଙ୍କ ମଧ୍ୟରେ ସୁରକ୍ଷିତ ଯାତ୍ରା ପାଇଁ ନିୟମ ପାଳନର ଗୁରୁତ୍ୱ ସଂପର୍କରେ ବାର୍ତ୍ତା ପ୍ରଦର୍ଶିତ ହେବ। ➤ ପୃ-୬

## ବକ୍ରବାଣୀ



କାଢ଼ ଅଛି ଯଦି ଏମିତି କର
ତିନି ମାସ ମଧ୍ୟେ ବିଚାର ସାର
ଦୁଇ ମାସ ମଧ୍ୟେ ସାରି ତଦନ୍ତ
ଭାଙ୍ଗି ଦିଅ ଭ୍ରଷ୍ଟାଚାରୀଙ୍କ ଦାନ୍ତ
ଅଭିଯୁକ୍ତ ଯଦି ନିର୍ଦ୍ଦୋଷ ହେବ
ଅଭିଯୋଗକାରୀ ଦଣ୍ଡ ପାଇବ
ଅଭିଯୁକ୍ତ ଯଦି ହୁଅଇ ଦୋଷୀ
ହୋଇଯାଉ ତାକୁ ଜିୟଲ ଫାଶୀ
ଅସଲ କଥାରେ ନ ମାରି ହାତ
ଭେଳିକି କରୁଚ କିଆଁ କୁହ ତ।

— ଟୁଟୁ

### ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ୫ ବର୍ଷରେ ନିର୍ମାଣ ହେବ ୫ଶହ ସେତୁ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଭିନ୍ନ ସଡକ ଓ ସେତୁ ନିର୍ମାଣ ଜରିଆରେ ରାଜ୍ୟର ସମସ୍ତ ଗ୍ରାମାଞ୍ଚଳକୁ ସବୁଦିନିଆ ରାସ୍ତା ସଂଯୋଗୀ କରଣର ଗୁରୁଦାୟିତ୍ୱ ଏହି ବିଭାଗ ଉପରେ ନ୍ୟସ୍ତ ରହିଛି। ୫ ବର୍ଷ ଭିତରେ ୩୦ ହଜାର କିଲୋମିଟର ରାସ୍ତା ଓ ୫୦୦ ସେତୁ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ବିଭିନ୍ନ ସ୍କିମ୍ ଓ ବଜେଟ୍ ମାଧ୍ୟମରେ ବିଭାଗକୁ ମିଳୁଥିବା ଅର୍ଥରାଶିର ଶତପ୍ରତିଶତ ଉପଯୋଗ କରି ରାଜ୍ୟବାସୀଙ୍କୁ ଉନ୍ନତ ମାନର ଗମନା ଗମନ ସୁବିଧା ଯୋଗାଇ ଦେବା ଉପରେ ମୁଖ୍ୟମନ୍ତ୍ରୀ



ଗୁରୁତ୍ୱ ଦେଇଥିଲେ। ଏଥିସହିତ ରାସ୍ତା ଓ ସେତୁ ଗୁଡିକର ଗୁଣବତ୍ତା ସହିତ ଏହାର ରକ୍ଷଣା ବେକ୍ଷଣ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ନିମ୍ନ ମାନର କାମ କରୁଥିବା କଣ୍ଟ୍ରାକ୍ଟର ଓ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ପାହାଡିଆ ଅଞ୍ଚଳରେ ଥିବା ଗ୍ରାମଗୁଡିକରେ ଲୋକଙ୍କ ଗମନାଗମନ ପାଇଁ ଉତ୍ତମ ମାନର ରାସ୍ତା ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେଉଥିବା କଣ୍ଟ୍ରାକ୍ଟର ମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକର ଆଲୋଚନାରୁ ଜଣାପଡିଛି ଯେ, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଅଦ୍ୟାବଧି ଅନୁମୋଦନ ପ୍ରାପ୍ତ ୭୩,୯୮୪.୮୮ କିଲୋମିଟର ରାସ୍ତା ମଧ୍ୟରୁ ୭୦,୭୧୧.୨୪ କିଲୋମିଟର ରାସ୍ତା ନିର୍ମାଣ କରି ଓଡିଶା ଭାରତ ବର୍ଷରେ ଚତୁର୍ଥ ସ୍ଥାନ ହାସଲ କରିଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ପୂର୍ବରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ମାର୍ଗଦର୍ଶିକା ଅନୁଯାୟୀ କାମ କରାଯାଉଥିଲା। ବର୍ତ୍ତମାନ ଏହାର ଚତୁର୍ଥ ପର୍ଯ୍ୟାୟର କାମ ମଧ୍ୟ ହାତକୁ ନିଆଯାଇଛି। ଏହି ପର୍ଯ୍ୟାୟରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ, ଆକାଂକ୍ଷୀ ବ୍ଲକ, ନକ୍ସଲ ପ୍ରଭାବିତ ଅଞ୍ଚଳ ମାନଙ୍କରେ ସଡକ ଓ ସେତୁ ନିର୍ମାଣ କରାଯିବ। ଚତୁର୍ଥ ପର୍ଯ୍ୟାୟରେ ୧,୦୨୧ଟି ଯୋଗାଯୋଗ ବିହୀନ ➤ ପୃ-୬

## ଦେଶର ବୈଦେଶିକ ମୁଦ୍ରାଭଣ୍ଡାରରେ ୧.୪୮ ବିଲିୟନ ଡଲାର ବୃଦ୍ଧି

**ନୂଆଦିଲ୍ଲୀ :** ଅଗଷ୍ଟ ୧୫ ତାରିଖରେ ସମାପ୍ତ ହୋଇଥିବା ସପ୍ତାହରେ ଭାରତର ବୈଦେଶିକ ମୁଦ୍ରାଭଣ୍ଡାର ୧.୪୮ ବିଲିୟନ ଡଲାର ବୃଦ୍ଧି ସହ ୬୯୫.୧୦ ବିଲିୟନ ଡଲାରକୁ ପହଞ୍ଚି ଯାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏହି ତଥ୍ୟ ଜାରି କରିଛନ୍ତି। ସେପଟ୍ଟେମ୍ବର ୨୦୨୪ ଶେଷରେ ଭାରତୀୟ ବୈଦେଶିକ ମୁଦ୍ରାଭଣ୍ଡାର ୭୦୪.୮୮୫ ବିଲିୟନ ଡଲାରର ରେକର୍ଡ ସ୍ତରକୁ ପହଞ୍ଚିଥିଲା। ବୈଦେଶିକ ମୁଦ୍ରାଭଣ୍ଡାରର ଏହା ଏପର୍ଯ୍ୟନ୍ତ ସର୍ବାଧିକ ସ୍ତର। ୧୫ ଅଗଷ୍ଟ ସପ୍ତାହରେ ବିଦେଶୀ ମୁଦ୍ରା ସମ୍ପତ୍ତି (ଫରେନ କରେନ୍ସୀ ଆସେଟ) ୧.୯୨ ଡଲାର ବଢି ୫୮୫.୯୦ ବିଲିୟନ ଡଲାର ହୋଇଯାଇଛି। ଏହା ମୋଟ ବୈଦେଶିକ ମୁଦ୍ରାଭଣ୍ଡାରର ସବୁଠୁ ବଡ଼ ଅଂଶ। ଏହି ସମ୍ପତ୍ତିରେ ଡଲାର ବ୍ୟତୀତ ୟୁରୋ, ପାଉଣ୍ଡ ଓ ୟେନ ଭଳି ବିଦେଶୀ ମୁଦ୍ରା ରହିଛି। ଏଣୁ ବୈଦେଶିକ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ପୁରୁଣା ରୋଗରୁ ମୁକ୍ତ ମିଳିବ। ଆବଶ୍ୟକରୁ ଅଧିକ ଖର୍ଚ୍ଚ ହେବ। ପରିବାରରେ ସମୟ କଟିବ। କାର୍ଯ୍ୟ କ୍ଷେତ୍ରରେ ସଫଳତା ମିଳିବ। ଛାତ୍ରମାନଙ୍କ ପାଇଁ ସମୟ ସାମାନ୍ୟ ରହିବ। ଦମ୍ପତ୍ତି ମାନଙ୍କର ଉଭୟଙ୍କ ପ୍ରତି ବିଶ୍ୱାସ ବଢ଼ିବ।

**ବୃଷ** ଭଲ ସ୍ୱାସ୍ଥ୍ୟ ପାଇଁ ଆରାମ କରନ୍ତୁ। ଅନେକ ଦିଗରୁ ଧନପ୍ରାପ୍ତି ହେବ। ଭ୍ରମଣରେ ଯାଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ଅନ୍ୟମାନଙ୍କୁ ପଛରେ ପକାଇ ଆଗକୁ ବଢ଼ିବେ। ଛାତ୍ରମାନେ ସଫଳତା ପାଇବେ। ପ୍ରେମୀଙ୍କୁ ଦୁଃଖି କରିପାରନ୍ତି।

**ମିଥୁନ** ଅନେକ ଦିନର ରୋଗରୁ ମୁକ୍ତି ପାଇବେ। ନିବେଶରୁ ଲାଭ ମିଳିବ। ନିଜ ଲୋକଙ୍କ ଠାରୁ ଖରାପ ବ୍ୟବହାର ପାଇବେ। କାର୍ଯ୍ୟକ୍ଷେତ୍ରରେ ସଂମତା ରକ୍ଷା କରନ୍ତୁ। ଛାତ୍ରମାନଙ୍କୁ ଶିକ୍ଷକଙ୍କ ସହଯୋଗ ପାଇବେ।

**କର୍କଟ** ବ୍ୟାୟାମରେ ମନ ଦେବେ। ଅଯଥା ଖର୍ଚ୍ଚ ହେବ। କୌଣସି ଦୁଃସମ୍ବାଦ ପାଇପାରନ୍ତି। ଚାକିରିରେ ପଦୋନ୍ନତି ଓ ସ୍ଥାନାନ୍ତରଣ ଯୋଗ ଅଛି। ଛାତ୍ରମାନଙ୍କ ହାତରୁ ଅନେକ ସୁଯୋଗ ହାତଛଡା ହୋଇପାରେ।

**ସିଂହ** ମନରେ ଆତ୍ମବିଶ୍ୱାସ ବଢ଼ିବ। ବ୍ୟବସାୟରେ ଅର୍ଥ ବିନିଯୋଗ ବଢ଼ିବ। ପରିବାରରେ ସମୟ ଭଲରେ କଟିବ। କାର୍ଯ୍ୟ କ୍ଷେତ୍ରରେ ଲକ୍ଷ୍ୟ ପ୍ରାପ୍ତିର ସୁଯୋଗ ଆସିବ। ଉଚ୍ଚଶିକ୍ଷା ପାଇଁ ଛାତ୍ରମାନଙ୍କ ସମୟ ଉତ୍ତମ।

**କନ୍ୟା** କାମର ବୋଝ କଷ୍ଟ ଦେଇପାରେ। ଖର୍ଚ୍ଚ ଉପରେ ଲଗାମ ଲଗାନ୍ତୁ। ଧନର ବୋଝ ବଢ଼ିବ। ଆୟ ବଢ଼ିବ। ପରିବାରର ବୟସ୍କଙ୍କ ଠାରୁ ଉପଦେଶ ନିଅନ୍ତୁ। ପ୍ରେମୀଙ୍କ ସାଥିରେ ପୁରୁଣା କଥାକୁ ନେଇ ମତଭେଦ ହୋଇପାରେ।

**ତୁଳା** ମାନସିକ ଶାନ୍ତିରେ ବାଧା ଉପୁଜିବ। ଆୟ ଅପେକ୍ଷା ବ୍ୟୟ ବଢ଼ିବ। ଯେଉଁଥିପାଇଁ ପ୍ରେମୀଙ୍କ ସହ ବଚସା ହୋଇପାରେ। ପରିବାରର ସହଯୋଗ ପାଇବେ। ସହକର୍ମୀଙ୍କ ଠାରୁ ସହଯୋଗ ପାଇବେ।

**ବିଛା** ସ୍ୱାସ୍ଥ୍ୟରେ ସାକାରାତ୍ମକ ପରିବର୍ତ୍ତନ ହେବ। କୌଣସି ନିଜ ଲୋକ ଧନର ଦାବି କରିବେ। ଯାହା କଷ୍ଟ ଦେବ ବାପାମାଆଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହେବ। ନୂତନ ଘର ବା ଗାଡି କରିପାରନ୍ତି।

**ଧନୁ** ଯାତ୍ରା ଜନିତ କଷ୍ଟ ଅନୁଭବ କରିବେ। ଆର୍ଥିକ ଅସୁବିଧା ହୋଇପାରେ। ଘରେ ଓ ବାହାରେ ନିଜର ବାଣୀ ଉପରେ ନିୟନ୍ତ୍ରଣ ରଖନ୍ତୁ। ଛାତ୍ରମାନେ ଭଲ ଫଳ ପାଇବେ। ଜୀବନସାଥୀଙ୍କ କିଛି କଥା କଷ୍ଟ ଦେଇପାରେ।

**ମକର** ଉତ୍ତମ ସ୍ୱାସ୍ଥ୍ୟ ରହିବ। ନିଜ ଲୋକ ବିଶ୍ୱାସଘାତକ କରିପାରନ୍ତି। ପୂର୍ବରୁ ଥିବା କାମ ଗୁଡିକ ଠିକ ସମୟରେ ସରିବ। ପଦୋନ୍ନତି ବା ଦରମା ବଢ଼ିପାରେ। ଛାତ୍ରମାନେ ଅସଫଳ ହୋଇପାରନ୍ତି।

**କୁମ୍ଭ** ପେଟ ଓ ଗୋଡ ସମ୍ବନ୍ଧୀୟ ପୀଡା ହୋଇପାରେ। ବ୍ୟବସାୟରେ କ୍ଷତି ହୋଇପାରେ। ଖରାପ ଅଭ୍ୟାସରୁ ଦୂରେଇ ରହନ୍ତୁ। କାର୍ଯ୍ୟକ୍ଷେତ୍ରରେ ଶତ୍ରୁ ବି ମିତ୍ର ହେବେ। ଛାତ୍ରମାନେ ଗୁରୁଙ୍କ ସହଯୋଗ ପାଇଷବ। ପ୍ରେମୀଙ୍କ ପାଇଁ ସମୟ ଭଲ ନୁହେଁ।

**ମୀନ** ସ୍ୱାସ୍ଥ୍ୟ ପାଇଁ ଡାକ୍ତରଙ୍କ ପରାମର୍ଶ କରିପାରନ୍ତି। ଅର୍ଥ ବିନିଯୋଗ କଥା ଗୁପ୍ତ ରଖନ୍ତୁ। ଅନ୍ୟକୁ ଗୁରୁତ୍ୱ ଦିଅନ୍ତୁ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ଆଗାମୀ ପରୀକ୍ଷାରେ ଛାତ୍ରମାନେ ସଫଳ ହେବ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### କେନ୍ଦ୍ରର ପ୍ରସ୍ତାବକୁ ମନ୍ତ୍ରୀ ସ୍ତରୀୟ ବୈଠକରେ ମଞ୍ଜୁରୀ

# ହଟିବ ୧୨% ଏବଂ ୨୮% ଜିଏସ୍‌ଟି ସ୍ଲାବ୍

**ନୂଆଦିଲ୍ଲୀ :** ସାମଗ୍ରୀ ଏବଂ ସେବା ଟିକସ ବା ଜିଏସ୍‌ଟି ବ୍ୟବସ୍ଥାକୁ ଆହୁରି ସରଳ କରିବାକୁ ପ୍ରସ୍ତୁତି କରୁଛନ୍ତି ସରକାର। ନିକଟରେ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ନିଜେ ମଧ୍ୟ ଜିଏସଟି ସରଳୀକରଣ କଥା କହିଥିଲେ। ଯାହା ପରେ ଏବେ ଏହି ପ୍ରକ୍ରିୟା ଆଉ ପାଦେ ଆଗେଇଛି। ଗୁରୁବାର ରାଜ୍ୟଗୁଡ଼ିକର ଅର୍ଥମନ୍ତ୍ରୀମାନଙ୍କ ବୈଠକରେ କେନ୍ଦ୍ର ଦ୍ୱାରା ପ୍ରସ୍ତାବିତ ଜିଏସ୍‌ଟି ସରଳୀକରଣକୁ ସହମତି ମିଳିଛି। ଏହାର ଅର୍ଥ ବର୍ତ୍ତମାନ ଥିବା ଜିଏସଟିର ୪ଟି ସ୍ଲାବ (୫%, ୧୨%, ୧୮%, ୨୮%)କୁ ହଟାଇ କେବଳ ଦୁଇଟି ସ୍ଲାବ ରଖାଯିବ। ସରଳ ଭାଷାରେ କହିଲେ ୧୨% ଏବଂ ୨୮% ଜିଏସଟି ସ୍ଲାବ ଉଚ୍ଛେଦ କରାଯିବ ଏବଂ କେବଳ ୫% ଏବଂ ୧୮% ସ୍ଲାବ ରହିବ। ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ନେତୃତ୍ୱରେ ବସିଥିବା ୬ ସଦସ୍ୟ ବିଶିଷ୍ଟ ମନ୍ତ୍ରୀଙ୍କ ବୈଠକରେ ନିଷ୍ପତ୍ତି ହୋଇଛି ଯେ, ଜିଏସ୍‌ଟି ହାରକୁ କେବଳ ଦୁଇଟି ସ୍ଲାବରେ ବିଭକ୍ତ କରାଯିବ। ଏଥିରେ, ଭଲ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ୫% ହାର ଲାଗୁ ହେବ। ଅଧିକାଂଶ ମାନକ ସାମଗ୍ରୀ ଏବଂ ସେବା ଉପରେ ୧୮% ଟିକସ ଲାଗୁ ହେବ। ଏହା ବ୍ୟତୀତ,




ବିଳାସପୂର୍ଣ୍ଣ ସାମଗ୍ରୀ ୪୦% ସ୍ଲାବରେ ରହିବ। ଏହି ନିଷ୍ପତ୍ତି ପରେ, ପୂର୍ବରୁ ୧୨% ଟିକସ ଲାଗୁ ହେଉଥିବା ପ୍ରାୟ ୯୯% ସାମଗ୍ରୀ ଏବେ ୫% ସ୍ଲାବରେ ଆସିବ। ଅନ୍ୟପକ୍ଷରେ ପୂର୍ବରୁ ୨୮% ଟିକସ ଲାଗୁ ହେଉଥିବା ପ୍ରାୟ ୯୦% ସାମଗ୍ରୀ ଉପରେ ୧୮% ଟିକସ ଲାଗୁ ହେବ। ଏହା ଟିକସ ବ୍ୟବସ୍ଥାକୁ ଅଧିକ ସରଳ ଏବଂ ସ୍ପଷ୍ଟ କରିବ, ଯାହା ସାଧାରଣ ଲୋକଙ୍କ ସହିତ ବ୍ୟବସାୟୀମାନଙ୍କୁ ମଧ୍ୟ ଲାଭ ଦେବ। ମନ୍ତ୍ରିମଣ୍ଡଳ ମଧ୍ୟ ପ୍ରସ୍ତାବ ଦେଇଛି ଯେ, ବିଳାସପୂର୍ଣ୍ଣ କାରଗୁଡ଼ିକ ଉପରେ ୪୦% ହାରରେ ଟିକସ ଲାଗୁ କରାଯିବା ଉଚିତ। ଏହା ସହିତ, କିଛି କ୍ଷତିକାରକ ଜିନିଷକୁ ମଧ୍ୟ ଏହି ସ୍ଲାବରେ ରଖାଯିବ। ମନ୍ତ୍ରିମଣ୍ଡଳରେ ଥିବା ଉତ୍ତର ପ୍ରଦେଶ, ରାଜସ୍ଥାନ, ପଶ୍ଚିମବଙ୍ଗ, କର୍ଣ୍ଣାଟକ ଏବଂ କେରଳର ଅର୍ଥମନ୍ତ୍ରୀମାନେ ମଧ୍ୟ ଏହି ପ୍ରସ୍ତାବକୁ ସମର୍ଥନ କରିଛନ୍ତି। ସେମାନେ କହିଛନ୍ତି ଯେ, ଏହା ଟିକସ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବ ଏବଂ ଟିକସଦାତାଙ୍କ ସଂଖ୍ୟା ବୃଦ୍ଧି ପାଇବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ବୈଠକରେ କହିଛନ୍ତି ଟିକସ ହାରକୁ ଯୁକ୍ତିଯୁକ୍ତ କରିବା ଦ୍ୱାରା ସାଧାରଣ ଜନତା ଲାଭବାନ ହେବେ। ଏହି ନୂତନ ବ୍ୟବସ୍ଥା ଟିକସ ସିଷ୍ଟମକୁ ସରଳ ଏବଂ ସ୍ୱଚ୍ଛ କରିବ। ଏହା ଅନେକ ସାମଗ୍ରୀ ଉପରେ ଟିକସ ହାର ହ୍ରାସ କରିବ, ଯାହା ସାମଗ୍ରୀର ମୂଲ୍ୟ ହ୍ରାସ କରିବ ଏବଂ ଗ୍ରାହକଙ୍କୁ ଆଶ୍ୱସ୍ତି ମିଳିବ।

## ପଶ୍ଚିମବଙ୍ଗ ସରକାରଙ୍କ ସମୀକ୍ଷା ଆବେଦନ ରଦ୍ଦ

**ନୂଆଦିଲ୍ଲୀ :** ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ପଶ୍ଚିମବଙ୍ଗ ସରକାରଙ୍କୁ ସୁପ୍ରିମକୋର୍ଟରୁ ବଡ ଝଟକା ଲାଗିଛି। ୨୫,୦୦୦ ଶିକ୍ଷକ ଓ ଅଣଶିକ୍ଷକଙ୍କ ନିଯୁକ୍ତି ରଦ୍ଦ ପ୍ରସଙ୍ଗରେ ଦାୟର ଏକାଧିକ ସମୀକ୍ଷା ଆବେଦନକୁ ମଙ୍ଗଳବାର ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ପଶ୍ଚିମବଙ୍ଗ ସ୍କୁଲ ସେବା କମିସନ (ଡବ୍ଲ୍ୟୁବିଏସ୍ଏସ୍‌ସି) ଦ୍ୱାରା ୨୦୧୬ରେ ନିଯୁକ୍ତି ଦିଆଯାଇଥିବା ପ୍ରାୟ ୨୫,୦୦୦ ଶିକ୍ଷକ ଓ ଅଣଶିକ୍ଷକଙ୍କ ନିଯୁକ୍ତିକୁ ସୁପ୍ରିମକୋର୍ଟ ଗତ ଏପ୍ରିଲ ୩ରେ ରଦ୍ଦ କରିଦେଇଥିଲେ। ଏହିସବୁ ଶିକ୍ଷକ ଓ ଅଣଶିକ୍ଷକ ନିଯୁକ୍ତି ପଛରେ ବ୍ୟାପକ ଅର୍ଥ କାରବାର ହୋଇଥିବା ଜଣାପଡିବା ପରେ ପ୍ରଥମେ କଲକାତା ହାଇକୋର୍ଟ ଏହି ନିଯୁକ୍ତିକୁ ରଦ୍ଦ କରିଥିଲେ। ହାଇକୋର୍ଟ ରାୟକୁ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ଚାଲେଞ୍ଜ କରିଥିଲେ। ମାତ୍ର ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟ କାଏମ ରଖିଥିଲେ।

## ରାଜସ୍ଥାନରୁ ମିଳିଲା ଡାଇନୋସରର ଜୀବାଶ୍ମ ଭଳି ଅବଶେଷ

**ରାଜସ୍ଥାନ :** ରାଜସ୍ଥାନର ଜୈସଲମେର ଜିଲ୍ଲାର ଏକ ଗାଁରେ ଡାଇନୋସର ଯୁଗର ଜୀବାଶ୍ମ ମିଳିଛି। ଏଠାରେ ଏକ ପୋଖରୀ ଖନନ କାମ ଚାଲି ଥିଲା, ଏତିକି ବେଳେ ବଡ଼ ବଡ଼ ହାଡ଼ ଆକାରର ଏକ ଗଠନ (ଷ୍ଟ୍ରକର) ଓ ଜୀବାଶ୍ମ ଭଳି କିଛି ଅବଶେଷ ମିଳିଛି। ବିଶେଷଜ୍ଞଙ୍କ କହିବାନୁସାରେ, ଏହା ଏକ ଡାଇନୋସରର କଙ୍କାଳ ହୋଇପାରେ। ଏଥିରେ ଏହି ସ୍ଥାନର ପ୍ରାଗୈତିହାସିକ ଡାଇନୋସର ଯୁଗ ସହ ଜଡ଼ିତ ହେବାର ସମ୍ଭାବନା ବୃଦ୍ଧି ପାଇଛି। ହେଲେ ଏହାର ବୈଜ୍ଞାନିକ ନିଶ୍ଚିତକରଣ ଏପର୍ଯ୍ୟନ୍ତ ହୋଇ ନାହିଁ। ଏବେ ଜିଆଇଏସ ଟିମ୍ ଏହାର ବୌଜ୍ଞାନିକ ପରୀକ୍ଷଣ କରିବ। ଫତେଗଡ ଉପଖଣ୍ଡର ମେଘା ଗାଁରେ ଏକ ପୋଖରୀର ଖନନ କରିବା ବେଳେ ଲୋକଙ୍କୁ ପଥରର ଏହି ସ୍ୱତନ୍ତ୍ର ଗଠନ ଓ ଏକ ବଡ଼ କଙ୍କାଳ ସଦୃଶ ଏକ



ଗଠନ ମିଳିଛି। ଏଥିରୁ କିଛି ଖଣ୍ଡ ଜୀବାଶ୍ମ କାଠ ପରି ଦେଖାଯାଇ ଥିବା ବେଳେ ଆଉ କିଛି ହାଡ଼ ପରି ଦେଖାଯାଉଛି। ବିଶେଷଜ୍ଞଙ୍କ ମତରେ ପଶ୍ଚିମୀ ରାଜସ୍ଥାନରେ ଜୀବାଶ୍ମ କାଠ ଅସାମାନ୍ୟ ନୁହେଁ , କିନ୍ତୁ ହାଡ଼ ଭଳି ଗଠନର ଉପସ୍ଥିତି ଏହି ଆବିଷ୍କାରକକୁ ସ୍ୱତନ୍ତ୍ର କରିଥାଏ। ଫତେଗଡ଼ ଉପଖଣ୍ଡର ଅଧିକାରୀ ତଥା ତହସିଲଦାର ବୁଧବାର ଦିନ ଘଟଣାସ୍ଥଳକୁ ଗସ୍ତ କରି ଥିଲେ ଏବଂ ଅବଶେଷ ଗୁଡ଼ିକୁ ନିରୀକ୍ଷଣ କରି ଥିଲେ। ଫତେଗଡ଼ର ଉପଖଣ୍ଡ ଅଧିକାରୀ ଭରତରାଜ ଗୁର୍ଜର ଗୁରୁବାର ପିଟିଆଇକୁ କହିଥିଲେ, ଆମେ ଉଚ୍ଚ ଅଧିକାରୀଙ୍କୁ ସୂଚିତ କରି ଦେଇଛୁ ଏବଂ ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ (ଜିଆଇଏସ)ର ବୈଜ୍ଞାନିକମାନେ ତଦନ୍ତ ପାଇଁ ଘଟଣାସ୍ଥଳ ପରିଦର୍ଶନ କରିବେ ବୋଲି ଆଶା କରାଯାଉଛି। ପୂରା ଯାଞ୍ଚ ପରେ ହିଁ ଆମେ ଜୀବାଶ୍ମର ବୟସ ଓ ପ୍ରକାରର ନିଶ୍ଚିତ କରି ପାରିବୁ। ପ୍ରଫେସର ଶ୍ୟାମ ସୁନ୍ଦର ମୀଣା କହିଛନ୍ତି, ଏହି ଅବଶେଷ କୌଣସି ଗଭୀର ଖନନରୁ ବାହାରି ନାହିଁ ବରଂ ପୃଷ୍ଠ ଭାଗରେ ହିଁ ପଡ଼ିଥିବାର ଦେଖା ଯାଉଛି। ସମ୍ଭବ ଯେ, ଏହା ଅଧିକ ପ୍ରାଚୀନ ହୋଇ ନଥିବ ଏବଂ କେବଳ ୫୦ରୁ ୧୦୦ ବର୍ଷ ପୁରୁଣା ହୋଇ ଥିବ। କେବଳ କାର୍ବନ ଡେଟିଂ ଓ ବୈଜ୍ଞାନିକ ବିଶ୍ଳେଷଣର ଅନ୍ୟ ଉପାୟରେ ଏହାର ସଠିକ୍ ବୟସ ବିଷୟରେ ଜଣାପଡ଼ିପାରେ।

## ଟ୍ରେନରେ ଅଧିକ ସାମଗ୍ରୀ ନେବା ପାଇଁ ଦେବାକୁ ପଡ଼ିବନି ଅତିରିକ୍ତ ଦେୟ : ମନ୍ତ୍ରୀ



**ନୂଆଦିଲ୍ଲୀ :** ରେଲୱେରେ ଧାର୍ଯ୍ୟ ଓଜନଠାରୁ ଅଧିକ ସାମଗ୍ରୀ ନେବା ଉପରେ କ'ଣ ସତରେ ଅତିରିକ୍ତ ଚାର୍ଜ ଦେବାକୁ ପଡ଼ିବ? ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବେ ଏହା ଉପରେ ସ୍ପଷ୍ଟୀକରଣ ଦେଇଛନ୍ତି। ସେ ଏଭଳି ଖବରକୁ ଖଣ୍ଡନ କରିବା ସହ ଏହା ଭୁଲ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ କିଛି ଦିନ ତଳେ ଏକ ଖବର ଆସିଥିଲା, ଯେଉଁଥିରେ ରେଲୱେରେ ଅଧିକ ସାମଗ୍ରୀ ନେବା ଉପରେ ଟଙ୍କା ଦେବାକୁ ପଡ଼ିବ ବୋଲି କୁହାଯାଇଥିଲା। ପ୍ରତିକ୍ରିୟାରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଟ୍ରେନରେ କେତେ ଓଜନର ସାମଗ୍ରୀ ନେଇପାରିବେ ସେ ନେଇ ଦଶନ୍ଧି ପୂର୍ବରୁ ନିୟମ ଅଛି। ଏବେ କୌଣସି ନୂଆ ନିୟମ ହୋଇନି। ରେଳ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ଟ୍ରେନରେ ଯାତ୍ରା କରୁଥିବା ଯାତ୍ରୀଙ୍କାଠୁ ଅଧିକ ସାମଗ୍ରୀ ପାଇଁ କୌଣସି ଅତିରିକ୍ତ ଟଙ୍କା ଆଦାୟ କରାଯିବ ନାହିଁ। ପ୍ରଥମ ରିପୋର୍ଟରେ ଦାବି କରାଯାଇଥିଲା ଯେ ଫାର୍ଷ୍ଟ କ୍ଲାସରେ ଯାତ୍ରା କରୁଥିବା ଯାତ୍ରୀଙ୍କୁ ୭୦ କିଲୋ ଯାଏ ସାମଗ୍ରୀ ନେବା ପାଇଁ ଛାଡ଼ ଅଛି। ସେକେଣ୍ଡ କ୍ଲାସରେ ୫୦ କିଲୋ, ଥାର୍ଡ ଏସି ଓ ସ୍ଲିପର୍ କ୍ଲାସ୍ ପାଇଁ ୪୦ କିଲୋଗ୍ରାମ ଲିମିଟ୍ ଧାର୍ଯ୍ୟ କରାଯାଇଛି। ସେହିପରି ଜେନେରାଲ୍ ଅର୍ଥାତ୍ ସେକେଣ୍ଡ କ୍ଲାସରେ ଯାତ୍ରା କରୁଥିବା ଯାତ୍ରୀଙ୍କୁ କେବଳ ୩୫ କିଲୋ ନେବା ପାଇଁ ଅନୁମତି ଅଛି। ଯଦି ଯାତ୍ରୀ ଏହାଠାରୁ ଅଧିକ ସାମଗ୍ରୀ ଟ୍ରେନରେ ଧରି ଯାଆନ୍ତି, ତେବେ ତାଙ୍କୁ ଅତିରିକ୍ତ ଟଙ୍କା ଦେବାକୁ ପଡ଼ିବ। କିନ୍ତୁ କେନ୍ଦ୍ର ରେଳ ମନ୍ତ୍ରୀ ଏବେ ଏହି ଖବରକୁ ଖଣ୍ଡନ କରିଛନ୍ତି।

# ମୌସୁମୀ ଅଧିବେଶନର ପ୍ରଡକ୍ଟିଭିଟି ୧୦୦% : କିରେନ ରିଜିଜୁ

**ନୂଆଦିଲ୍ଲୀ :** ସଂସଦର ମୌସୁମୀ ଅଧିବେଶନ ଗୁରୁବାର ଅନିଶ୍ଚିତ କାଳ ପାଇଁ ସ୍ଥଗିତ ହୋଇଯାଇଛି। ଏହା ପରେ ସଂସଦ ପରିସରରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେଣ ରିଜିଜୁ ସାମ୍ବାଦିକ ସମ୍ମିଳନୀ କରି ମୌସୁମୀ ଅଧିବେଶନ ସଂସଦୀୟ କାର୍ଯ୍ୟ ୧୦୦ ପ୍ରତିଶତ ସଫଳ ହୋଇଥିବା କହିଛନ୍ତି। ଅଧିବେଶନ କାଳରେ ସଂସଦର ଉଭୟ ସଦନରେ ମୋଟ ୧୫ଟି ବିଧେୟକ ଗୃହୀତ ହୋଇଥିବା ସେ କହିଛନ୍ତି। ଏହି ଅବସରରେ ରିଜିଜୁ କହିଛନ୍ତି ଯେ ଗଣତନ୍ତ୍ରରେ ବିରୋଧୀ ରହିବା ଆବଶ୍ୟକ। ବିରୋଧ କରିବା, ଅସହମତି ପ୍ରକାଶ କରିବା ଅଥବା ନିଜର କଥା



କହିବା ଗଣତାନ୍ତ୍ରିକ ଅଧିକାର। ହେଲେ ସଂସଦରେ ସରକାରଙ୍କ କାମରେ ବାଧା ଦେବା ଓ ଏହାକୁ ରୋକିବା ଅଗଣତାନ୍ତ୍ରିକ। ରିଜିଜୁ ବୁଧବାର ଲୋକସଭାରେ ଗୃହମନ୍ତ୍ରୀ ଅମିତ ଶାହଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ୩ ବିଧେୟକକୁ ବିପକ୍ଷଙ୍କ ବିରୋଧକୁ ଉଲ୍ଲେଖ କରିଛନ୍ତି। ରିଜିଜୁ କହିଛନ୍ତି ଯେ ଏହି ବିଧେୟକ ମଧ୍ୟରୁ ଗୋଟିକରେ ଗୁରୁତର ଅଭିଯୋଗରେ ୩୦ ଦିନ ପର୍ଯ୍ୟନ୍ତ ଗିରଫ ହୋଇ ରହିଲେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ପଦରୁ ହଟାଇବାର ପ୍ରାବଧାନ ରହିଛି। ଏହା ଏକ କ୍ରାନ୍ତିକାରୀ ପ୍ରସ୍ତାବ ବୋଲି ରିଜିଜୁ କହିଛନ୍ତି। ସେ କହିଛନ୍ତି ଯେ କିଛି ଦଳ ନିଜକୁ ବଞ୍ଚାଇବା ପାଇଁ ଆଇନ କରିଥାନ୍ତି ହେଲେ ପ୍ରଧାନମନ୍ତ୍ରୀ ତାଙ୍କ କାର୍ଯ୍ୟାଳୟକୁ ଏହି ପ୍ରସ୍ତାବିତ ଆଇନ ପରିସରକୁ ଆଣିବା ପାଇଁ ନିଷ୍ପତ୍ତି ନେଇଛନ୍ତି, ଏହା ଏକ ବଡ଼ ନିଷ୍ପତ୍ତି। ହେଲେ କଂଗ୍ରେସ ପାର୍ଟି ଏହାକୁ ବିରୋଧ କରି ଗୃହକୁ ଭ୍ରମିତ କରିବାକୁ ଚେଷ୍ଟା କରୁଥିବା ରିଜିଜୁ କହିଛନ୍ତି। ଏହି ଶରଳ ବିଧେୟକକୁ ବିପକ୍ଷ ବୁଝିବାକୁ ଚେଷ୍ଟା କରୁ ନାହିଁ। ଏବେ ଏହି ବିଧେୟକ ଉପରେ ଏକ ମିଳିତ ସଂସଦୀୟ କମିଟି (ଜେପିସି) ଗଠନ ହେବ। ଏହା ଉପରେ ଚର୍ଚ୍ଚା ହେବ, ହେଲେ ବିରୋଧୀ ଆଇନ ଉପରେ ଚର୍ଚ୍ଚା ପାଇଁ ପ୍ରସ୍ତୁତ ନୁହନ୍ତି। ସେମାନେ ସଂସଦରେ କେବଳ ପ୍ଲାକାର୍ଡ ଧରି ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି, ଏହା ବାସ୍ତବିକ ଅଗଣତାନ୍ତ୍ରିକ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ବିଜେପି ଅନେକ ବର୍ଷଧରି ବିରୋଧୀ ଦଳରେ ଥିଲା। ହେଲେ ଏପରି ବ୍ୟବହାର କେବେ କରି ନାହିଁ।

## 'ଭୋଟର ତାଲିକାରେ ସାମିଲ ଲାଗି ଆଧାର ବୈଧ'

**ନୂଆଦିଲ୍ଲୀ :** ସୁପ୍ରିମକୋର୍ଟ ଏସ୍ଆଇଆର୍ ବିରୋଧରେ ଦାଖଲ ଆବେଦନ ଉପରେ ଶୁଣାଣି କରିଛନ୍ତି। ସୁପ୍ରିମକୋର୍ଟ ନିର୍ବାଚନ ଆୟୋଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି, ଯେଉଁ ଲୋକଙ୍କ ନାଁ ମତଦାନ ସୂଚୀରୁ ବାହାର ହୋଇଛି, ସେମାନେ ଅନଲାଇନ୍ ଜରିଆରେ ଆବେଦନ କରିପାରିବେ। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲ୍ୟା ବାଗଚୀଙ୍କ ଖଣ୍ଡପୀଠ ଆବେଦନକାରୀଙ୍କୁ ଆଧାରକାର୍ଡ ଓ ଅନ୍ୟ ୧୧ ଦସ୍ତାବିଜ ସହ ଆବେଦନ କରିବା ପାଇଁ ମଞ୍ଜୁରି ଦେଇଛନ୍ତି। ରାଜନୈତିକ ପାର୍ଟିଗୁଡ଼ିକ ମତଦାନ ସୂଚୀରୁ ବାହାର ହୋଇଥିବା ୬୫ ଲକ୍ଷ ଲୋକଙ୍କ ନାଁ ଉପରେ ଆପତ୍ତି ଉଠାଇବା ପାଇଁ ଆଗକୁ ନସିବା ଉପରେ ସୁପ୍ରିମକୋର୍ଟ ଆଶ୍ଚର୍ଯ୍ୟ ପ୍ରକାଶ କହିଥିଲେ। ସୁପ୍ରମକୋର୍ଟ ରାଜନୈତିକ ଦଳଗୁଡ଼ିକର ନିଷ୍କ୍ରିୟତା ଉପରେ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ଶୁଣାଣି ବେଳେ ନିର୍ବାଚନ ଆୟୋଗ କହିଥିଲେ ଯେ ୮୫ ହଜାର ନୂଆ ମତଦାତାଙ୍କୁ ଭୋଟର ଲିଷ୍ଟରେ ଯୋଡ଼ାଯାଇଛି। ଏହାସହ ନିର୍ବାଚନ ଆୟୋଗ କହିଥିଲେ ଯେ ରାଜନୈତିକ ପାର୍ଟିଗୁଡ଼ିକ ବୁଥ୍ ସ୍ତରୀୟ ଏଜେଣ୍ଟଙ୍କ ଜରିଆରେ ଏବେ ସୁଦ୍ଧା କେବଳ ଦୁଇଟି ଅଭିଯୋଗ କରିଛନ୍ତି। ସୁପ୍ରିମକୋର୍ଟ କହିଥିଲେ ଯେକୌଣସି ବ୍ୟକ୍ତି ନିଜେ କିମ୍ବା ରାଜନୈତିକ ପାର୍ଟିର ବୁଥ୍ ସ୍ତରୀୟ ଏଜେଣ୍ଟଙ୍କ ସାହାଯ୍ୟରେ ଅନଲାଇନ୍ ଅବେଦନ କରିପାରିବେ। ଏଥିପାଇଁ ହାର୍ଡ କପି ଜମା କରିବାକୁ ପଡ଼ିବ ନାହିଁ। କୋର୍ଟ କହିଥିଲେ ଯେ ଆବେଦନ ଫର୍ମ ୬ ସହ ଆବେଦନକାରୀ ଆଧାର କାର୍ଡ ସମେତ ୧୧ ଦସ୍ତାବିଜଙ୍କ ମଧ୍ୟରୁ ଯେକୌଣସି ଦସ୍ତାବିଜ ଜମା କରିପାରିବେ। ସୁପ୍ରିମକୋର୍ଟ ଏହା ବି କହିଥିଲେ, ବିହାରର ସମସ୍ତ ୧୨ ରାଜନୈତିକ ଦଳ ନିଜ ପାର୍ଟିର କାର୍ଯ୍ୟକର୍ତ୍ତାଙ୍କୁ ଲୋକଙ୍କୁ ସାହାଯ୍ୟ, ସଚେତନ କରାଇବା ଦରକାର। ଫଳରେ ମତଦାନ ସୂଚୀରୁ ନାଁ ହଟିବା ସ୍ଥିତିରେ ଆନଲାଇନ୍ ଆବେଦନ କରିପାରିବେ।

## ଅପରେସନ ସିନ୍ଦୂର ପାଠ ପଢ଼ିବେ ଛାତ୍ରଛାତ୍ରୀ

**ନୂଆଦିଲ୍ଲୀ :** ଅପରେସନ ସିନ୍ଦୂର ବିଷୟରେ ପାଠ ପଢ଼ିବେ ଛାତ୍ରଛାତ୍ରୀ। ତୃତୀୟ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଏକ ସ୍ୱତନ୍ତ୍ର ମଡ୍ୟୁଲ ପ୍ରସ୍ତୁତ କରିଛି ଏନ୍‌ସିଇଆରଟି। ଯାହା ଦ୍ୱାରା ପିଲାଏ ଭାରତୀୟ ସେନାର ପରାକ୍ରମ ବିଷୟରେ ପଢ଼ିବା ସହ ପହଲଗାମ ଆତଙ୍କବାଦୀ କାଣ୍ଡ ବିଷୟରେ ଜାଣି ପାରବେ। କିଭଳି ଆତଙ୍କବାଦୀମାନେ ଏହି ନାରକୀୟ କାଣ୍ଡ ଘଟାଇଥିଲେ ଓ ଭାରତୀୟ ସେନା ଏହାର କିଭଳି ଜବାବ ଦେଇଥିଲା ତାହା ଏକ ସ୍ୱତନ୍ତ୍ର ମଡ୍ୟୁଲରେ ଦର୍ଶାଯାଇଛି। ରାଷ୍ଟ୍ରୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆରଟି) 'ଅପରେସନ୍ ସିନ୍ଦୂର' ଉପରେ ଏକ ସ୍ୱତନ୍ତ୍ର ମଡ୍ୟୁଲ୍ ଆରମ୍ଭ କରିଛି। ଏପ୍ରିଲ ୨୦୨୫ରେ ହୋଇଥିବା ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିଲା। ଏହାର ଜବାବରେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ ବିଷୟରେ ଏହି ମଡ୍ୟୁଲରେ ବିସ୍ତୃତ ଭାବେ ବର୍ଣ୍ଣନା




କରାଯାଇଛି। ଏହାକୁ ତୃତୀୟରୁ ଯୁକ୍ତଦୁଇ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରସ୍ତୁତ କରାଯାଇଛି। ଏହି ମଡ୍ୟୁଲ୍ ଦୁଇଟି ସଂସ୍କରଣ ଜାରି: ଗୋଟିଏ ତୃତୀୟରୁ ୮ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ । ଅନ୍ୟଟି ୯ମ ରୁ ୧୨ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ। ଜାତୀୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦ (ଏନ୍‌ସିଇଆରଟି) ଦ୍ୱାରା ପ୍ରସ୍ତୁତ ସ୍ୱତନ୍ତ୍ର ମଡ୍ୟୁଲ୍‌ରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପ୍ରତି ଭାରତର ରଣନୈତିକ ସାମରିକ ପ୍ରତିକ୍ରିୟା ଉପରେ ଧ୍ୟାନ ଦିଆଯିବା ପାଇଁ ଆଠରୁ ୧୦ ପୃଷ୍ଠା ରହିବ ବୋଲି ଏକ ସୂତ୍ର କହିଛି। ଏହାର ଲକ୍ଷ୍ୟ ହେଉଛି ଛାତ୍ରମାନଙ୍କୁ ବୁଝାଇବା ଯେ ଦେଶଗୁଡ଼ିକ ଆତଙ୍କବାଦ ବିପଦର କିପରି ଦିଆଯାଏ ଜବାବ। ପ୍ରତିରକ୍ଷା, କୂଟନୀତି ମନ୍ତ୍ରଣାଳୟଗୁଡ଼ିକ ମଧ୍ୟରେ ସମନ୍ୱୟ ଜାତୀୟ ସୁରକ୍ଷାରେ କିପରି ଭୂମିକା ଗ୍ରହଣ କରେ ସେ ବିଷୟରେ ରିପୋର୍ଟରେ କୁହାଯାଇଛି। ୨୨ ଏପ୍ରିଲରେ ଜାମ୍ମୁ ଏବଂ କାଶ୍ମୀରର ପହଲଗାମ୍‌ରେ ଏକ ମାରାତ୍ମକ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କୁ ସେମାନଙ୍କ ପରିବାର ସଦସ୍ୟଙ୍କ ସମ୍ମୁଖରେ ଗୁଳି କରି ହତ୍ୟା କରାଯାଇଥିଲା। 'ଅପରେସନ୍ ସିନ୍ଦୂର' ଅଧୀନରେ ପାକିସ୍ତାନ ଅଧିକୃତ କାଶ୍ମୀର ଓ ପାକିସ୍ତାନରେ ଆତଙ୍କବାଦୀ ଶିବିରଗୁଡ଼ିକୁ ଟାର୍ଗେଟ କରି ଭାରତ ପ୍ରତିଶୋଧ ନେଇଥିଲା। ଯାହା ଫଳରେ ଦୁଇ ଦେଶ ମଧ୍ୟରେ ଚାରି ଦିନ ଧରି ସଂଘର୍ଷ ହୋଇଥିଲା।

# ଅନ୍‌ଲାଇନ୍ ଗେମ୍‌ରେ ଟଙ୍କା କମାଇବା ଅପରାଧ

**ନୂଆଦିଲ୍ଲୀ :** ବନ୍ଦ ହୋଇପାରେ ଡ୍ରିମ୍-୧୧, ରମୀ ପୋକର ଭଳି ଅନଲାଇନ୍ ଫାଣ୍ଟାସୀ ଗେମ୍। ଏନେଇ କେନ୍ଦ୍ର ସରକାର ଏକ ଆଇନ ଆଣିବାକୁ ଯାଉଛନ୍ତି। ଲୋକସଭାରେ ପ୍ରମୋସନ ଆଣ୍ଡ୍ ରେଗୁଲେସନ ଅଫ୍ ଅନ୍‌ଲ୍ଲାଇନ୍ ଗେମିଂ ବିଲ୍ ୨୦୨୫ ପାସ୍ ହୋଇଛି। ଏହି ବିଲ୍ ଅନଲାଇନ୍ ଗେମିଂକୁ ନିୟନ୍ତ୍ରଣ କରିବା ସହ ରିୟଲ- ମନୀ ଗେମ୍ସ ଉପରେ ରୋକ୍ ଲଗାଇବ। (ଭିଓ) ଅନ୍‌ଲାଇନ ଗେମ୍ ମାଧ୍ୟମରେ ଟଙ୍କା କମାଇବା ହେବ ଅପରାଧ। ବନ୍ଦ ହେବ ବଡ଼ ବଡ଼ ଅନଲାଇନ ଗେମିଂ ଆପ୍। ଏନେଇ କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ଏକ ଆଇନ ଆଣିବାକୁ ଯାଉଛନ୍ତି। ବୁଧବାର ଲୋକସଭାରେ ପ୍ରମୋସନ ଆଣ୍ଡ୍ ରେଗୁଲେସନ ଅଫ୍ ଅନ୍‌ଲାଇନ୍ ଗେମିଂ ବିଲ୍ ୨୦୨୫ ପାସ୍ ହୋଇଛି। ବିଲ୍ ଆଇନରେ ପରିଣତ ହେଲେ ଟଙ୍କା ଅଫର କରୁଥିବା ଗେମ୍, ଏହାକୁ ଚଲାଇବା ଓ ପ୍ରଚାର କରିବା ବେଆଇନ ହେବ। ଅବଶ୍ୟ ଟଙ୍କା ଅଫର କରୁନଥିବା ସାଧାରଣ ଅନଲାଇନ ଗେମ୍ ଖେଳିଲେ ଲୋକଙ୍କ ପାଇଁ କୌଣସି ଦଣ୍ଡ ହେବ ନାହିଁ। ଯଦି କେହି ଏଭଳି ରିୟଲ-ମନି ଗେମ୍ ଖେଳ ଅଫର୍ କରୁଛନ୍ତି କିମ୍ୱା କିମ୍ବା ପ୍ରଚାର କରୁଛନ୍ତି, ତେବେ ତାଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ ଏବଂ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ହୋଇପାରେ। ଏହାର ବିଜ୍ଞାପନକାରୀଙ୍କୁ ମଧ୍ୟ ୨ ବର୍ଷ ଜେଲ୍ ଏବଂ ୫୦ଲକ୍ଷ ଟଙ୍କା ଜରିମାନା ହେବ। ଗେମିଂ ଇଣ୍ଡଷ୍ଟ୍ରିକୁ ନିୟନ୍ତ୍ରଣ କରିବା, ଗେମ୍‌କୁ

### ଲୋକସଭାରେ ଅନଲାଇନ ଗେମିଂ ବିଲ୍ ୨୦୨୫ ପାସ୍



ରେଜିଷ୍ଟର କରିବା ଏବଂ କେଉଁ ଗେମଗୁଡ଼ିକ ରିୟଲ- ମନୀରେ କାମ କରୁଛି ତାହା ନିର୍ଣ୍ଣୟ କରିବା ପାଇଁ ଏକ ସ୍ୱତନ୍ତ୍ର ପ୍ରାଧିକରଣ ଗଠନ ହେବ। ଟଙ୍କା ଅଫର କରୁଥିବା ଗେମ୍ ବନ୍ଦ କରିବାର କାରଣ ହେଲା ଏହା ଲୋକଙ୍କୁ ଲୋଭରେ ପକାଇ ଚାପ ସୃଷ୍ଟି କରୁଛି। ଆତ୍ମହତ୍ୟା ବି କରୁଛନ୍ତି। ଏହି ଆପଗୁଡ଼ିକ ବର୍ତ୍ତମାନ ଜାତୀୟ ସୁରକ୍ଷାର ବିଷୟ ପାଲଟିଛି ବୋଲି ସରକାର କହିଛନ୍ତି। ଭାରତରେ ଅନଲାଇନ୍ ଗେମିଂ ମାର୍କେଟର ଭାଲ୍ୟୁ ବର୍ତ୍ତମାନ ପ୍ରାୟ ୩୨ ହଜାର କୋଟି ଟଙ୍କା ରହିଛି। ୨୦୨୯ ସୁଦ୍ଧା ଏହା ପ୍ରାୟ ୮୦ ହଜାର କୋଟି ଟଙ୍କାରେ ପହଞ୍ଚିବା ନେଇ ଆଶା କରାଯାଉଥିଲା। ହେଲେ ବିଲ୍ ପାସ୍ ହେଲେ ପ୍ରାୟ ୪୦୦ କମ୍ପାନୀ ବନ୍ଦ ହୋଇପାରେ। ଏହା ସହିତ ୨ ଲକ୍ଷରୁ ଅଧିକ ଲୋକ ଚାକିରି ହରାଇବାର ଆଶଙ୍କା ରହିଛି। ଆଉ ୨୦ରୁ ୨୫ ହଜାର କୋଟି ଟଙ୍କାର ଟିକସ ହରାଇବାର ସମ୍ଭାବନା ଅଛି। ଏହି ଆଇନ ଡ୍ରିମ ୧୧, ଗେମ୨୪X୭, ଝିଙ୍ଗୋ, ଗେମସ୍କ୍ରାଫ୍ଟ ଭଳି ବଡ଼ କମ୍ପାନୀଗୁଡ଼ିକୁ ସମସ୍ୟାରେ ପକାଇପାରେ। ସେପଟେ ଅଲ୍ ଇଣ୍ଡିଆ ଗେମିଂ ଫେଡେରେସନ, ଇ-ଗେମିଂ ଫେଡେରେସନ ଏବଂ ଫେଡେରେସନ ଅଫ୍ ଇଣ୍ଡିଆନ୍ ଫ୍ୟାଣ୍ଟାସି ସ୍ପୋର୍ଟସ୍ ଏହି ବିଲ୍ ବିରୋଧରେ ଅଛନ୍ତି। ଆଉ ଏହାକୁ ନେଇ ସେମାନେ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଏକ ଚିଠି ଲେଖି ଏହାକୁ ବ୍ୟାନ କରିବା ବଦଳରେ "ପ୍ରୋଗ୍ରେସିଭ୍ ରେଗୁଲେସନ" ଦ୍ୱାରା ବଦଳାଯାଉ ବୋଲି ଅନୁରୋଧ କରିଛନ୍ତି।

୩
ଏକମାତ୍ର
EKAMAATRA
ଭୁବନେଶ୍ୱର, ୨୫ - ୩୧ ଅଗଷ୍ଟ, ୨୦୨୫
ପରିକ୍ରମା

## ହାତୀ ସଂରକ୍ଷଣ ନେଇ ଆସିବ ନୂଆ ନୀତି: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ମାନବ-ହାତୀ ସହାବସ୍ଥାନ ଅନ୍ତର୍ଜାତୀୟ କର୍ମଶାଳାକୁ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଚନ୍ଦକା ଗୋଡ଼ିବାରିଠାରେ ଦୁଇ ଦିନିଆ କର୍ମଶାଳା ଉଦ୍‌ଘାଟିତ ହୋଇଛି। ହାତୀମାନଙ୍କ ବିଷୟରେ ଗବେଷଣା ପାଇଁ ସ୍ୱତନ୍ତ୍ର କେନ୍ଦ୍ର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଗବେଷଣା ପରେ ହାତୀ ସଂରକ୍ଷଣ ନେଇ ସ୍ୱତନ୍ତ୍ର ପଲିସି ବା ନୀତି ଆସିବ। ଓଡ଼ିଶାରେ ଏବେ ୨ ହଜାର ୧ ଶହ ହାତୀ ଥିବାରୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ। ଏଥି ସହିତ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ୧୦ ବର୍ଷରେ ହାତୀ-ମଣିଷ ଲଢ଼େଇରେ ୯ ଶହ ମଣିଷ, ୭୫୦ ହାତୀଙ୍କର ମୃତ୍ୟୁ ହୋଇଛି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ହାତୀ କରିଡରରେ ଓଡିଶା ଏକ ନମ୍ବର। ସହରୀକରଣ, ଭିତ୍ତିଭୂମି, କୃଷିର ସଂପ୍ରସାରଣ ଫଳରେ ହାତୀ ମଣିଷ ଲଢେଇ ହେବା ଦୁର୍ଭାଗ୍ୟଜନକ। ଏହାକୁ ରୋକିବାକୁ ସରକାର ଅନେକ ପଦକ୍ଷେପ ହାତକୁ ନେଇଛନ୍ତି। ଜଙ୍ଗଲରେ ୱାଟର ବଡି ତିଆରି କରାଯାଇଛି। ୨୧୦୦ ହାତୀର ଘର ହେଉଛି ଓଡିଶା । ବନ ସୁରକ୍ଷା ସମିତି, ଗଜସାଥୀ ଦ୍ୱାରା ହାତୀଙ୍କୁ ସୁରକ୍ଷା ଦିଆଯାଉଛି। ଯେଉଁଠି ସମସ୍ୟା ହେଉଛି, ସେଠି ଏଲିଫ୍ୟାଣ୍ଟ ସ୍କାର୍ଡ, ରାପିଡ ରେସପନ୍ସ ଟିମ ସଙ୍ଗେ ସଙ୍ଗେ ପହଞ୍ଚୁଛନ୍ତି। ମୃତ୍ୟୁ ପାଇଁ ସଙ୍ଗେ ସଙ୍ଗେ କ୍ଷତିପୂରଣ ଦିଆଯାଇଛି। ସର୍ଭିଲାନ୍ସ ପାଇଁ ଜିପିଏସ, ରେଡ଼ିଓ ସ୍କଲାର, ଏଆଇ କ୍ୟାମେରା ବ୍ୟବହାର କରାଯାଉଛି। ଆମ ସମସ୍ତଙ୍କୁ ମିଶି ହାତୀ ଏବଂ ମଣିଷ ନିରାପଦରେ ରହିବା ଭଳି ବାତାବରଣ ତିଆରି କରିବାକୁ ହେବ ବୋଲି ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ।

## ସେପ୍ଟେମ୍ବର ୧୮ରୁ ବିଧାନସଭା ଅଧିବେଶନ



**ଭୁବନେଶ୍ୱର :** ସେପ୍ଟେମ୍ବର ୧୮ ତାରିଖରୁ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏହା ୨୫ତାରିଖ ଯାଏଁ ଅଧିବେଶନ ଚାଲିବ ବୋଲି ସୂଚନା ମିଳିଛି। ୧୮ରୁ ମୌସୁମୀ ଅଧିବେଶନ ନେଇ ବାଚସ୍ପତିଙ୍କ ଅଫିସ୍ ପକ୍ଷରୁ ସୂଚନା ଦିଆଯାଇଛି। ଗୃହରେ ସରକାରଙ୍କୁ ଘେରିବାକୁ ବିରୋଧୀ ରଣନୀତି ପ୍ରସ୍ତୁତ କରିଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏନେଇ କହିଛନ୍ତି ଯେ ୧୪ମାସର ସରକାରଙ୍କ ବିଫଳତା ପ୍ରସଙ୍ଗ ଉଠାଇବୁ। ରାଜ୍ୟରେ ନାରୀ ନିର୍ଯାତନା, ଆଇନ ଶୃଙ୍ଖଳା ପ୍ରସଙ୍ଗ, ରାଜ୍ୟକୁ କେନ୍ଦ୍ରୀୟ ଅନୁଦାନ ପ୍ରସଙ୍ଗ ମଧ୍ୟ ଉଠାଇବ ବିଜେଡି।

## କୃଷି ବିଭାଗ ଅଧିକାରୀମାନଙ୍କୁ କ୍ଷେତ୍ର ପରିଦର୍ଶନ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର :** ସରକାରଙ୍କ ଦ୍ୱାରା ପ୍ରଣିତ ବିଭିନ୍ନ କୃଷି ଯୋଜନା ଏବଂ କାର୍ଯ୍ୟକ୍ରମର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନକୁ ସୁନିଶ୍ଚିତ ତଥା ଲୋକାଭିମୁଖୀ କରିବା ପାଇଁ କୃଷି ବିଭାଗର ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିବେ। ଏନେଇ କୃଷି ବିଭାଗ ପକ୍ଷରୁ ଏକ ସୂଚନା ଜାରି କରିଛନ୍ତି ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢୀ। ତୃଣମୂଳସ୍ତରରେ ବାସ୍ତବିକ ପରିସ୍ଥିତି ଅନୁଧ୍ୟାନ କରିବା ସହ କୃଷକ ଓ କୃଷି କ୍ଷେତ୍ରରେ ଆଗଧାଡ଼ିରେ କାର୍ଯ୍ୟ କରୁଥିବା ଲୋକଙ୍କ ସମସ୍ୟାର ସମାଧାନ ହୋଇପାରିବ। ନିର୍ଦ୍ଦେଶ ଅନୁଯାୟୀ ନିର୍ଦ୍ଦେଶକ, ଅତିରିକ୍ତ ନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ ଏବଂ ବିଭିନ୍ନ ଯୋଜନା ଅଧିକାରୀ ସମେତ ବିଭାଗର ସମସ୍ତ ବରିଷ୍ଠ ଅଧିକାରୀମାନେ ନିୟମିତ ଭାବେ ବିଭିନ୍ନ ଜିଲ୍ଲା ଏବଂ ବ୍ଲକର କ୍ଷେତ୍ର ପରିଦର୍ଶନ କରି ବାସ୍ତବିକ ସ୍ଥିତି ଅନୁଧ୍ୟାନ କରିବେ। ଏହି ପରିଦର୍ଶନ ସମୟରେ ଅଧିକାରୀମାନେ ଯୋଜନା କାର୍ଯ୍ୟାନ୍ୱୟନର ସମୀକ୍ଷା କରି ଲୋକଙ୍କ ସମସ୍ୟା ଓ ଗସ୍ତର ଏକ ସଂକ୍ଷିପ୍ତ ରିପୋର୍ଟ ଏକ ସପ୍ତାହ ମଧ୍ୟରେ ବିଭାଗୀୟ ସଚିବଙ୍କ ନିକଟରେ ଦାଖଲ କରିବେ। ଏଥିସହିତ, ଆକାଂକ୍ଷୀ ବ୍ଲକ ଓ ଅନୁନ୍ନତ ଅଞ୍ଚଳ ଗୁଡିକର ପରିଦର୍ଶନ ସୁନିଶ୍ଚିତ କରି ବିଭିନ୍ନ ଜିଲ୍ଲାର ମାସିକିଆ ଟୁର୍ କ୍ୟାଲେଣ୍ଡର ପ୍ରସ୍ତୁତ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ରହିଛି। ଲୋକଙ୍କ ସରକାରରେ ସାଧାରଣ ଚାଷୀ ଏବଂ ଅଫିସରମାନଙ୍କ ମଧ୍ୟରେ ସମନ୍ୱୟ ରଖି ବିଭିନ୍ନ ସରକାରୀ ଯୋଜନାର ଲାଭ ଉଠାଇବାକୁ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କୃଷି ବିଭାଗ ତରଫରୁ ଗ୍ରହଣ କରାଯାଇଛି।

### ୧୩୯ତମ ସିଙ୍ଗିଲ ୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ବୈଠକ

# ନିବେଶ ହେବ ୪୫୧୫ କୋଟି, ୮୨୦୦ ଲୋକଙ୍କୁ ମିଳିବ ନିଯୁକ୍ତି

**ଭୁବନେଶ୍ୱର :** ରାଜ୍ୟ ସରକାର ୪୫୧୫ କୋଟି ଟଙ୍କାର ୧୯ଟି ପୁଞ୍ଜିନିବେଶ ପ୍ରସ୍ତାବକୁ ମଞ୍ଜୁର ପ୍ରଦାନ କରିଛନ୍ତି। ଅନୁମୋଦନ ଲାଭ କରିଥିବା ନିବେଶ ପ୍ରସ୍ତାବ ୮ ଜିଲ୍ଲାରେ କାର୍ଯ୍ୟକାରୀ ହେଲେ ୮୨୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏସବୁ ପ୍ରକଳ୍ପ ସବୁଜ ଶକ୍ତି, ଔଷଧ, ବର୍ଜ୍ୟ ପରିଚାଳନା, ପର୍ଯ୍ୟଟନ, ଜୈବ ଇନ୍ଧନ, ଇସ୍ପାତ, ଭିତ୍ତିଭୂମି, ଇଭି, ଆଇଟି, ଖାଦ୍ୟ/ପାନୀୟ ସହିତ ଜଡ଼ିତ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୩୯ତମ ସିଙ୍ଗିଲ ୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ବୈଠକ ପରେ ମିଳିଥିବା ସୂଚନା ଅନୁସାରେ ଆଇନକ୍ସ ସୋଲାର ଢେଙ୍କାନାଳରେ ୨୮୩ କୋଟି ଟଙ୍କା ବିନିଯୋଗରେ ବ୍ୟାଟେରି କାରଖାନା ଏବଂ ଜିନ୍ଦଲ ଷ୍ଟେନସେଲ ଲି. ଯାଜପୁରରେ ୯୦ କୋଟି ବିନିଯୋଗରେ ଗ୍ରିନ୍ ହାଇଡ୍ରୋଜେନ୍ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିବ। ସେହିପରି ରାୟପୁରସ୍ଥିତ କମ୍ପାନୀ ଗଞ୍ଜାମ ଜିଲାରେ ୭୫୦ କୋଟି ଟଙ୍କା ନିବେଶରେ ଏକ ସୋଲାର ସେଲ୍ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିବ। କମ୍ପାନୀ ୫୧୫ ଜଣଙ୍କୁ ନିଯୁକ୍ତି ଦେବ। ଗ୍ରାଭିଟା ଇଣ୍ଡିଆ କମ୍ପାନୀ ୩୫୦ କୋଟି ଟଙ୍କା ନିବେଶ କରି ଅନୁଗୋଳରେ ଏକ ପୁନଃଚକ୍ରଣ କାରଖାନା ପ୍ରତିଷ୍ଠା କରି ୨୭୦ ଜଣଙ୍କୁ ନିଯୁକ୍ତି ଦେବ। ଷ୍ଟାରକ୍ୟାମ୍ପ ଗ୍ଲୋବାଲ ଏଲ୍ଏଲ୍ପି ୮୦ କୋଟି ଟଙ୍କା ବିନିମୟରେ ଖୋର୍ଦ୍ଧାରେ ଔଷଧ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିବ। ଜଗତସିଂହପୁରରେ ପଦ୍ମା ହସ୍ପିଟାଲିଟି ପକ୍ଷରୁ ତିନି ତାରକା ହୋଟେଲ ପାଇଁ ୬୦ କୋଟି, ଏସ୍ଏନ୍ଏମ୍ ହୋଟେଲ ଆଣ୍ଡ ରିସୋର୍ଟ ଚାରି ତାରକା ହୋଟେଲ ପାଇଁ ୯୨.୩୨ କୋଟି ଏବଂ



ଓରିଶା ଷ୍ଟିଭେଡର୍ସ ଲି. ପାରାଦ୍ୱୀପରେ ୨୧୧ କୋଟି ଟଙ୍କାରେ ପଞ୍ଚ ତାରକା ହୋଟେଲ ପ୍ରତିଷ୍ଠା କରିବ। ଭାଇବ୍ରାଣ୍ଟ ସ୍ପିରିଟ୍ସ ଲି. ପକ୍ଷରୁ ସୁନ୍ଦରଗଡ଼ରେ ୫୦ କୋଟି ଟଙ୍କା ବିନିମୟରେ ବାୟୋଗ୍ୟାସ୍ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବା ସହ ୭୨୫ ଜଣଙ୍କୁ ନିଯୁକ୍ତି ଦିଆଯିବ। ବେଟାବିଲ୍ଡସ୍ ଟେକ୍ନୋଲୋଜିସ ପକ୍ଷରୁ ୧୩୧.୫୫ କୋଟି ଟଙ୍କା ବିନିଯୋଗ କରାଯାଇ ଇସ୍ପାତ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରାଯିବ। ଏଠାରେ ୪୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି କୋଣାର୍କ ଇସ୍ପାତ ୯୯୦ କୋଟି ଟଙ୍କା ବ୍ୟୟରେ ଝାରସୁଗୁଡ଼ାରେ କାରଖାନା ସମ୍ପ୍ରସାରଣ ସହିତ ୨ ହଜାର ଲୋକଙ୍କୁ ନିଯୁକ୍ତି ଦେବ। ସନକା ଅଟୋ ଗ୍ରୁପ୍ ଖୋର୍ଦ୍ଧାରେ ବାର୍ଷିକ ୧୦୦୦ ଇଭି ଉତ୍ପାଦନ ଲକ୍ଷ୍ୟରେ ୩୦୦ କୋଟି ଟଙ୍କା ନିବେଶ କରିବ। ଶ୍ରୀଟେକ୍ ଡାଟା ଲି. ଖୋର୍ଦ୍ଧାରେ ହାଇପରସ୍କେଲ ଡାଟା ସେଣ୍ଟର ପ୍ରତିଷ୍ଠା ପାଇଁ ୫୦୧ କୋଟି ଟଙ୍କା ନିବେଶ କରି ୪୦୦ରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେବ। ୱେଷ୍ଟଏଜ୍ ଡାଟା ସେଣ୍ଟର ଖୋର୍ଦ୍ଧାରେ ଡାଟା ସେଣ୍ଟର ଓ ସାଟେଲାଇଟ୍ ଇଣ୍ଟରନେଟ ସେବା ପାଇଁ ୫୦ କୋଟି ଟଙ୍କା ନିବେଶ କରିବ। ଏସୋସିଏଟେଡ୍ ଆଲକୋହଲ୍ସ ଆଣ୍ଡ ବିଭେରିଜ୍ ଖୋର୍ଦ୍ଧାରେ ମଦ କାରଖାନା ପାଇଁ ୩୦୦ କୋଟି ଟଙ୍କା ବ୍ୟୟ କରିବ। ଏଠାରେ ୧୮୧୨ ଜଣଙ୍କୁ ନିଯୁକ୍ତ କରାଯିବ। ଅପରପକ୍ଷେ ଶ୍ରୀଜଗନ୍ନାଥ କ୍ୟାରିୟର୍ସ ଅନୁଗୋଳରେ ଲଜିଷ୍ଟିକ୍ ପାର୍କ ଓ ପଣ୍ୟାଗାର ପ୍ରତିଷ୍ଠା ପାଇଁ ୧୧୨ କୋଟି ଟଙ୍କା ନିବେଶ କରିବ।

### ସିଏମ୍‌ସିର ସ୍ୱାୟତ୍ତ ଶାସନ ଦିବସ ପ୍ରସ୍ତୁତି

# ଏଥର ପୁଣି ଘରୋଇ ମଣ୍ଡପକୁ ଗଣିବେ ଲକ୍ଷେ ଟଙ୍କା ଭଡ଼ା

**କଟକ :** ଚଳିତ ବର୍ଷ ସ୍ୱାୟତ୍ତ ଶାସନ ଦିବସକୁ ବେଶ୍ ଧୂମ୍‌ଧାମ୍‌ରେ ପାଳନ କରିବ କଟକ ମହାନଗର ନିଗମ (ସିଏମ୍‌ସି)। ତେବେ ଏଥର ଦୀର୍ଘ ୧୫ ଦିନ ଧରି ପାଳନ କରାଯାଉଛି। ଏଥିପାଇଁ କାଉନ୍‌ସିଲ୍ ପକ୍ଷରୁ ସମ୍ପୂର୍ଣ୍ଣ ସ୍ୱାୟତ୍ତ ଶାସନ ଦିବସ ଖର୍ଚ୍ଚ ପାଇଁ ୨୩ ଲକ୍ଷ ୫୦ ହଜାର ଟଙ୍କାର ବଜେଟ୍ ପ୍ରସ୍ତୁତ ହୋଇସାରିଛି। ସବୁଠୁ ବଡ କଥା ହେଉଛି ଯେ, ଗତବର୍ଷ ଭଳି ଏଥର ମଧ୍ୟ ସିଏମ୍‌ସି ସହିଦ୍ ଭବନ ବନ୍ଦ ଆଳରେ ଘରୋଇ ମଣ୍ଡପରେ ଏହି ଦିବସ ପାଳନ କରିବ। ଏଥିପାଇଁ ଘରୋଇ ମଣ୍ଡପକୁ ଏକ ଲକ୍ଷ ଟଙ୍କା ଭଡ଼ା ଗଣିବା ସହିତ ଏହାର ସାଜସଜ୍ଜା ବାବଦକୁ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ନିଷ୍ପତ୍ତି ହୋଇଛି। ପ୍ରତିବର୍ଷ ଅଗଷ୍ଟ ମାସ ୩୧ ତାରିଖକୁ ରାଜ୍ୟର ଅନ୍ୟ ମହାନଗର ନିଗମ ସମେତ ସିଏମ୍‌ସିରେ ମଧ୍ୟ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଇଥାଏ। ଏହି ଉପଲକ୍ଷେ ସହରବାସୀଙ୍କୁ ବଡବଡ ପ୍ରକଳ୍ପ ଭେଟି ସ୍ୱରୂପ ଦିଆଯାଇଥାଏ। ଏବର୍ଷ ମାତ୍ର ହାତରେ ଦିନ କେଇଟା ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପ୍ରକଳ୍ପ ତାଲିକା ଚୂଡାନ୍ତ ହୋଇପାରୁ ନ ଥିବା ଜଣାପଡିଛି। ଏସବୁ ମଧ୍ୟରେ ସ୍ୱାୟତ୍ତ ଶାସନ ଦିବସ ପାଳନ ପାଇଁ ୨୩ ଲକ୍ଷ ୫୦ ହଜାରର ବଜେଟ୍ ହୋଇଛି। ସେଥିରେ ମେୟର ଓ ଡେପୁଟି ମେୟରଙ୍କ ସମେତ କର୍ପୋରେଟରଙ୍କୁ ସମ୍ବର୍ଦ୍ଧନା ପାଇଁ ୪ ଲକ୍ଷ ଟଙ୍କା, ଘରୋଇ ମଣ୍ଡପ ବୁକିଂ ପାଇଁ ଲକ୍ଷେ ଓ ସାଜସଜ୍ଜା ପାଇଁ ୩ ଲକ୍ଷ ଟଙ୍କା, ଡ୍ରାମା ପାଇଁ ୩ ଲକ୍ଷ, ବିଭିନ୍ନ ପ୍ରତିଯୋଗିତା ଆୟୋଜନ ପାଇଁ ଖର୍ଚ୍ଚ ଦେଢ ଲକ୍ଷ, ପତାକା ଉତ୍ତୋଳନ ପରେ ମିଠା ଓ ଟିଫିନ୍ ବଣ୍ଟନ ପାଇଁ ୪୦ ହଜାର, ଫଟୋଗ୍ରାଫ୍ ପାଇଁ ୪୦ ହଜାର, ସହିଦ୍ ଭବନଠାରେ ସ୍ୱାଗତ ସଂଗୀତ ପରିବେଷଣ ପାଇଁ ୨୦ ହଜାର ଟଙ୍କା ଖର୍ଚ୍ଚ କରାଯିବ। ସବୁଠୁ ବଡ କଥା ହେଉଛି ଯେ, ଗତ ବର୍ଷ ସହିଦ୍ ଭବନ ପୁନରୁଦ୍ଧାର ଆଳରେ ଘରୋଇ ମଣ୍ଡପରେ ଆୟୋଜନକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଥର ମଧ୍ୟ କାମ ଶେଷ ପର୍ଯ୍ୟାୟରେ ଥିଲେ ମଧ୍ୟ ଏହାକୁ ଶୁଭାରମ୍ଭ କରିବାକୁ ମଧ୍ୟ କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବ ପରିଲକ୍ଷିତ ହୋଇଛି।

## ଶୀଘ୍ର ଘୋଷଣା ହେବ ନୂଆ ୯ ଏନ୍ଏସି

**ଭୁବନେଶ୍ୱର :** ନୂତନ ଏନ୍ଏସି ଗଠନ ନେଇ କିଛି ସ୍ଥାନରେ ଅସନ୍ତୋଷ ରହିଥିବା ବେଳେ ଖୁବଶୀଘ୍ର ରାଜ୍ୟ ସରକାର ଘୋଷଣା କରିବେ ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ ନାଁ। ଏନେଇ ସୂଚନା ଦେଇଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ମନ୍ତ୍ରୀ କହିଛନ୍ତି, ଆସନ୍ତା ୩୧ ତାରିଖ ସ୍ୱାୟତ୍ତ ଶାସନ ଦିବସରେ ରାଜ୍ୟ ସରକାର ଆଉ ୯ ଏନ୍ଏସି ନାଁ ଘୋଷଣା କରିବେ। ଗତ ୧୭ ତାରିଖରେ ୭ ଜିଲ୍ଲାରେ ୧୨ଟି ଏନ୍ଏସି ଗଠନ ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚିଠା ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସରକାର ସ୍ୱାୟତ୍ତ ଶାସନ ଦିବସରେ ଆଉ ୯ ଏନ୍ଏସି ନାଁ ଘୋଷଣା କରିବେ। ଯେଉଁ ଜିଲ୍ଲା ମାନଙ୍କରେ କିଛି ଅଞ୍ଚଳକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ଦାବି ହେଉଛି ତା'କୁ ସରକାର ବିଚାରକୁ ନେଇଥିବା କହିଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ। ସେ କହିଛନ୍ତି, ସେଠାକାର ଜନସଂଖ୍ୟା ସହ ଯାହା ଯାହା ମାପ କାଠି ରହିଛି ସେହି ଆଧାରରେ ବିଭିନ୍ନ ସମସ୍ୟାକୁ ଅନୁଧ୍ୟାନ ପରେ ଡ୍ରାଫ୍ଟ ନୋଟିସ୍ ପ୍ରସ୍ତୁତ କରାଯିବ। ତା'ପରେ ଗୃହ ଓ ନଗର ଉନ୍ନୟନ ବିଭାଗ ମୁଖ୍ୟମନ୍ତ୍ରୀଙ୍କୁ ଡ୍ରାଫ୍ଟ ପଠାଇବ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଅନୁମତି ମିଳିବା ଦରକାର। ଖାଲି ସବୁ ଛୋଟ ଛୋଟ ସହରକୁ ଘଇଉ ପାଇଁ ଦାବି କଲେ ହେବ ନାହିଁ। ଏଥିପାଇଁ କିଛି ନିୟମ ଏବଂ ମାପକାଠି ରହିଛି, ସେ ସବୁକୁ ପାଳନ କରିବାକୁ ପଡ଼ିବ।

## ସିକଲ୍ ସେଲ୍ ଏବଂ ଥାଲାସେମିଆ ପରିଚାଳନା ବୈଠକ

**ଭୁବନେଶ୍ୱର :** ସିକଲ୍ ସେଲ୍ ଏବଂ ଥାଲାସିମିଆ ପରିଚାଳନା ବୈଠକ କମିଶନର ତଥା ଶାସନ ସଚିବ ଅସ୍ୱତୀ ଏସ.ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଇଯାଇଛି। ବୈଠକରେ ରାଜ୍ୟରେ ସିକଲ୍ ସେଲ୍ ଓ ଥାଲାସିମିଆର ବର୍ତ୍ତମାନ ସ୍ଥିତି, ପ୍ରାରମ୍ଭିକ ସନ୍ଧାନ, ପ୍ରତିରୋଧୀମୂଳକ ବ୍ୟବସ୍ଥା, ଚିକିତ୍ସା ସୁବିଧା ଓ ରୋଗୀ ସେବା ସମ୍ପର୍କରେ ସମୀକ୍ଷା କରାଯାଇଛି। ଏହି ବୈଠକରେ ସ୍କ୍ରିନିଂ ପ୍ରୋଗ୍ରାମ୍, ଜିନେଟିକ କାଉନସିଲିଙ୍ଗ, ନିଦାନ ସୁବିଧା ବାବଦରେ ଆଲୋଚନା କରାଯାଇଛି। ଏନ୍ଏଚ୍ଏମ୍ ମିଶନ୍ ଡିରେକ୍ଟର୍ ଡ଼. ବୃନ୍ଦା ଡି. ପିପିଟି ପ୍ରେଜେଣ୍ଟେସନ ମାଧ୍ୟମରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଓଡ଼ିଶାର ୨୧ଟି ଜିଲ୍ଲା, ଯଥା- ଅନୁଗୁଳ, ବଲାଙ୍ଗିର, ବାଲେଶ୍ୱର, ବରଗଡ଼, ବୌଦ୍ଧ, ଦେବଗଡ଼, ଗଜପତି, ଗଞ୍ଜାମ, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡା, ରାୟଗଡା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼କୁ ଜାତୀୟ ସିକେଲ ସେଲ ଆନିମିଆ ନିରାକରଣ ମିଶନ୍ ଅନ୍ତର୍ଗତ କରାଯାଇଛି। ଏହି ଜିଲ୍ଲାଗୁଡ଼ିକରେ ବିଭିନ୍ନ ମାଧ୍ୟମରେ ସିକେଲ ସେଲ ପରୀକ୍ଷା ସୁବିଧା ଯୋଗାଇଦିଆଯାଉଛି। ବିଦ୍ୟାଳୟ ଓ ଆଙ୍ଗନବାଡ଼ି କେନ୍ଦ୍ର ସ୍ତରରେ ଜନ୍ମଠୁ ୧୮ ବର୍ଷ ଅବଧିର



ଶିଶୁମାନଙ୍କୁ ଆରବିଏସ୍‌କେ ଟିମ୍ ଦ୍ୱାରା ସ୍କ୍ରିନିଂ ଏବଂ ଗର୍ଭବତୀ ମହିଳାମାନଙ୍କୁ ଆଣ୍ଟିନେଟାଲ୍ କେୟାର ସମୟରେ ସ୍କ୍ରିନିଂ କରାଯାଉଛି। ଆଦିବାସୀ ଅଞ୍ଚଳରେ, ମୋବାଇଲ୍ ହେଲ୍ଥ ୟୁନିଟ୍ ମାଧ୍ୟମରେ ପରୀକ୍ଷା ସୁବିଧା ଯୋଗାଇଦିଆଯାଉଛି। ସହର ଅଞ୍ଚଳରେ, ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ତରରେ ପରୀକ୍ଷା ସୁବିଧା କରାଯାଇଛି। କାର୍ଯ୍ୟକ୍ରମ ଆରମ୍ଭ (ଜୁଲାଇ ୨୦୨୩) ଠାରୁ ୨୦୨୫-୨୬ ଅବଧି ପର୍ଯ୍ୟନ୍ତ ୪୬.୬୫ ଲକ୍ଷ ପରୀକ୍ଷା କରାଯାଇଛି। ଏଥିରୁ ୯୭,୫୦୧ ଜଣ ସିକେଲ ସେଲ ପରୀକ୍ଷା ପୋଜିଟିଭ ଚିହ୍ନିତ ହୋଇଛି। ଚିହ୍ନିତ ରୋଗୀମାନଙ୍କୁ ସରକାରୀ ହସ୍ପିଟାଲ୍‌ରେ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦିଆଯାଉଛି। ଉଲ୍ଲେଖ ଯୋଗ୍ୟ ଯେ, ପ୍ରତ୍ୟେକ ପଞ୍ଜିକୃତ ସିକେଲ ସେଲ ରୋଗୀଙ୍କୁ ଯାତାୟାତ ଖର୍ଚ୍ଚ ପାଇଁ ତାଙ୍କର ବ୍ୟାଙ୍କ ଖାତାକୁ ପ୍ରତିମାସ ପାଞ୍ଚ ଶହ ଟଙ୍କା ଏବଂ ମାଗଣା ରକ୍ତ ଯୋଗାଇଦିଆଯାଉଛି। ବ୍ଲଡ୍ ପ୍ୟାକ୍ ସର୍ଭିସ୍ ଚାର୍ଜରୁ ସେମାନଙ୍କୁ ମୁକ୍ତ କରାଯାଇଛି। ସରକାରୀ ହସ୍ପିଟାଲ୍‌ରେ ମାଗଣା ଔଷଧ ଦିଆଯାଉଛି। ୧୨ ବର୍ଷରୁ କମ୍ ବୟସର ଶିଶୁମାନଙ୍କ ପାଇଁ ବୋନ୍ ମାରୋ ଟ୍ରାନ୍ସପ୍ଲାଣ୍ଟ ପାଇଁ ସର୍ବୋଚ୍ଚ ୧୦ ଲକ୍ଷ ଟଙ୍କା ଅର୍ଥ ସାହାଯ୍ୟ ଯୋଗାଇଦିଆଯାଉଛି। ସଭାରେ ସ୍ୱତନ୍ତ୍ର ସଚିବ ଡା. ବିଜୟ ମହାପାତ୍ର, ସ୍ୱତନ୍ତ୍ର ସଚିବ ସ୍ମିତା ବିଶ୍ୱାଳ, ଡା. ଜିତେନ୍ଦ୍ର ବେବର୍ତା, ନିର୍ଦ୍ଦେଶକ ଡା. ବିଶ୍ୱମୋହନ ମିଶ୍ର, ଯୁଗ୍ମ ସଚିବ ଶ୍ରୀକାନ୍ତ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ସହର ରୂପରେଖ ନେଇ ଆଲୋଚନା



**ଭୁବନେଶ୍ୱର :** ସିଙ୍ଗାପୁର ସ୍ଥିତ ଅନ୍ତର୍ଜାତୀୟ ପରାମର୍ଶଦାତା ସଂସ୍ଥା ସୁରବନ ଜୁରଙ୍ଗର ଦକ୍ଷିଣ ଏସିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅବିନାଶ ମିଶ୍ରା ଏବଂ ଆଞ୍ଚଳିକ ନିର୍ଦ୍ଦେଶକ ଅଭିଷେକ ମାଲହୋତ୍ରା ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ଭୁବନେଶ୍ୱରରେ ପ୍ରସ୍ତାବିତ ନୂତନ ସହର ପ୍ରକଳ୍ପ ଉପରେ ବିଶେଷ ଗୁରୁତ୍ୱ ଦେଇ ସହରାଞ୍ଚଳ ଭିତ୍ତିଭୂମି ଏବଂ ପରିଚାଳିତ ସେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଓଡ଼ିଶା ସରକାର ପ୍ରସ୍ତାବିତ ନୂତନ ସହର ପାଇଁ ପ୍ରାୟ ୩୩୮.୪୩୬ ହେକ୍ଟର ଜମି ଚିହ୍ନଟ କରିଛନ୍ତି। ଏହାକୁ ସହରାଞ୍ଚଳ ଚ୍ୟାଲେଞ୍ଜ ପାଣ୍ଠି ଅଧୀନରେ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ। ଏହି ପ୍ରକଳ୍ପ ଏକ ମଡେଲ ସହର କଳ୍ପନା କରିବା ସହିତ ଏଥିରେ ଜମି ମୂଲ୍ୟକୁ ଉନ୍ନତ କରିବା ଏବଂ ଅନ୍ତର୍ଜାତୀୟ ବ୍ରାଣ୍ଡିଂ ହାସଲ କରିବା ପାଇଁ ଡିଜାଇନ୍ କରାଯାଇଛି। ବିଡିଏ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବ ଏବଂ ବିକାଶ ପାଇଁ ସର୍ବୋତ୍ତମ ଉପଯୁକ୍ତ ଉତ୍ପାଦ ତାହା ସୁପାରିଶ କରିବା ପାଇଁ ଜେଏଲଏଲକୁ ବିଚାରକୁ ନେବ। ଏ ସମ୍ପର୍କରେ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଭୁବନେଶ୍ୱର ଗସ୍ତ ସମୟରେ ବିଡିଏ ଏବଂ ଜେଏଲଏଲ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଉଷା ପାଢୀ କହିଛନ୍ତି, "ଭୁବନେଶ୍ୱର ନୂତନ ସହର ପ୍ରକଳ୍ପ ଓଡ଼ିଶା ପାଇଁ ଏକ ବିଶ୍ୱସ୍ତରୀୟ ସହରାଞ୍ଚଳ କେନ୍ଦ୍ର ଗଠନ ଏକ ଯୁଗାନ୍ତକାରୀ ପଦକ୍ଷେପ, ଯାହା ଭବିଷ୍ୟତ ପାଢ଼ି ପାଇଁ ଅନ୍ତର୍ଭୁକ୍ତି, ସ୍ଥାୟୀତ୍ୱ ଏବଂ ସ୍ଥିରତାକୁ ପ୍ରତିଫଳିତ କରେ।"

# ଓଡ଼ିଶାରୁ ପ୍ରଥମ ଥର ପାଇଁ ମାଣ୍ଡିଆ ଉଠାଇଲା ଏଫ୍‌ସିଆଇ

### ୪୦ ହଜାର ମେଟ୍ରିକ ଟନ ଉଠାଣ ଲକ୍ଷ୍ୟ, ପ୍ରଥମ ପର୍ଯ୍ୟାୟରେ ଉଠିଲା ୨୬୪୨ ମେଟ୍ରିକ ଟନ

**ଭୁବନେଶ୍ୱର :** ଓଡିଶାରେ ଉତ୍ପାଦିତ ମାଣ୍ଡିଆର ଚାହିଦା ସମଗ୍ର ଦେଶରେ ସ୍ୱତନ୍ତ୍ର ରହିଛି। ଶ୍ରୀ ଅନ୍ନ ଅଭିଯାନ ଅଧୀନରେ ଅଧିକରୁ ଅଧିକ ଗୁଣାତ୍ମକ ମାଣ୍ଡିଆ ଉତ୍ପାଦନ ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟରୁ ଉତ୍ପାଦିତ ମାଣ୍ଡିଆ ଉଚ୍ଚ ପୁଷ୍ଟି ଓ ଗୁଣଯୁକ୍ତ ଥିବାରୁ ଓଡ଼ିଶାରୁ ପ୍ରଥମ ଥର ପାଇଁ ଭାରତୀୟ ଖାଦ୍ୟ ନିଗମ ମାଣ୍ଡିଆ ଉଠାଇଛି। ଏଥିନିମନ୍ତେ ରାୟଗଡ଼ା, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁରରୁ ମାଣ୍ଡିଆ ଉଠାଇବା ପାଇଁ ଭାରତୀୟ ଖାଦ୍ୟ ନିଗମ ଇଚ୍ଛାବ୍ୟକ୍ତ କରିଥିଲା। ରାଜ୍ୟରେ ଉପଲବ୍ଧ ମାଣ୍ଡିଆର ପୁଷ୍ଟି ଓ ଖାଦ୍ୟ ଗୁଣବତ୍ତାକୁ ଦୃଷ୍ଟିରେ ରଖି ଏଫ୍‌ସିଆଇ ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିପାଇଁ ଖାଦ୍ୟ ନିଗମ କେନ୍ଦ୍ରୀୟ ପୁଲ ଆଧାରରେ ରାଜ୍ୟରୁ ୪୦ ହଜାର ମେଟ୍ରିକ ଟନ ମାଣ୍ଡିଆ ଉଠାଇବ। ଯାହା ବିଭିନ୍ନ ଯୋଜନାର ହିତାଧିକାରୀ ମାନଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ପ୍ରଦାନ କରାଯିବ। ଉକ୍ତ ୪୦ ହଜାର ମେଟ୍ରିକ ଟନ ମଧ୍ୟରୁ ୧୬ ହଜାର ୮୦୦ ମେଟ୍ରିକ ଟନ ନେବା ପାଇଁ ଆନ୍ଧ୍ରପ୍ରଦେଶ ଇଚ୍ଛାବ୍ୟକ୍ତ କରିଥିବାରୁ ପ୍ରଥମ ପର୍ଯ୍ୟାୟରେ ୨୬୪୨ ମେଟ୍ରିକ ଟନ ଏଫସିଆଇ ମାଧ୍ୟମରେ ଉଠାଣ ହୋଇଛି। ଉକ୍ତ ମାଣ୍ଡିଆ କୋରାପୁଟ ଓ ନବରଙ୍ଗପୁର ଜିଲ୍ଲା ଭଳି ଆଦିବାସୀ ବହୁଳ ଜିଲ୍ଲାରୁ ଉଠାଣ ହୋଇଛି। ପର୍ଯ୍ୟାୟ କ୍ରମେ ଲକ୍ଷ୍ୟ ଧାର୍ଯ୍ୟ ଥିବା ବାକି ମାଣ୍ଡିଆ ମଧ୍ୟ ଉଠାଣ ହେବ। ଏହା କୃଷି ଓ କୃଷକ ସଶକ୍ତିକରଣ, ଖାଦ୍ୟଯୋଗଣ ଓ ଖାଉଟି କଲ୍ୟାଣ ଏବଂ ଆଦିବାସୀ ଉନ୍ନୟନ ସମବାୟ ନିଗମର ମିଳିତ ଉଦ୍ୟମରେ ଏହି ଲକ୍ଷ୍ୟ ପୂରଣ ହୋଇଛି। ସୂଚନାଯୋଗ୍ୟ, ୨୦୨୪-୨୫ ଖରିଫ୍ ଋତୁରେ



ରାଜ୍ୟର ପ୍ରାୟ ୬୪ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କଠାରୁ ୭୫ ହଜାର ମେଟ୍ରିକ ଟନ୍ ମାଣ୍ଡିଆ ସଂଗ୍ରହ କରାଯାଇଥିଲା। ଏହି ସଂଗୃହୀତ ମାଣ୍ଡିଆ ମଧ୍ୟରୁ ୪୦ ହଜାର ମେଟ୍ରିକ୍ ଟନ୍ ଉଠାଣ ପାଇଁ ଏଫ୍‌ସିଆଇ ରାଜି ହୋଇଥିଲା। ଏହି ମର୍ମରେ କୋରାପୁଟ ଓ ନବରଙ୍ଗପୁରରୁ ୨୬୪୨ ମେଟ୍ରିକ୍ ଟନ୍ ମାଣ୍ଡିଆ ଉଠାଣ କରାଯାଇଛି। ଭାରତ ସରକାର ୨୦୨୩ ମସିହାକୁ ମାଣ୍ଡିଆ ଆନ୍ତର୍ଜାତିକ ବର୍ଷ ଭାବେ ଘୋଷଣା କରିବା ସହ ଏହାର ଉତ୍ପାଦନ ଓ ପୋଷଣଯୁକ୍ତ ଖାଦ୍ୟ ଭାବେ ଜନାଦୃତି ପାଇଁ ମଧ୍ୟ ଅଭିଯାନ ଜାରି ରଖିଛନ୍ତି। ସେହିଭଳି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାଣ୍ଡିଆକୁ ଏକ ଉଚ୍ଚ ଗୁଣବତ୍ତା ଖାଦ୍ୟ ଭାବେ ଘୋଷଣା କରିବା ସହ ଲୋକ ମାନଙ୍କୁ ମାଣ୍ଡିଆ ଭଳି ଅଧିକ ପୁଷ୍ଟିଯୁକ୍ତ ଖାଦ୍ୟ ପ୍ରଦାନ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଅନୁରୂପ ଭାବେ ଓଡ଼ିଶା ସରକାର ମଧ୍ୟ ଅଧିକ ପୁଷ୍ଟି ଓ ଗୁଣବତ୍ତାସଂପନ୍ନ ମାଣ୍ଡିଆ ଉତ୍ପାଦନ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଏତଦ୍‌ବ୍ୟତୀତ ଫସଲ ବିବିଧିକରଣ ପାଇଁ ଅଧିକରୁ ଅଧିକ ମାଣ୍ଡିଆ ଚାଷ ଉପରେ ଚାଷୀମାନଙ୍କୁ ପ୍ରୋତ୍ସାହିତ କରାଯାଉଛି। ଏହାଦ୍ୱାରା କୃଷକ ମାନଙ୍କ ଆର୍ଥିକ ସଶକ୍ତିକରଣ ହୋଇପାରିବା ସହ ବିକଶିତ ଭାରତ ଓ ବିକଶିତ ଓଡିଶା ଲକ୍ଷ୍ୟ ହାସଲରେ ଏହା ସହାୟକ ହେବ।

କାହା କଥାରେ ଯଦି କୌଣସି ଭୁଲ୍ କିମ୍ବା ଠିକ୍ ହୋଇଯାଉଥାନ୍ତା, ତେବେ ଦୁନିଆ ସ୍ୱର୍ଗ ପାଲଟି ଯାଇଥାନ୍ତା।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର



# ବିଜେଡି କାହାର ?



ସମ୍ପାଦକୀୟ
ତାରକ ମହାନ୍ତି

ଏ ପ୍ରସଙ୍ଗ ଏଇଥିପାଇଁ ଯେ, ବିଜୁ ଜନତା ଦଳ ଯେଉଁମାନଙ୍କ ପାଇଁ ଗଠନ ହେଲା ଏବଂ ଯେଉଁ ବିଜୁ ଅନୁଗାମୀ ପରେ ଦଳରେ ଯୋଗ ଦେଇଥିଲେ ସେମାନେ ଏବେ ବିଜେଡିରେ ଅଛନ୍ତି ତ ? ପ୍ରଶ୍ନ ଉଠୁଛି ଏମାନଙ୍କୁ ବିଜେଡିରୁ ବାହାର ରାସ୍ତା କିଏ ଦେଖାଇଲା ? ପ୍ରଥମେ ଆସିବ ପ୍ୟାରୀ ମୋହନ ମହାପାତ୍ରଙ୍କ ନାଁ। କାରଣ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବା ପରେ ସେ ତାଙ୍କର ଓ ବିଜେଡିର ଦିଗଦର୍ଶକ ହୋଇଥିଲେ। ତାଙ୍କ ସୂଚନା ବା ପରାମର୍ଶ ଆଧାରରେ ନବୀନ ରାଜ୍ୟର ଅନେକ ତୁଙ୍ଗ ନେତାଙ୍କୁ ବିତାଡିତ କଲେ, ବଦନାମ କଲେ ଓ ହଇରାଣ କରିଥିଲେ। ଯାହାର ଫଳ ଭୋଗିଲେ ପ୍ୟାରୀ ମୋହନ। ଯେଉଁ ପ୍ରବାଦ ପୁରୁଷ ବିଜୁ ବାବୁଙ୍କୁ ଓଡ଼ିଆ ଲୋକ ଭଲ ପାଉଥିଲେ, ସମ୍ମାନ କରୁଥିଲେ ତାଙ୍କରି ନାଁରେ ଗୋଟେ ଆଞ୍ଚଳିକ ଦଳ ଗଠନ ପରେ ଓଡ଼ିଆ ଲୋକ ଖୁସି ହୋଇଥିଲେ ଯେ ଆମ ହାତରେ ଆମ ଶାସନ। ହେଲେ ଫଳ ହେଲା କଣ ? ଜଣେ ଓଡ଼ିଆ ଅଫିସର ଓ ତାଙ୍କ ଓଡ଼ିଆ ପତ୍ନୀ ଚାକିରୀ ଛାଡ଼ି ଏବେ ବିଜୁ ଜନତା ଦଳକୁ ନିଜ ଅକ୍ତିଆରକୁ ନେଇଗଲେଣି। କିନ୍ତୁ ବିଜେଡି ନେତାଙ୍କର ଏଯାଏ ଭୟ ଛାଡ଼ିନି। ବୟସାଧିକ କାରଣରୁ ନବୀନ ବାବୁ ବୋଧେ ଦଳ ଚଳାଇବା ପାଇଁ ନିଜକୁ ସୁସ୍ଥ ରଖିପାରୁନାହାନ୍ତି, ଯେଉଁଥିପାଇଁ ଏହି ସମସ୍ୟା ଦେଖାଦେଇଛି। କଥା ଉଠୁଛି ଯେଉଁ ନବୀନ ବାବୁ ବାରମ୍ବାର କହିଆସୁଥିଲେ ଯେ, ଓଡ଼ିଶାବାସୀ ତାଙ୍କ ପରିବାର ଲୋକ। ତେବେ ତାଙ୍କ ପରିବାର ଲୋକଙ୍କୁ ନବୀନ ବାବୁଙ୍କ ସହ ସାକ୍ଷାତ ହେବାରୁ କଣ ପାଇଁ ବଞ୍ଚିତ କରୁଛନ୍ତି ଭୈରବ କାର୍ତ୍ତିକେୟନ ପାଣ୍ଡିଆନ ! କାହିଁକି ସେ ନବୀନ ବାବୁଙ୍କ ଚାରିପଟେ ଉଚ୍ଚ ପ୍ରାଚୀର ଠିଆ କରି ଅନ୍ୟ ମାନଙ୍କୁ ହତାଦର କରୁଛନ୍ତି। ସେ ଭାବି ନେଇଛନ୍ତି କି ନବୀନଙ୍କ ଜୀବିତାବସ୍ଥାରେ ବିଜେଡିକୁ ହଡପ କରି ଓଡ଼ିଶାରେ ଶାସନ ଚଳାଇବେ ! ତେବେ ପୂର୍ବରୁ ବିଜେପି ନେତା କରିଥିବା ଅଭିଯୋଗ ସତ୍ୟ ହେବାକୁ ଯାଉଛି। ବିଜେଡିର ଶଶୀକଳା ବୋଧେ ପାଣ୍ଡିଆନ ଦମ୍ପତି। ଯେଉଁଥିପାଇଁ ଉଭୟ ନବୀନଙ୍କ ଉତ୍ତରାଧିକାରୀ ନିଜକୁ ନିଜେ କରିସାରିଛନ୍ତି। ଏଥିରେ ନିହାତି ନବୀନଙ୍କ ବଡ଼ ଭାଇ ପ୍ରେମ ପଟ୍ଟନାୟକ ପରିବାରଙ୍କ ସମ୍ମତି ରହିଛି। ସେମାନେ ପ୍ରକାରାନ୍ତରେ ଦିଲ୍ଲୀରେ ରହି ଗୋଟି ଚାଳନା କରୁଥିଲେ ବା କରୁଛନ୍ତି। ପାଣ୍ଡିଆଙ୍କ ହାତରେ କ୍ଷମତା ଦେଇ ଓଡିଶାରୁ ନିଜର ଭିନ୍ନ ଭିନ୍ନ ସ୍ୱାର୍ଥ ହାସଲ କରୁଥିଲେ ବା ପୁଣି ଭବିଷ୍ୟତରେ କରିବେ ସେଭଳି କିଛି ନିଷ୍ପତ୍ତି ସରିଛି। ନଚେତ ଭିକେ ପାଣ୍ଡିଆନ ଯେଭଳି ନବୀନଙ୍କ ଅତି ବିଶ୍ୱସ୍ତ ଓ ଆପଣାର ଦେଖାଯାଉଛି, ସେଠାରେ ବିଜେଡିର କୌଣସି ନେତା ନବୀନଙ୍କ ନିଜର ବୋଲି ମନେ ହେଉନାହାନ୍ତି। ନିକଟରେ ନବୀନଙ୍କ ଅସୁସ୍ଥତା ଏବଂ ଚିକିତ୍ସା ସମୟରେ ଉଭୟ ପାଣ୍ଡିଆନ ଦମ୍ପତି ଯେଭଳି ଦଳର ବରିଷ୍ଠ ନେତାଙ୍କୁ ପାଖ ମଡ଼ାଇ ଦେଲେନି ତାହା ଚର୍ଚ୍ଚାରେ ଥିଲା ବେଳେ ନବୀନ ହସ୍ପିଟାଲରୁ ଘରକୁ ଫେରିବା ବେଳର ଦୃଶ୍ୟ ଭିକେ - ନବୀନ ସମ୍ପର୍କକୁ ଆହୁରି ମଜବୁତ କରୁଛି। ତେଣୁ ବିଜେଡି ଏବେ ପାଣ୍ଡିଆନ ଦମ୍ପତି ହିଁ ଦଳର ସର୍ବେସର୍ବା ତାହା ଆଉ ପ୍ରମାଣର ଆବଶ୍ୟକତା ନାହିଁ। ଯଥେଷ୍ଟ ପୂର୍ବରୁ ପାଣ୍ଡିଆନ ଭିଡିଓ ବାର୍ତ୍ତା ଜରିଆରେ ସମସ୍ତଙ୍କୁ ଜଣାଇଦେଇଥିଲେ କି ବିଜେଡି ତାଙ୍କ ନିୟନ୍ତ୍ରଣରେ ଥିଲା ଏବଂ ଆଗକୁ ରହିବ। ବିଜେଡି ଦଳ ଭିତରେ ବରିଷ୍ଠ ନେତାଙ୍କ ଲୁହ ନବୀନ ଆଉ ବୋଧେ ଦେଖିବାକୁ ଚାହାଁନ୍ତି ନାହିଁ। ତେଣୁ ପାଣ୍ଡିଆନ ଦମ୍ପତି ଯାହା ନିଷ୍ପତ୍ତି ନେବେ ତାହାକୁ ବିଜେଡି ନେତା ଓ କର୍ମୀ ମାନିବାକୁ ବାଧ୍ୟ। ଯେଉଁମାନେ ପାଣ୍ଡିଆନଙ୍କୁ ବିରୋଧ କରିବେ ସେ ଦଳରୁ ବିଦା ହେବେ ସୁନିଶ୍ଚିତ। ଏତେ ସବୁ ଜାଣି ମଧ୍ୟ ଭିତରେ ଭିତରେ ଯେଉଁମାନେ ଅସନ୍ତୁଷ୍ଟ ରହିଛନ୍ତି ଆଗାମୀ ଦିନରେ ସେମାନେ ବିଜେଡି ଛାଡିବା ଏକ ପ୍ରକାର ଥୟ। ଏହାରି ମଧ୍ୟରେ ବିଜେଡିରୁ ବିତାଡିତ ଏବଂ ବିଜେଡିରେ ଥାଇ ମଧ୍ୟ ଦଳ ମୁଖିଆଙ୍କ ଅବହେଳାର ଶିକାର ହୋଇଥିବା କିଛି ନେତା ଓଲାଶୁଣୀ ଗୁମ୍ଫା ନିକଟରେ ବିକଳ୍ପ ଦଳ ଗଠନ ନେଇ ମାନସ ମନ୍ଥନ କରିଛନ୍ତି। ତେବେ ବିଜେଡିର ଭାଗ୍ୟ କେଉଁ ଆଡକୁ ଦେଖିବାକୁ ବାକି।

# ରାଜ୍ୟରେ ବଢୁଛି ସାଇବର ଅପରାଧ



ରେଣୁବାଳା ମହାପାତ୍ର

ବିଜ୍ଞାନର ଅଗ୍ରଗତି ଦ୍ୱାରା ସଭ୍ୟତାର ବିକାଶ ହେଉଛି ସତ କିନ୍ତୁ ଇଣ୍ଟରନେଟର ମାୟା ଜାଲ ଭିତରେ ଆମେ ସମସ୍ତେ ଛନ୍ଦି ହୋଇ ସାରିଲେଣି। ଦିନକୁ ଦିନ ସମାଜ ଡିଜିଟାଲ ଆଡ଼କୁ ଗତି କରୁଛି। ଡିଜିଟାଲ ପଦ୍ଧତି ପ୍ରତ୍ୟେକ କାର୍ଯ୍ୟକୁ ପୂର୍ବାପେକ୍ଷା ଅଧିକ ସହଜସାଧ୍ୟ କରିଛି। ସୂଚନା ଭଣ୍ଡାରକୁ ଅତି ସହଜଲବ୍ଧ କରାଉଥିବା ଯାନ୍ତ୍ରିକ ପଦ୍ଧତି ହେଉଛି ଇଣ୍ଟରନେଟ। ଇଣ୍ଟରନେଟ ଆଧୁନିକ ସମାଜ ଏବଂ ଦୈନନ୍ଦିନ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।ବିଶ୍ୱବ୍ୟାପୀ ଯେପରି ଭାବରେ ଡିଜିଟାଲିକରଣ ହେଉଛି, ଦୈନନ୍ଦିନ ଜୀବନରେ ଇଣ୍ଟରନେଟ ଓ ଡିଜିଟାଲ ସେବା ଅବିଭାଜ୍ୟ ଅଂଶ ହୋଇଯାଇଛି। ଶିକ୍ଷା ସଂସ୍ଥାନ, ଔଦ୍ୟୋଗିକ ପ୍ରତିଷ୍ଠାନ, ପ୍ରଶାସନିକ ବିଭାଗ, ଗଣମାଧ୍ୟମ, ମନୋରଞ୍ଜନ ସଂସ୍ଥା, ସଂଗ୍ରହାଳୟ,ପାଠାଗାର, ବ୍ୟାଙ୍କିଂ, ସପିଂ ଅନେକ କ୍ଷେତ୍ରରେ ଆମେ ଡିଜିଟାଲ ମାଧ୍ୟମ ବ୍ୟାବହର କରୁଛୁ। କିନ୍ତୁ ଇଣ୍ଟରନେଟ, ପ୍ରଯୁକ୍ତି ବିଦ୍ୟାର ବିକାଶ ଯେତିକି ହେଉଛି, ସେହି ଅନୁପାତରେ ଅନେକ କ୍ଷତି ସାଧନ ଘଟିଛି। ମୋବାଇଲର ମାତ୍ରାଧିକ ବ୍ୟାବାହର ସାଇବର ଠକେଇଙ୍କର ବାଟକୁ ସୁଗମ କରିଦେଇଛି।ସାଇବର ଅପରାଧ ବା ସାଇବର ଠକ କେବଳ ଓଡିଶା ନୁହେଁ, ପୁରା ଦେଶ ପାଇଁ ମୁଣ୍ଡ ବ୍ୟଥାର କାରଣ ହେଲେଣି। ଯେତେ ସଚେତନ ହେଲେ ମଧ୍ୟ ସାଇବର ଅପରାଧୀ ନୂଆ ନୂଆ ପଦ୍ଧତି ଆପଣେଇ ଅତି ସହଜରେ ଅପରାଧ କରି ଚାଲିଛନ୍ତି। ଏହା ଏକ ଏପରି ଅପରାଧ ଯାହା ଅନଲାଇନ୍ ମାଧ୍ୟମରେ ଲୋକଙ୍କର ଧନ, ବ୍ୟକ୍ତିଗତ ସୂଚନା ଓ ଗୋପନୀୟତାକୁ ଲକ୍ଷ୍ୟ କରି ଘଟିଥାଏ। ସାଇବର ଠକେଇର ଅର୍ଥ ହେଉଛି ଡିଜିଟାଲ ମାଧ୍ୟମ ବା କମ୍ପ୍ୟୁଟର ନେଟୱର୍କ ଉପରେ ଆଧାରିତ ଏମିତି ଏକ ଅପରାଧିକ କାର୍ଯ୍ୟ ଯାହାଦ୍ୱାରା ଲୋକଙ୍କୁ ଠକା ଯାଇଥାଏ। ଫିସିଂ ହେଉଛି ଏପରି ଏକ ଅପରାଧିକ କାର୍ଯ୍ୟ ଯେଉଁଥିରେ ମଣିଷକୁ ଭୁଲ୍ ଇମେଲ ବା ଏସ୍‌ଏମ୍‌ଏସ୍ ପଠାଯାଇ ତାଙ୍କ ବ୍ୟାଙ୍କ୍ ଏକାଉଣ୍ଟ, ପାସୱାର୍ଡ, କ୍ରେଡିଟ କାର୍ଡ ତଥ୍ୟ ଜଣାଇବାକୁ ବାଧ୍ୟ କରା ଯାଇଥାଏ। ସେମିତି ମାଲ୍ ୱେୟାର ଏବଂ ଟ୍ରୋଜାନ ଭାଇରସ ଦ୍ୱାରା କମ୍ପ୍ୟୁଟର ବା ମୋବାଇଲ୍ ଉପକରଣରେ ଅବୈଧ ଭାବରେ ପ୍ରବେଶ କରାଯାଏ। ଅନ୍ୟତମ ଠକେଇ ହେଉଛି ସୋସିଆଲ ଇଞ୍ଜିନିୟରିଂ, ଯେଉଁଠାରେ ଲୋକମାନଙ୍କ ସାଧାରଣ ମନୋଭାବ ବା ସଚେତନତାକୁ ଲକ୍ଷ୍ୟ କରି ଠକେଇକାରୀ ତଥ୍ୟ ଆହରଣ କରନ୍ତି।

ସୂଚନା ଅନୁସାରେ, ସାଇବର ଓ ଅର୍ଥନୈତିକ ଅପରାଧ ମାମଲାର ମୁକାବିଲା ପାଇଁ ରାଜ୍ୟରେ ୧୪ଟି ସାଇବର ପୋଲିସ ଷ୍ଟେସନ ରହିଛି। ଓଡିଶା ସରକାର ଆଉ ୨୦ ଟି ସାଇବର ସେଲ ପାଇଁ ପ୍ରସ୍ତାବ ମଧ୍ୟ ଦେଇଛନ୍ତି। ଭୁବନେଶ୍ୱର, କଟକ, କେନ୍ଦୁଝର, ସମ୍ବଲପୁର, ବରହମ୍ ପୁର, ରାଉରକେଲା, ଅନୁଗୋଳ, ବାଲେଶ୍ୱର, ମୟୂରଭଞ୍ଜ, ପୁରୀ, କୋରାପୁଟ, କଳାହାଣ୍ଡି, ବଲାଙ୍ଗୀର, କନ୍ଧମାଳ, କଟକ ୟୁପିଡିରେ କାର୍ଯ୍ୟ କରୁଛି। ଆର୍ଥିକ ଠକେଇ ରୋକିବା ପାଇଁ ସାଇବର ହେଲ୍ପ ଡେସ୍କ ଖୋଲିଛି। ସେଥିପାଇଁ ଟୋଲ ଫ୍ରି ହେଲ୍ପଲାଇନ ନମ୍ବର (୧୯୩୦) କାର୍ଯ୍ୟ କରୁଛି। ଯେଉଁ ବ୍ୟକ୍ତି ଆର୍ଥିକ ଠକେଇର ଶିକାର ହୋଇଛନ୍ତି, ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ଏହି ନମ୍ବର (୧୯୩୦) ରେ କଥା ହୋଇ ନିଜର ସବିଶେଷ ତଥ୍ୟ ପ୍ରଦାନ କରିପାରିବେ। ଏହି କଂପ୍ଲେନ୍ ରେଜିଷ୍ଟର ପାଇଁ ଅନଲାଇନ ପୋର୍ଟଲ୍ ମଧ୍ୟ ଅଛି http://cybercrime.gov.in/। ଯେହେତୁ ଏସବୁ ଟୋଲ୍ ଫ୍ରି ନମ୍ବର୍ ଏବଂ ପୋର୍ଟାଲ୍ ବିଷୟରେ ଲୋକେ ସଚେତନ ନୁହଁନ୍ତି ବା ଜାଣିନାହାନ୍ତି, ତେଣୁ ସାଇବର ଅପରାଧୀ ଏହାର ଫାଇଦା ଉଠାଉଛନ୍ତି। ତେଣୁ ସଚେତନ ହିଁ ସାଇବର୍ ଅପରାଧ ରୋକିବା ପାଇଁ ଏକ ମାତ୍ର ରାସ୍ତା। ସର୍ଭେ ରିପୋର୍ଟ ଅନୁସାରେ, ୨୦୨୨ ତୁଳନାରେ ୨୦୨୩ରେ ୨୪% ସାଇବର କ୍ରାଇମ୍ ବଢ଼ିଛି। ୨୦୨୪ରେ ସାଇବର ଅପରାଧ ସୀମା ଟପି ଯାଇଛି। ପୋଲିସ ଯେତେ ସଚେତନ ହେଲେ ମଧ୍ୟ ଜନସାଧାରଣଙ୍କର ଲୋଭ ଓ ଅସଚେତନତା ଯୋଗୁଁ ସାଇବର ଅପରାଧୀଙ୍କ ଜାଲରେ ଫସି ଯାଉଛନ୍ତି। ବିଶେଷ କରି ମହିଳା ମାନେ ସାଇବର ଅପରାଧର ଜାଲରେ ଆବଦ୍ଧ ହୋଇଯାଉଛନ୍ତି। ସୋସିଆଲ୍ ମିଡିଆରେ ବହୁ ସମୟ ଅତିବାହିତ କରି ବିଭିନ୍ନ ଅନଲାଇନ୍ ସାଇଟ୍‌ରୁ ଜିନିଷ କିଣିବା, କ୍ୟୁଆର ସ୍କାନ୍ କରିବା, କେଉଁ ସ୍ଥାନକୁ ଯାଉଛନ୍ତି ତାର ଲାଇଭ ଲୋକେସନ ସେୟାର କରିବା, ନିଜର ଓ ପରିବାରର ଫଟୋ ଏକାଧିକ ପ୍ଲାଟଫର୍ମରେ ବ୍ୟାବାହାର କରିବା- ଏହାଦ୍ୱାରା ସାଇବର ଅପରାଧୀ କେବଳ ତାଙ୍କର ନୁହଁ, ତାଙ୍କ ପରିବାରର ସମ୍ପୂର୍ଣ୍ଣ ବିବରଣୀ ପାଇ ଯାଉଛନ୍ତି, ଯଦ୍ୱାରା କି ତାଙ୍କର ଅପରାଧିକ କାର୍ଯ୍ୟକଳାପ ଖୁବ୍ ସହଜରେ ସଫଳ ହୋଇଯାଉଛି। ଚାଇଲ୍ଡ ପର୍ଣ୍ଣଗ୍ରାଫି ଦ୍ୱାରା ଛୋଟ ଛୋଟ ପିଲା ମାନେ ଅନଲାଇନ ଗେମ୍ ପ୍ରତି ଆକର୍ଷିତ ହେଉଛନ୍ତି, ଯଦ୍ୱରାକି ନିଜର ହିତାହିତ ଜ୍ଞାନ ହରାଇ ମୋବାଇଲରୁ ଟଙ୍କା ଟ୍ରାନ୍ୟାକ୍ସନ୍ କରି ଶେଷରେ ପରିବାରର ଭୟରେ ଆତ୍ମହତ୍ୟା କରୁଛନ୍ତି। ଯାହାକି ଅତ୍ୟନ୍ତ ଦୁଃଖଦାୟକ। ଇଣ୍ଟରନେଟ ଓ ପ୍ରଯୁକ୍ତି ବିଦ୍ୟାର ବିକାଶ ହେବା ସହିତ ସାଇବର୍ ଅପରାଧ ନାଟକୀୟ ଭାବରେ ବୃଦ୍ଧି ପାଇଛି। ଲୋକଙ୍କର ଅସଚେତନତା ଓ ଲୋଭ ସାଇବର ଠକେଇର ମୁଖ୍ୟ କାରଣ। ଅନେକ ସମୟରେ ଅତି ଲାଭଦାୟକ ବିଜ୍ଞାପନ ଓ ଉପହାର ଦେଖି ଲୋଭର ବଶବର୍ତ୍ତୀ ହୋଇ ଲୋକେ ଠକାମୀର ଶିକାର ହୋଇଥାନ୍ତି।ଏମାନେ ନକଲି ୱେବସାଇଟ, ନକଲି ଆପ୍ ମାଧ୍ୟମରେ ଲୋଭ ଦେଖାଇ ଲୋକଙ୍କୁ ଠକି ଥାଆନ୍ତି। ସାଇବର ଅପରାଧକୁ ରୋକିବା ଏବଂ ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ଅନେକ ଆଇନ୍ ପ୍ରସ୍ତୁତ କରିଛନ୍ତି। ସାଇବର ସେକ୍ୟୁରିଟୀ ଭେନ୍‌ଜର୍ସ୍ ଅନୁସାରେ,୨୦୨୪ ମସିହାରେ ସାଇବର ଅପରାଧ ଯୋଗୁଁ ବିଶ୍ୱ ଅର୍ଥନୀତି ବହୁଳ ଭାବରେ ପ୍ରଭାବିତ ହୋଇଥିଲା। ସାଇବର ସୁରକ୍ଷା ବ୍ୟକ୍ତି, ବ୍ୟବସାୟ ଏବଂ ସରକାରଙ୍କ ପାଇଁ ସାଇବର ଅପରାଧୀଙ୍କ ଠାରୁ ସମ୍ବେଦନଶୀଳ ତଥ୍ୟ, ଆର୍ଥିକ ସମ୍ପତ୍ତି ଓ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ସୁରକ୍ଷିତ ରଖିବା ପାଇଁ ଅତ୍ୟାବଶ୍ୟକ। ପ୍ରଭାବଶାଳୀ ସାଇବର ସୁରକ୍ଷା ବ୍ୟବସ୍ଥା ଦ୍ୱାରା ବିପଦ ହ୍ରାସ କରିବା ଏବଂ ଡିଜିଟାଲ ସୁରକ୍ଷା ବୃଦ୍ଧି ସହ ସମସ୍ତ କର୍ମଚାରୀ ଏବଂ ବ୍ୟକ୍ତି ବିଶେଷଙ୍କୁ ସଚେତନତା ତଥା ତାଲିମ୍ ଆବଶ୍ୟକ। ବ୍ୟକ୍ତିଗତ ସାଇବର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଦୃଢ ପାସୱର୍ଡ୍, ଦୁଇ କାରକ ପ୍ରମାଣୀକରଣ (Two factor authentication), ଫିଶିଂ ସ୍କ୍ୟାମ୍ ବିଷୟରେ ସଚେତନତା ଗୁରୁତ୍ୱପୂର୍ଣ୍ଣ। ଆଣ୍ଟିଭାଇରସ୍ ସଫ୍ଟୱେର୍ ଏବଂ ଅପରେଟିଂ ସିଷ୍ଟମ୍ ନିୟମିତ ଅପଡେଟ ସହ ବ୍ୟକ୍ତିଗତ ଡିଭାଇସ୍ ଗୁଡ଼ିକୁ ସୁରକ୍ଷିତ ରଖିଲେ, ଏହା ବିପଦକୁ ହ୍ରାସ କରିବାରେ ସାହାଯ୍ୟ କରିପାରିବ। ଫାୟାର ୱାଲ୍ ଏବଂ ଆଣ୍ଟିଭାଇରସ୍ ସଫ୍ଟୱେର୍ ବ୍ୟବହାର କରିବା, ସାଇବର ସୁରକ୍ଷା ବିପଦ ବିଷୟରେ କର୍ମଚାରୀ ମାନଙ୍କୁ ଶିକ୍ଷା ଦେବା,ସମ୍ବେଦନଶୀଳ ତଥ୍ୟର ଡାଟା ଏନ୍‌କ୍ରିପସନ୍ କରିବା ଦ୍ୱାରା ସାଇବର ସୁରକ୍ଷା ବୃଦ୍ଧି କରାଯାଇ ପାରିବ। ସକ୍ରିୟ ସୁରକ୍ଷା ପଦକ୍ଷେପ ଗ୍ରହଣ କରି ଏବଂ ନୂତନ ବିପଦ ବିଷୟରେ ଅବଗତ ରହି ଆମେ ଏକ ସୁରକ୍ଷିତ ଏବଂ ସୁସ୍ଥ ଡିଜିଟାଲ ବିଶ୍ୱ ଗଠନ କରିପାରିବା। ସାଇବର ସୁରକ୍ଷା ଆମ ସମସ୍ତଙ୍କର ମିଳିତ ଦାୟିତ୍ୱ। ତେଣୁ ସାମୂହିକ ପ୍ରୟାସ ଦ୍ୱାରା ସାଇବର ଅପରାଧ ରୋକା ଯାଇପାରିବ।

*ଅନୁଗୋଳ*
*ଦୂରଭାଷ : ୭୯୭୮୧୫୯୬୫୧*

# ଅଦୃଶ୍ୟ ଶକ୍ତି



ଆଶୁତୋଷ ନାୟକ

ସୃଷ୍ଟିର ଆରମ୍ଭରୁ ଏହା ପ୍ରମାଣିତ ଯେ ପ୍ରକୃତି ବିଜ୍ଞାନ ଠାରୁ ବଳଶାଳୀ। ମଣିଷ ନିଜର ସମସ୍ତ ସାମର୍ଥ୍ୟ ପ୍ରୟୋଗ କରି ମଧ୍ୟ ପ୍ରକୃତି ଉପରେ ନିଜର ଆଧିପତ୍ୟ ବିସ୍ତାର କରିବା ଅସମ୍ଭବ। ଯେଉଁ ମନୁଷ୍ୟ ମାନେ ଭଗବାନଙ୍କର ଅସ୍ତିତ୍ୱ ଉପରେ ସର୍ବଦା ପ୍ରଶ୍ନବାଚୀ ସୃଷ୍ଟି କରନ୍ତି ସେମାନେ ଜାଣି ରଖିବା ଉଚିତ ପ୍ରକୃତିର ସୃଷ୍ଟି ବିଜ୍ଞାନର ଅନ୍ତରୁ ହିଁ ଆରମ୍ଭ ହୋଇଥାଏ। ନିଜର ଅର୍ଥ, ବ୍ୟାଙ୍କ ବାଲାନ୍ସ, ପ୍ରତିଷ୍ଠା, କ୍ଷମତା,ସୁନ୍ଦର ଆକର୍ଷଣୀୟ ଚେହେରା ପାଇଁ ଅହଂକାର କରୁଥିବା ମନୁଷ୍ୟ ଆଜି କିନ୍ତୁ ନିଜର ଅସ୍ତିତ୍ୱ ବଜାୟ ରଖିବା ପାଇଁ ପ୍ରତି ମୁହୂର୍ତ୍ତରେ ବଞ୍ଚିବା ପାଇଁ ସଂଗ୍ରାମ କରୁଛି।

ଏକବିଂଶ ଶତାବ୍ଦୀର ମନୁଷ୍ୟ କୃତିମ ବୃଦ୍ଧିମତା ପ୍ରୟୋଗ କରି ଅନେକ ଅସାଧ୍ୟ କର୍ମ ସଂପାଦନ କରୁଛ। କୃତିମ ବୃଦ୍ଧିମତା ଦ୍ୱାରା ଅନେକ ଘାତକ ଦୂରାରୋଗ୍ୟ କ୍ୟାନସର, ହାର୍ଟଷ୍ଟୋକ, ବ୍ରେନଷ୍ଟୋକ, ହାର୍ଟ ଅପେରସନ, କିଡ଼ନୀ ଟ୍ରାନ୍ସପ୍ଲାଣ୍ଟ ଇତ୍ୟାଦି ସହଜରେ ଚିକିତ୍ସା କରାଯାଇ ପାରୁଛି। ବିଭିନ୍ନ ଅତ୍ୟାଧୁନିକ ସାଟେଲାଇଟ, ମିଶାଇଲ, ଇତ୍ୟାଦିର ପ୍ରେରଣ ସମ୍ଭବ ହୋଇପାରୁଛି। ଏକବିଂଶ ଶତାବ୍ଦୀର ମନୁଷ୍ୟ ନିଜର ବୃଦ୍ଧି, ବିବେକ, ଜ୍ଞାନ ବଳରେ ବଳୀୟାନ ହୋଇ ବିଜ୍ଞାନ ଦ୍ୱାରା ଅସମ୍ଭବ କୁ ସମ୍ଭବ କରୁଛି କିନ୍ତୁ ସବୁ କିଛି ଥାଇ ମଧ୍ୟ ଏ ବିଶ୍ୱ ବ୍ରହ୍ମାଣ୍ଡରେ ଥିବା ଅଗଣିତ ପ୍ରାଣୀଙ୍କ ମଧ୍ୟରେ ନିଜକୁ ସର୍ବଶକ୍ତିମାନ, ବୃଦ୍ଧିମାନ ପ୍ରାଣୀ ଭାବେ ବିବେଚନା କରୁଥିବା ରକ୍ତମାଂସଧାରୀ ମନୁଷ୍ୟ ପ୍ରକୃତି ପାଖରେ ଅସହାୟ ହୋଇପଡୁଛି।

ଯେତେବେଳେ କୌଣସି ପ୍ରାକୃତିକ ଦୁର୍ବିପାକ ଯେପରି ଭୂମିକମ୍ପ, ସୁନାମି, ପ୍ରଳୟକାରୀ ବନ୍ୟା, ବାତ୍ୟା, ଘୂର୍ଣ୍ଣିଝଡ଼ ପରି ବିପଦକୁ ସାମନା କରୁଛି ସେତେବେଳେ କୌଣସି ଉପାୟ ନପାଇ ନିଜ ଜୀବନ ବଞ୍ଚାଇବା ପାଇଁ ଈଶ୍ୱରଙ୍କ ପାଖରେ ଆକୁଳ ନିବେଦନ କରୁଛି କାରଣ ସେତେବେଳେ ହିଁ ମନୁଷ୍ୟ ଈଶ୍ୱରଙ୍କ ସତ୍ତା ଉପଲବ୍ଧି କରୁଛି ଯେତେବେଳେ ସେ ବଞ୍ଚିବାର ରାହା ଖୋଜୁଛି। ସେ ଅଦୃଶ୍ୟ ଶକ୍ତି ଈଶ୍ୱରଙ୍କ ବ୍ୟତୀତ ଏ ବିଶ୍ୱବ୍ରହ୍ମାଣ୍ଡରେ ଆଉ କୌଣସି ଶକ୍ତି ମନୁଷ୍ୟକୁ ଭୟଙ୍କର ବିପତ୍ତିରୁ ଉଦ୍ଧାର କରିବାର ସାମର୍ଥ ନାହିଁ ସେତେବେଳେ ମନୁଷ୍ୟ ଉପଲବ୍ଧି କରୁଛି। ଏକବିଂଶ ଶତାବ୍ଦୀର ସ୍ୱାର୍ଥବାଦୀ ମନୁଷ୍ୟ ପୁଳାପୁଳା ଟଙ୍କା, ବାଟି ବାଟି ସମ୍ପତ୍ତିର ଲୋଭାସକ୍ତ ହୋଇ ନିଜର ପରିବାର, ସ୍ତ୍ରୀ, ସନ୍ତାନ, ବନ୍ଧୁ ପରିଜନମାନଙ୍କୁ ହତ୍ୟା କରିବାକୁ ମଧ୍ୟ ପଛଘୁଞ୍ଚା ଦିଅନ୍ତି ନାହିଁ।

କରୋନା ମହାମାରୀ ସମୟରେ ନିଜକୁ ସବୁଠାରୁ ବଳଶାଳୀ ମନେକରୁଥିବା ସମଗ୍ର ମାନବଜାତି ନିଜର ଅସ୍ତିତ୍ୱ ପାଇଁ ଗୃହବନ୍ଦୀ ହୋଇରହିଥିଲା। ସମଗ୍ର ବିଶ୍ୱ ଅର୍ଥନୀତିର ମେରୁଦଣ୍ଡ ଭାଙ୍ଗି ଯାଇଥିଲା। ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷିଆ, ଜାପାନ, ଚୀନ, ଫ୍ରାନ୍ସ, ଜର୍ମାନୀ ଇତ୍ୟାଦି କରୋନା ଭୁତାଣୁ ଆଗରେ ନତମସ୍ତକ ହୋଇପଡିଥିଲା। ସେମାନଙ୍କ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା, ଉନ୍ନତ ଜ୍ଞାନକୌଶଳ ସବୁକିଛି ବ୍ୟର୍ଥ ହୋଇଯାଇଥିଲା। ବିକଶିତ ରାଷ୍ଟ୍ର ମାନଙ୍କର ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡ଼ି ପଡିଥିଲା। ଲକ୍ଷ ଲକ୍ଷ ଲୋକ ପୋକମାଛି ପରି ମୃତ୍ୟୁବରଣ କରୁଥିଲେ। ଅନେକ ବ୍ୟକ୍ତିଙ୍କ ଖାଦ୍ୟ ଅଭାବରୁ ସେ ସମୟରେ ଜୀବନ ପ୍ରଦୀପ ଲିଭିଯାଇଥିଲା। ପ୍ରାଣଘାତୀ ମାରାତ୍ମକ କରୋନା ଭୁତାଣୁ ପାଖରେ ସମଗ୍ର ବିଶ୍ୱ ଯେପରି ଅସହାୟ ଓ ନିରୁପାୟ ହୋଇପଡିଥିଲା ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ।

୧୪୦ଖଣ୍ଡ କାରରେ ବସି ବୁଲୁଥିବା ଏବଂ ୧୦୦୦୦କୋଟିରୁ ଅଧିକ ସମ୍ପତ୍ତିର ଅଧିକାରୀ ଥିବା ଆମ ଓଡିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ବହୁ ଚେଷ୍ଟା କରି ମଧ୍ୟ ନିଜ ଜୀବନ ବଞ୍ଚାଇପାରିନଥିଲେ। ଯଦି ପୁଳାପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ବଳରେ ସବୁକିଛି ହୋଇପାରୁଥାନ୍ତା ତାହେଲେ ସବୁ ନେତା, ମନ୍ତ୍ରୀ, ଅଫିସର ଅମର ହୋଇଯାଇଥାନ୍ତେ । ସେଥିପାଇଁ ଆମ ଶାସ୍ତ୍ରରେ କୁହାଯାଇଛି

'ଦଇବ ଦଉଡି ମଣିଷ ଗାଈ
ଯେଣିକି ଟାଣଇ ଶେଣିକି ଯାଇ'।

ଝିଟିପିଟି ଯେପରି ରାତିସାରା ଅନେକ ପୋକ ଝିଣ୍ଟିକା ଖାଇ ପ୍ରାତଃ ସମୟରେ ମହାପୁରୁଷଙ୍କ ଫୋଟ ପଛପଟେ ଲୁଚି ଯାଏ ଏକ ବିଂଶ ଶତାବ୍ଦୀ ମନୁଷ୍ୟର ଚରିତ୍ର ଠିକ୍ ସେହିପରି।

ଈଶ୍ୱରଙ୍କ ସୁନ୍ଦର ସୃଷ୍ଟିରେ ବୃଦ୍ଧିମାନ ଜୀବ ହେଉଛି ମଣିଷ। ମନୁଷ୍ୟ ନିଜର ବୃଦ୍ଧି ଓ ବିବେକ ବଳରେ ଜଳ, ସ୍ଥଳ, ଆକାଶ ପଥରେ ନିଜର ଆଧିପତ୍ୟ ବିସ୍ତାର କରିଛି। କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ମନୁଷ୍ୟ ନିଜର ବୃଦ୍ଧି ଅସତ ଉପାୟରେ ପରିଚାଳିତ କରି ପ୍ରକୃତି ଉପରେ ଅନବରତ ଅତ୍ୟାଚାର କରିଚାଲିଛି ଏବଂ ନିଜର ଅର୍ଥବଳ, ବାହୁବଳ ପ୍ରୟୋଗ କରି ଦୁର୍ବଳ ଉପରେ ଅତ୍ୟାଚାର କରିଚାଲିଛି। ନିଜର ସ୍ୱାର୍ଥସାଧନ ପାଇଁ ମନୁଷ୍ୟ ଜଙ୍ଗଲ, ଗଛଲତା, ବନ୍ୟପ୍ରାଣୀ, ଜୀବଜନ୍ତୁ ଧ୍ୱଂସ କରିଚାଲିଛି। ସେଥିପାଇଁ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଘଟୁଛି। ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଆମ ପାଇଁ ସତର୍କ ଘଣ୍ଟି। ଆମେ ନିଜେ ହିଁ ନିଜର ଧ୍ୱଂସ କରୁଛୁ। ସେଥିପାଇଁ କୁହାଯାଏ 'ଆପଣା ହସ୍ତେ ଜିହ୍ୱା ଛେଦି କେ ଅଛି ତାର ପ୍ରତିବାଦୀ'

ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ଯେ ନିଜକୁ ସର୍ବଶେଷ୍ଠ ସର୍ବଶକ୍ତିମାନ ମନେକରୁଥିବା ଏକବିଂଶ ଶତାବ୍ଦୀର ମନୁଷ୍ୟ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତିର ଅଧିକାରୀ ହୋଇମଧ୍ୟ ଅନେକ ବ୍ୟକ୍ତି ଅଶାନ୍ତିରେ କାଳାତିପାତ କରୁଛନ୍ତି। ସବୁକିଛି ସୁଖ ସ୍ୱାଛନ୍ଦ୍ୟ, ଦାମୀ ଗାଡି, ସୁରମ୍ୟ ଅଟ୍ଟାଳିକା, ସୁନା, ରୁପା, ହୀରା ଅଳଙ୍କାର ଥିଲେ ମଧ୍ୟ ମାନସିକ ଆବସାଦ ଏବଂ ଅତ୍ୟଧିକ ଚାପଗ୍ରସ୍ତ ହୋଇ ସୁଶାନ୍ତ ସିଂ ରାଜପୁତଙ୍କ ଠାରୁ ଆରମ୍ଭ କରି ଅନେକ ହିନ୍ଦୀ, ତେଲୁଗୁ, କନ୍ନଡ଼ ସିନେମା ଅଭିନେତା, ଉଚ୍ଚପ୍ରଦସ୍ତ ଅଧିକାରୀ,ପୋଲିସ ଅଫିସର, ଆଇଏସ ଅଫିସର ଆତ୍ମହତ୍ୟାର ରାସ୍ତା ବାଛିନେଉଛନ୍ତି। ଏହାର ଅନେକ ଦୃଷ୍ଟାନ୍ତ ରହିଛି।

ଏକବିଂଶ ଶତାବ୍ଦୀର ସ୍ୱାର୍ଥବାଦୀ ମନୁଷ୍ୟ ଅହଂକାରରେ ବଶବର୍ତ୍ତୀ ହୋଇ ଅର୍ଥ ଏବଂ ପ୍ରାଚୁର୍ଯ୍ୟ ବଳରେ ଅନ୍ଧ ହୋଇ ନିଜକୁ ସର୍ବଶେଷ୍ଟ, ସର୍ବଶକ୍ତିମାନ ମନେକରୁଛି। ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କଳିଯୁଗ ମନୁଷ୍ୟର ଔଦ୍ଧତ୍ୟ ଏବେ ଚରମସୀମାରେ। ଈଶ୍ୱରଙ୍କ ସୁନ୍ଦର ସୃଷ୍ଟି ପ୍ରକୃତିକୁ ଧ୍ୱଂସ କରିବାରେ ସେ ବ୍ୟଗ୍ର। ଅନେକ ଜଙ୍ଗଲ, ଗଛଲତାକୁ ମନୁଷ୍ୟ ନିଜର ସ୍ୱାର୍ଥ ପାଇଁ ଧ୍ୱଂସ କରିଦେଉଛି। ଏହାଛଡା ନିରୀହ ପଶୁ, ପକ୍ଷୀଙ୍କ ଉପରେ ସ୍ୱାର୍ଥବାଦୀ ମନୁଷ୍ୟ ନିଷ୍ଠୁରତା, ବର୍ବରତା ଆଚରଣ କରୁଛି। କେତେବେଳେ ସେମାନଙ୍କ ଉପରେ ଏସିଡ, ଗରମ ପାଣି ପକାଇଦଉଚି, ସେମାନଙ୍କ ଖାଉ ଥିବା ଖାଦ୍ୟରେ ବିଷ ମିଶାଇଦଉଚି ତ ଆଉ କେତେବେଳେ ସେମାନଙ୍କୁ ହତ୍ୟା କରି ସେମାନଙ୍କ ମାଂସ ଭକ୍ଷଣ କରୁଛି।

ପରମ ଶାସ୍ତ୍ର ଭାଗବତରେ ଏହା ବର୍ଣ୍ଣିତ ରହିଛି ୮୪ଲକ୍ଷ ଜନ୍ମ ପରେ ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ। ସେଥିପାଇଁ କୁହାଯାଇଛି ବାଲ୍ୟକାଳରୁ ମନୁଷ୍ୟକୁ ଈଶ୍ୱରଙ୍କ ଆଶ୍ରିତ ହେବା ଅତ୍ୟନ୍ତ ଆବଶ୍ୟକ କାରଣ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ କ୍ଷଣିକ ଏବଂ ପରମାର୍ଥ ପ୍ରଦାନ କରିବାରେ ସମର୍ଥ। ଏ ବିଶ୍ୱବ୍ରହ୍ମାଣ୍ଡରେ ଦେଖାଯାଉଥିବା ସମସ୍ତ ସୁନ୍ଦର ବସ୍ତୁ ବଡ଼ ବଡ଼ ଅଟ୍ଟାଳିକାଠାରୁ ଆରମ୍ଭ କରି ନଦୀ ପୁଷ୍କରିଣୀ ଅରଣ୍ୟ ସାଗର ପ୍ରଯ୍ୟନ୍ତ ସବୁଦିନ ମାଟିରେ ମିଶିବ। ଯାହାର ସୃଷ୍ଟି ହୋଇଛି ତାହାର ଧ୍ୱଂସ ସୁନିଶ୍ଚିତ ସେ ସଜୀବ ହୁଅନ୍ତୁ କିମ୍ବା ନିର୍ଜୀବ। ଏହା ଚିରନ୍ତନ ସତ୍ୟ। ମନୁଷ୍ୟ ଜୀବନ ମଧ୍ୟ କ୍ଷଣସ୍ଥାୟୀ। ପାଣି ଫୋଟକା ପରି ମନୁଷ୍ୟର ଆୟୁଷ ମଧ୍ୟ ଅତି ସଂକ୍ଷିପ୍ତ।

ମହାଭାରତ ଯୁଦ୍ଧକ୍ଷେତ୍ରରେ ମୋହବଦ୍ଧ ଅର୍ଜୁନଙ୍କ ଉଦ୍ଦେଶ୍ୟରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ଯେତେବେଳେ ସଂସାରରେ ଧର୍ମର ପରାଭବ ଘଟି ଅଧର୍ମର ଉତଥାନ ହୁଏ, ମୁଁ ସେତେବେଳେ ବିଧର୍ମୀମାନଙ୍କୁ ବିନାଶକରି ଧର୍ମର ସୁରକ୍ଷା ଏବଂ ସାଧୁ ମାନଙ୍କର ପରିତ୍ରାଣ ପାଇଁ ଅବତାର ଗ୍ରହଣ କରେ। ଅତ୍ୟାଚାରୀ ଶାସକମାନେ ଆମ ସଂପ୍ରସାରଣର ହୀନ ମନବୃତ୍ତି ବଶତଃ 'ଧର୍ମ' ଭଳି ଶବ୍ଦକୁ ରାଜନୈତିକ ସ୍ୱାର୍ଥସାଧନରେ ବ୍ୟବହାର କରୁଛନ୍ତି। ଅତ୍ୟାଚାରୀ ଓ ଅଧର୍ମୀ ଆଉରଙ୍ଗଜେବଙ୍କ ଧର୍ମଭାର୍ଥିକ ରାଜନୀତି ତତ୍କାଳୀନ ହିନ୍ଦୁ ପ୍ରଜାମାନଙ୍କୁ ନିର୍ଯାତନା ଓ ଅତ୍ୟାଚାର ସହିବାକୁ ପଡିଥିଲା। ଏପରିକି ପରବର୍ତ୍ତୀ କାଳରେ ବ୍ରିଟିଶ ଶାସକମାନେ ମଧ୍ୟ ସ୍ୱଧର୍ମର ପ୍ରଚାର ନିମନ୍ତେ ଭାରତୀୟ ଧର୍ମ ଓ ସଂସ୍କୃତି ଉପରେ ଛୁରିକାଘାତ କରିବାକୁ ସବୁ କଳ, ବଳ, କୌଶଳ ଉପଯୋଗ କରିଥିଲେ। ସେ ହୃଦୟ ବିଦାରକ ନିର୍ଯାତନାର କାହାଣୀ ଇତିହାସ ପୃଷ୍ଠାରୁ କେବେ ଲିଭିଯିବ ନାହିଁ। ଧର୍ମନିରପେକ୍ଷତା ଆଜି କେବଳ ଆଧୁନିକ ଭାରତର ଏକ ସ୍ଲୋଗାନ ନୁହେଁ, ଏହାର ଐତିହ୍ୟ ସୁପ୍ରାଚୀନ ଅଟେ। ବୁଦ୍ଧଦେବ, ଯୀଶୁ, ମହମ୍ମଦ, ଶଙ୍କରାଚାର୍ଯ୍ୟ, ବଳରାମ ଦାସ, ଶ୍ରୀ ଚୈତନ୍ୟ ଦେବ, ସନ୍ଥ ତୁଳସୀ ଦାସ, ମହାତ୍ମା କବୀର, ସ୍ୱାମୀ ବିବେକାନନ୍ଦ ପରି ମହାପୁରୁଷ ଏଠାରେ ଜନ୍ମଗ୍ରହଣ କରି ସେମାନଙ୍କ ମାନବବାଦ ବାଣୀ ଶୁଣାଇ ଯାଇଛନ୍ତି। କେହି କୁତ୍ରାପି କୌଣସି ଧର୍ମ ପତି ବିଦ୍ୱେଷ ଭାବ ପୋଷଣ କରି ନାହାନ୍ତି।

ଏକବିଂଶ ଶତାବ୍ଦୀର ମନୁଷ୍ୟ ପ୍ରଭୁ ଶ୍ରୀରାମଙ୍କର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ ସମ୍ପାଦନ କରିପାରିଲେ ରାମରାଜ୍ୟର ପରିକଳ୍ପନା ବାସ୍ତବରେ ସମ୍ଭବ ହୋଇପାରିବ। ପିତୃସତ୍ୟ ପାଳନ କରିବା ପାଇଁ ଯେପରି ଭଗବାନ ଶ୍ରୀରାମ ୧୪ବର୍ଷ ଧରି ବନବାସରେ ଅତିବାହିତ କରିଥିଲେ। ସେହିପରି ମନୁଷ୍ୟ ଜୀବନ ରେ ଯେତେ ବାଧାବିଘ୍ନ, ଦୁଃଖକଷ୍ଟ, ଘାତପ୍ରତିଘାତ ଆସିଲେ ମଧ୍ୟ କଦାପି ସତ୍ୟପଥରୁ ବିଚ୍ୟୁତ ହେବା କାପୁରୁଷର ଲକ୍ଷଣ। ଭଗବାନ ଶ୍ରୀରାମ ସତ୍ୟ, ଧର୍ମ, ନ୍ୟାୟ ଏବଂ ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ।

ଏହିସବୁ ମହନୀୟ ଗୁଣ ମନୁଷ୍ୟ ନିଜର ବାସ୍ତବ ଜୀବନରେ ଉପଯୋଗ କରିପାରିଲେ ସେ ନିଜକୁ ପ୍ରତିଷ୍ଠିତ କରିପାରିବ। ଭଗବାନ ଶ୍ରୀରାମ ଯେପରି ବିଶ୍ୱବ୍ରହ୍ମାଣ୍ଡର ଛୋଟ କୀଟପତଙ୍ଗ ଠାରୁ ଆରମ୍ଭ କରି ପଶୁପକ୍ଷୀ, ମନୁଷ୍ୟ ପ୍ରଯ୍ୟନ୍ତ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ। ତାଙ୍କ ପାଖରେ ଉଚ୍ଚନୀଚର ଭେଦଭାବ ନଥିଲା। ସେହିପରି ଆମକୁ ଅହଂକାର ପରିହାର କରି ସମସ୍ତଙ୍କୁ ଆପଣାର ଭାବିବାକୁ ପଡିବ, କାହାକୁ ବି ହେୟଜ୍ଞାନ ମନେକରିବା ଉଚିତ ନୁହେଁ। ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଆବଶ୍ୟକ। ପ୍ରଭୁ ଶ୍ରୀରାମ ଯେପରି ନମ୍ର ଶାଳୀନତାପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରୁଥିଲେ ତାହା ଏକବିଂଶ ଶତାବ୍ଦୀର ମନୁଷ୍ୟ ପାଇଁ ନିଶ୍ଚିତ ଭାବେ ପ୍ରେରଣାଦାୟୀ। ମନୁଷ୍ୟକୁ ସଫଳ ହେବାକୁ ହେଲେ ବାସ୍ତବ ଜୀବନରେ ନମ୍ର, ଉଦାରବାଦୀ, ଦୟାଳୁ, କର୍ତ୍ତବ୍ୟନିଷ୍ଠ, ସତ୍ୟବାଦୀ ହେବାକୁ ପଡିବ। ଭଗବାନ ଶ୍ରୀରାମ ଆଦର୍ଶବାଦୀ, ନ୍ୟାୟବନ୍ତ, ପ୍ରଜାଅନୁରାଗୀ, ସତ୍ୟନିଷ୍ଠ ରାଜା ଥିଲେ। ଠିକ୍ ସେହିପରି ଏକବିଂଶ ଶତାବ୍ଦୀର ରାଜନେତା କ୍ଷମତା ମୋହରେ ଅନ୍ଧ ନହୋଇ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଗରିବ ଓ ଅସହାୟ ଜନତାଙ୍କ ସେବା କରିବା ଉଚିତ। ପ୍ରଭୁ ଶ୍ରୀରାମ ଯେପରି ନିଜର ନୀତି, ଆଦର୍ଶ, ନୈତିକତା ସହିତ କୌଣସି ସାଲିସ କରୁନଥିଲେ ଠିକ୍ ସେହିପରି ଯେତେ ବାଧାବିଘ୍ନ ଘାତପ୍ରତିଘାତ ଆସିଲେ ମଧ୍ୟ ଆମେ ନିଜର ନୈତିକତା, ନୀତି, ଆଦର୍ଶ ସହିତ ସାଲିସ କରିବା ଅନୁଚିତ। ଯେପରି ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମ ମୃତ୍ୟୁଶଯ୍ୟାରେ ପଡିରହିଥିବା ଅହଂକାରୀ ଦାନବ ରାବଣ ଠାରୁ ଶିକ୍ଷା ଗ୍ରହଣ କରିବା ପାଇଁ ନିଜର କନିଷ୍ଠ ଭ୍ରାତା ଲକ୍ଷ୍ମଣଙ୍କୁ ପ୍ରେରଣ କରି ନିଜର ମହାନତା, ନମ୍ରତାର ପରିଚୟ ଦେଇଛନ୍ତି ଏହା ସଦାସର୍ବଦା ମାନବଜାତି ପାଇଁ ପ୍ରେରଣାଦାୟୀ।

ଦ୍ୱାପର ଯୁଗ ସମୟରେ ପାଣ୍ଡବମାନେ କୌରବଙ୍କ ଠାରୁ ଜୁଆ ଖେଳରେ ହାରିବା ପରେ କୁରୁସଭା ସ୍ଥଳରେ କୌରବମାନେ ଯେପରି ଦ୍ରୌପଦୀଙ୍କ ବସ୍ତ୍ରହରଣ କଲେ ସେତେବେଳେ ଦ୍ରୌପଦୀ ସମସ୍ତଙ୍କୁ ସହାୟତା ପାଇଁ ଆକୁଳ ନିବେଦନ କଲେ ହେଲେ ଗଙ୍ଗା ପୁତ୍ର ପିତାମହ ଭୀଷ୍ମଙ୍କ ଠାରୁ ଆରମ୍ଭ କରି ଗୁରୁ ଦ୍ରୋଣାଚାର୍ଯ୍ୟ, ପଞ୍ଚପାଣ୍ଡବ, ଧୃତରାଷ୍ଟ୍ର ପ୍ରଯ୍ୟନ୍ତ ସମସ୍ତେ ନିରବ ରହିଲେ କେହି ଜଣେ ହେଲେ ବି ଏ ଅନ୍ୟାୟର ପ୍ରତିବାଦ କଲେନାହିଁ। ସେତେବେଳେ ନିରୁପାୟ ହୋଇ ଦ୍ରୌପଦୀ ସମ୍ପୂର୍ଣ୍ଣ ସମର୍ପିତ ଭାବରେ ବାସୁଦେବ ଶ୍ରୀକୃଷ୍ଣ ମୋର ଲଜ୍ୟା ନିବାରଣ କରନ୍ତୁ ବୋଲି ଆକୁଳ ନିବେଦନ କଲେ ସେତେବେଳେ ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କୋଟି ବସ୍ତ୍ର ଦେଇ ଦ୍ରୌପଦୀଙ୍କ ଲଜ୍ୟା ନିବାରଣ କଲେ।

ଚାରିଯୁଗରେ ମହାପ୍ରଭୁ କାଳିଆ ସାଆନ୍ତ ମାନବ ସମାଜକୁ ଈଶ୍ୱରୀୟ ବାର୍ତ୍ତା ପ୍ରଦାନ କରିଛନ୍ତି। ଭକ୍ତର ମାନକୁ ସର୍ବାଗ୍ରେ ରଖିବା ପାଇଁ କେତେ ନିନ୍ଦା, ଅପମାନ, ତିରସ୍କାର, ମାଡ଼ ଭି ସହିଛନ୍ତି ପୁଣି କେତେବେଳେ ଅର୍ଜୁନଙ୍କ ରଥରେ ସାରଥୀ ସାଜିଛନ୍ତି, ଶୂଦ୍ର ଜାତିରେ ଜନ୍ମ ହେଇଥିବା ଶବରୀର ଅଇଠା ଖାଇବାରେ କୌଣସି ସଂକୋଚ ପ୍ରକାଶ କରିନାହାନ୍ତି ଏବଂ ବାଲ୍ୟସଖା ସୁଦାମାକୁ ଭେଟ କରିବା ପାଇଁ ରାଜସିଂହାସନ ଛାଡି ନିଜେ ରାଜା ହୋଇ ଖାଲି ପାଦରେ ବିନା ସୈନ୍ୟସାମନ୍ତରେ ଦିନହୀନ ସୁଦାମାଙ୍କ କାଳବିଳମ୍ବ ନକରି ପହଞ୍ଚିଯାଇଥିଲେ ଏବଂ ସେ ଆଣିଥିବା ଖୁଦଭଜା ଅତି ଆନନ୍ଦରେ ସେବନ କରିଥିଲେ। ସେଥିପାଇଁ ଭଗବାନ ସଦାସର୍ବଦା ନିଜର ଭକ୍ତକୁ ଖୁସି କରେଇବା ପାଇଁ ସବୁକିଛି କରନ୍ତି ସେଥିପାଇଁ ମହାପ୍ରଭୁ କାଳିଆ ସାଆନ୍ତଙ୍କ ଅନ୍ୟନାମ କୃପାସିନ୍ଧୁ।

ମହାପ୍ରଭୁ କାଳିଆ ସାଆନ୍ତ ଭକ୍ତର ତିରସ୍କାର, ନିନ୍ଦା, ଅପମାନ ସହ୍ୟ କରନ୍ତି କିନ୍ତୁ କାହାରି ଅହମିକା, ଅହଂକାର ସହ୍ୟ କରିପାରନ୍ତି ନାହିଁ। ସେଥିପାଇଁ କୁହାଯାଏ 'ଗର୍ବ ଗଞ୍ଜନ୍ତି ନରହରି, ଗର୍ବ ନସହନ୍ତି କାହାରି'। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରାରେ ଅନେକ ସାଧାରଣ ମନୁଷ୍ୟକୁ ଆଚମ୍ବିତ କଲା ପରି ଘଟଣାମାନ ଘଟିବାରେ ଅନେକ ପ୍ରମାଣ ମିଳେ। ଭକ୍ତର ମାନ ରକ୍ଷା ପାଇଁ କେତେବେଳେ ଭଗବାନ ବଳରାମ ଦାସଙ୍କ ବାଲି ରଥରେ ବିଜେ କରିଛନ୍ତି ତ କେତେବେଳେ ରାଜାଙ୍କୁ ସ୍ୱପ୍ନାଦେଶ ଦେଇ ଭକ୍ତ ଜଗନ୍ନାଥ ଦାସଙ୍କୁ ବନ୍ଦୀଶାଳାରୁ ମୁକ୍ତ କରିଛନ୍ତି ତ ଆଉ କେତେବେଳେ ଭକ୍ତର ଭୋକ ଦୂରପାଇଁ ନିଜକୁ ଅର୍ପିତ ସୁନାଥାଳିର ଦିବ୍ୟଅନ୍ନ ପ୍ରଦାନ କରିଛନ୍ତି ଭକ୍ତ ବନ୍ଧୁ ମହାନ୍ତିଙ୍କ ହାତରୁ ଦୂରରେ ଥାଇ ଏବଂ ଭକ୍ତ ଦାସିଆ ବାଉରୀର ନଡ଼ିଆକୁ ଶ୍ରଦ୍ଧା ପୂର୍ବକ ଗ୍ରହଣ କରିଛନ୍ତି ବଡ଼ଠାକୁର କାଳିଆ ସାଆନ୍ତ ନିଜର ମହାବାହୁ ବଢ଼ାଇ।

*ଗୋପାଳପୁର, ବାଲେଶ୍ୱର*
*ଦୂରଭାଷ : ୭୦୨୦୬୧୧୩୦୦*

# ସମ୍ଭବାମି ଯୁଗେ ଯୁଗେ...



ମୌଲାନା ଫଜଲ ହକ ଖାନ

*(ପୂର୍ବପ୍ରକାଶ ଉତ୍ତାରୁ)*

କୁହାଯାଏ ଶ୍ରୀକୃଷ୍ଣ ବଂଶୀ ବଜାଇ ଗୋପୀମାନଙ୍କୁ ନିଜର କରିନେଉଥିଲେ । ଜାଣିବା ଉଚିତ୍ ଯେ ବଂଶୀର ନିଜସ୍ୱ କୌଣସି ଧ୍ୱନୀ ନାହିଁ । ଯେକେହି ତାକୁ ବଜାଇଥାଏ ତାର ଧ୍ୱନୀ ବଂଶୀ ଦ୍ୱାରା ଧ୍ୱନିତ ହୋଇଥାଏ । ଅର୍ଥାତ୍ କୃଷ୍ଣ ଥିଲେ ପରମେଶ୍ୱରଙ୍କ ହସ୍ତର ଦିବ୍ୟବଂଶୀ । ଐଶ୍ୱରୀକ ବାଣୀ ତାଙ୍କ ମାଧ୍ୟମରେ ଧ୍ୱନିତ ହେଉଥିଲା। ସେ ଈଶ୍ୱରଙ୍କ ବାଣୀକୁ ଗୋପୀମାନଙ୍କୁ ଶୁଣାଉ ଥିଲେ । ସେହି ଈଶ୍ୱର ପ୍ରେମୀମାନେ ଐଶୀବାଣୀ ଧ୍ୱନୀରେ ପାଗଳ ହୋଇ ଘର,ଦ୍ୱାର,କୁଳ ଓ ମାନ ମର୍ଯ୍ୟାଦାକୁ ତେଜି ତାଙ୍କରି ଆଡ଼କୁ ଧାଇଁ ଆସୁଥିଲେ । ଶ୍ରୀକୃଷ୍ଣଙ୍କ ସହ ରାଧା ନାମ ବେଶ ପରିଚିତ । ଯିଏ ଧ୍ୟାନ କରେ ନିଜ ଆରାଧ୍ୟ ଦେବତାଙ୍କୁ, ସେ ହେଉଛନ୍ତି ରାଧା। ଏହି ଶବ୍ଦଟି ଆରାଧନା ଶବ୍ଦରୁ ଉଦ୍ଧୃତ । କୃଷ୍ଣ ନାମ ଜପ କରିବା ଓ ଧ୍ୟାନରତ ହେବାରେ ଉପାସନାକାରୀର ଜୀବନ ଉଦ୍‌ଭାସିତ ହୋଇଥାଏ। ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି, "ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ। ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିସ୍ୟାମି ମା ଶୁଚଃ"। ଅର୍ଥାତ୍ ହେ ଅର୍ଜୁନ ! ତୁମେ ସବୁ ମନ ଗଢା ଧର୍ମ ତ୍ୟାଗ କରି ମୋର ଶରଣ ନିଅ। ମୁଁ ତୁମକୁ ସବୁ ପାପରୁ ମୁକ୍ତି ଦେବି। ଶୋଚନା କରନାହିଁ। ଏହି ଦେହଧାରୀ ମାନବାବତାର ହିଁ ସକଳ ଚିନ୍ତନ ଓ ଶକ୍ତିର ମୂଳଉତ୍ସ । ସେମାନେ ଈଶ୍ୱରଙ୍କୁ ପାଇବାର ମୂଳ ଆଧାର ହୋଇ ଆସିଥାନ୍ତି।

ଏଯୁଗର ପଥପ୍ରଦର୍ଶକ ଅହମଦୀୟା ମୁସଲିମ ସମ୍ପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ କୁହନ୍ତି, ସର୍ବଶକ୍ତିମାନ ଅଲ୍ଲାଃ ମୋତେ ଶ୍ରୀକୃଷ୍ଣଙ୍କ ସଂବନ୍ଧରେ ଦୈବୀବାଣୀ ମାଧ୍ୟମରେ କହିଛନ୍ତି କି "ହେ କୃଷ୍ଣ ରିଦ୍ର ଗୋପାଲ୍ ତେରି ମହିମା ଗୀତା ମେଁ ଲିଖିଗଈ ହୈ।" ଅର୍ଥାତ୍ ହେ କୃଷ୍ଣ ରୁଦ୍ର ଗୋପାଳ ତୁମ ମହିମା ଗୀତାରେ ଲେଖାହୋଇଛି।

ପୁଣି କୁହନ୍ତି ...ଜଣେ ମହାନ ଯଶସ୍ୱୀ ସନ୍ଥ ଆମ ଦେଶ ଭାରତ ଓ ବଙ୍ଗରେ 'ଶ୍ରୀକୃଷ୍ଣ'ନାମରେ ପରିଚିତ। ସେ ଜଣେ ଐଶିବାଣୀ ଗ୍ରହୀତା ହୋଇଥିବାରୁ ନିଜକୁ ଈଶ୍ୱରଙ୍କ ଦିବ୍ୟ ସ୍ୱରୂପ ଭାବରେ ପ୍ରତିପାଦିତ କରିଛନ୍ତି। ତାଙ୍କର ଅନୁଗାମୀମାନେ ଈଶ୍ୱର ପ୍ରେରିତ ବାର୍ତ୍ତାବହ ରୂପେ ତାଙ୍କୁ ଯେ କେବଳ ସ୍ୱୀକାର କରନ୍ତି ସେତିକି ନୁହେଁ, ବରଂ ତାଙ୍କୁ ସ୍ୱୟଂ ଈଶ୍ୱର ରୂପେ ମାନ୍ୟତା ଦେଇଥାନ୍ତି।

*(କ୍ରମଶଃ)*

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

ଧାରାବାହିକ ଉପନ୍ୟାସ

# ମହାନାୟକ

## କ୍ଷୀରୋଦ ଦାସ



ସମକାଳୀନ ଓଡ଼ିଆ କଥା ସାହିତ୍ୟର ଏକ ଦମ୍‌ଦାର ସ୍ୱର କ୍ଷୀରୋଦ ଦାସ। କେତେବେଳେ ସୁଦୂର ଅତୀତର ଅଭୁଲା ସ୍ମୃତି ତ କେତେବେଳେ ଆମ ସମୟର ଯନ୍ତ୍ରଣା, ଜଞ୍ଜାଳ, ସଂପର୍କ ଓ ସଂଘାତିକୁ ନିଜ କାହାଣୀ ତଥା ଉପନ୍ୟାସରେ ବିଶ୍ୱସ୍ତ ଭାବେ ପରଷି ଦେବାରେ ସେ ସିଦ୍ଧହସ୍ତ। ତାଙ୍କ କାହାଣୀ ଭିତରେ କେଉଁ କଳ୍ପଲୋକର ରୂପକଥା ନଥାଏ, ଥାଏ ଆମ ଆଖପାଖର ଚିତ୍ର, ଥାଆନ୍ତି ଆମ ଆଖପାଖର ମଣିଷମାନେ। ଓଡ଼ିଆ ଘରର ରୀତିନୀତି, ହାନିଲାଭ, ପ୍ରେମ ପ୍ରଣୟ, ସୁଖଦୁଃଖକୁ ବେଶ୍ ରୁଚିପୂର୍ଣ୍ଣ ଢଙ୍ଗରେ ଉପସ୍ଥାପିତ କରିବାରେ ସେ ଅନେକ ସଫଳତାର ଅଧିକାରୀ।

ଭାଗ-୨୩

*(ପୂର୍ବପ୍ରକାଶ ଉତ୍ତାରୁ*

ଲଙ୍ଗଳା ମୁକୁଳା ହୋଇ ମାନୀଖୁଡୀ ଧାଇଁଗଲା ରାସ୍ତା ଉପରକୁ। ରାସ୍ତା ଉପରେ, ସମସ୍ତଙ୍କ ଉପସ୍ଥିତିରେ ଘନଦାଦାଙ୍କ ପାଦ ଦୁଇଟିକୁ କୁଣ୍ଢାଇ ଧରି ଭୋ ଭୋ କାନ୍ଦିଲା, ନିଜର କୃତକର୍ମ ପାଇଁ ଢ଼ୋ ଢ଼ୋ ମୁଣ୍ଡ ପିଟିଲା ରାସ୍ତା ଉପରେ ଏବଂ ଘରକୁ ଫେରି ଆସିବା ପାଇଁ ନିଉନ ହେଲା ଘନ ଦାଦାଙ୍କୁ।

ଘନଦାଦା ପ୍ରଥମେ ଅବାକାବା ହେଇ ଚାରିଆଡକୁ ଚାହିଁଲେ ଏବଂ ସହସା ମାନୀଖୁଡୀ ଆଗରେ ଅଣ୍ଠେଇ ପଡ଼ି ଉଚ୍ଚାରଣ କଲେ-

"କିବା ଦୁଃଖ ତବ ମାତେ! କମ୍ପାଇ କର ହେ ରୋଦନ? କୁହ ମାତେ, କେଉଁ ନରାଧମ ତବ ମନେ ଦେଇଅଛି ଦୁଃଖ। ଏଇକ୍ଷଣି ଯମପୁରେ ପେଶିବ ମୁଁ ତାରେ... ହାଃ... ହାଃ... ହାଃ....।

ଲୁଗାକାନିରେ ଲୁହ ପୋଛି ପୋଛି ରିକ୍ତ ହାତରେ ଫେରିଆସିଲା ମାନୀଖୁଡୀ। ଫେରି ଆସୁଥିଲା ତା ଆଖିରେ ଆଖିଏ ଆଶା ନେଇ ଫେରି ଚାହୁଁଥିଲା ସେଇ ମଣିଷଟିକୁ। ଯାହାଙ୍କ ସହ ବିତିଥିଲା ଜୀବନର ଅନେକ ଅନ୍ତରଙ୍ଗ ତଥା ଦୁର୍ଲଭ ମୁହୂର୍ତ୍ତ। ଫେରି ଆସୁଥିଲା ତ ସବୁଦିନ ଝରକା ସେପାଖରୁ ଆଶାୟୀ ଆଖି, ଦଗ୍ଧମନ ଆଉ ଭଗ୍ନ ହୃଦୟକୁ ନେଇ ଅପେକ୍ଷା କରୁଥିଲା କାହାକୁ।

ମନର ଦିକିଦିକି ଆଶାଟେ ଥିଲା ଯେ, କେହି ଜଣେ ଫେରିବ ନିଶ୍ଚେ। ତା' ପଙ୍କିଳ ଜୀବନକୁ କଳୁଷମୁକ୍ତ କରିବା ପାଇଁ, ତା' ଅନୁତାପର ଅନଳକୁ ପ୍ରଶମିତ କରିବା ପାଇଁ, ଅସୁସ୍ଥତାର ବଳୟକୁ ଭେଦ କରି, ଜୀବନର ନାନାବାୟା ଗୀତ ବୋଲି ଦୟା, ପ୍ରେମ, କ୍ଷମାର ଅବତାର ନେଇ କେହି ଜଣେ ଫେରିବ ଏବଂ ତା' ଧୂଷର, ବିବର୍ଣ୍ଣ ପୃଥିବୀକୁ ଦିନେ ନା ଦିନେ ଛନଛନ ସବୁଜମୟ କରିଦେବ।

"କିରେ! ନାଚ ଦେଖିବାକୁ ଯାଇଥିଲୁ କାଲି! ନାଚ ଦେଖୁଥିଲୁ ନା ପଡିଆ ସାରା ଖାଲି ଡିଆଁ ମାରୁଥିଲୁ?"

ଚମକି ପଡିଲା ବିକାଶ। ସେତିକିବେଳୁ ସେ ଠିଆ ହୋଇରହିଥିଲା ବାହାରେ। କିଏ କହିଲା କି ଏଇ ଦୁଇପଦ କଥଶ ତା' କାନ ପାଖରେ, ଏଇ ସଙ୍ଗେ ସଙ୍ଗେ! ଦୁଇପଦ କଥା ଏତେ ମଧୁର ଶୁଭିପାରେ କାନକୁ! ଅଭିଭୂତ କରି ଦେଇପାରେ ଆତ୍ମାକୁ? ସେ ଜାଣିପାରୁନଥିଲା ଏବେ ସେ କେଉଁଠି ଅଛି। ପଚିଶ ବର୍ଷ ପୂର୍ବେ ନାରଣପୁର ଯାତ୍ରା ପେଣ୍ଡାଲ ପାଖରେ ନା ପଚିଶ ବର୍ଷ ପରେ ଏକ ଘନଘୋର ମେଘ ଅନ୍ଧାର ରାତିରେ ନିଜ ଘର ବାହାର କେନାଲ ବନ୍ଧରେ?



ବାସ୍ତବିକ ସେ ଜମା ଚାହୁଁନଥିଲା ପ୍ରକୃତିସ୍ଥ ହେବାକୁ। ଚାହୁଁନଥିଲା ମନ ମତାଣିଆ, ମହମହ ବାସ୍ନାୟିତ ଅତୀତରୁ ଫେରିଆସି କଠୋର, ରଂଗହୀନ, ବାସ୍ନାହୀନ ବର୍ତ୍ତମାନ ପାଖରେ ପହଞ୍ଚିବାକୁ। ସେମିତି ସେ ବାର ତେରବର୍ଷର ଚଗଲିଆ ବାଳକଟିଏ ହୋଇ ଉଠିଥାଆନ୍ତା ଚିରକାଳ। ସାଙ୍ଗସାଥୀ ମେଳରେ ସଂଜ ବେଳଠାରୁ ଯାଇ ଯାତ୍ରା ପେଣ୍ଡାଲ ପାଖରେ ସପ ମଶିଣା ପକାଇ ଘରଲୋକଙ୍କ ପାଇଁ ଜାଗା ରଖୁଥାଆନ୍ତା। ଯାତ୍ରା ଆରମ୍ଭ ହୋଇଯିବା ପରେ ସାଙ୍ଗସାଥୀ ମେଳରେ ପଡିଆ ସାରା ଡିଆଁ ମାରୁଥାଆନ୍ତା ... ଘନଦାଦା ରାମ ହେଇ ରାବଣକୁ, ଅର୍ଜୁନ ହୋଇ କର୍ଣ୍ଣକୁ ବଧ କରୁ ଥାଆନ୍ତ!

ସମୟ ତଟସ୍ଥ ହୋଇ ଠିଆ ହୋଇ ରହିଥାଆନ୍ତା ଗୋଟିଏ ବିନ୍ଦୁରେ। ସଜ୍ଞାହୀନ ଆବେଗର କମ୍ପନରେ ଉଛୁଳୁ ଥାଆନ୍ତା ନାରଣପୁର ଯାତ୍ରା ପଡିଆ। ଯାତ୍ରା ଦେଖୁଥିବା ବେଳେ ଅନନ୍ୟ ପ୍ରଶାନ୍ତି ଓ ଅତୁଳନୀୟ ସନ୍ତୋଷ ମାଖି ହୋଇ ରହିଥାଆନ୍ତା ସବୁ ଦେଖଣାହାରୀଙ୍କ ମୁହଁରେ। ପୃଥିବୀ ସେମିତି ଲାଗୁଥାଆନ୍ତ ସୁନ୍ଦର। ଐଶ୍ୱର୍ଯ୍ୟମୟ। ମଣିଷମାନେ ସେମିତି ବିଶାଳ ହୃଦୟର ଅଧିକାରୀ ହୋଇ ରହିଥାନ୍ତେ ... ଜଣେ ସଂଭ୍ରାନ୍ତ ଅତିଥି ପରି ଯାତ୍ରା ପରଦିନ ଖରାବେଳକୁ ଘନଦାଦା ଆସୁଥାଆନ୍ତେ ତାଙ୍କ ଘରକୁ ଦ୍ୱିପ୍ରହରିଆ ଖାଇବା ପାଇଁ ... ବାପା ତାଙ୍କ ସହ ଗତରାତିରେ ଯାତ୍ରା ବିଷୟରେ ଆଲୋଚନା କରୁଥାଆନ୍ତେ – "ଯାହା କହ ଘନ, କାଲି ବଢ଼ିଆ ପାର୍ଟଟେ କଲୁ! ବହି ଜାଳିଦେଲୁ...

ଘନ ଦାଦା ଆତ୍ମତୃପ୍ତିର ହସ ହସୁ ଥାଆନ୍ତେ। ସେଇ ହସ ତାଙ୍କ ଗୋରା ମୁହଁକୁ ଆହୁରି ସୁନ୍ଦର କରି ପକାଉଥାଆନ୍ତା... ସେ ସତସତିକା ରାମ, ସତସତିକା ଅର୍ଜୁନ, 'ତୁ ଥା' ମୁଁ ଯାଉଛି ରୁଷି' ବହିର ନାୟକ 'ବିପ୍ଳବ' ପରି ଦେଖାଯାଉ ଥାଆନ୍ତେ...

ପାଖରେ କୋଉଠି ଘଡଘଡିଟାଏ ପଡିଲା କି କ'ଣ, ପ୍ରଚଣ୍ଡ ଶବ୍ଦରେ ବିକାଶ ପ୍ରକୃତିସ୍ଥ ହେଲା। ମେଘ ଘଡ଼ଘଡ଼ି ଏକାକାର ହୋଇ ନିରୀହ ପୃଥିବୀ ଉପରେ ପୁଣିଥରେ ଆରମ୍ଭ କରିଦେଇଥିଲେ ଅତ୍ୟାଚାର। ବେଙ୍ଗ ଓ ଝିଙ୍କାରୀଙ୍କ ବିକଟାଳ ସଙ୍ଗୀତ ସେମାନଙ୍କ ଉତ୍ସାହକୁ ଦ୍ୱିଗୁଣିତ କରୁଥିଲା।

ସେଇ ନିରନ୍ଧ୍ର ଅନ୍ଧାରକୁ ଭେଦ କରି, ଘଡ଼ଘଡ଼ିର ଘର୍ଘର ନାଦକୁ ପ୍ରତିହତ କରି ରାସ୍ତା ଉପରୁ ଗୋଟେ କରୁଣ ଅଟ୍ଟହାସ୍ୟ ଶୋଇପଡିଥିବା ପୃଥିବୀକୁ ସଜାଗ କରାଉଥିଲା –

"ହୁସିଆର ... ସାବଧାନ... ମହାମହିମ ରାଜାଧିରାଜ ଶ୍ରୀ ଶ୍ରୀ ଘନମହାରାଜ ବିଜେ କରୁଛନ୍ତି ... ସାବଧାନ ... ହାଃ...ହାଃ...ହାଃ....।

*(କ୍ରମଶଃ)*



ବିଶେଷ କବିତା



## ଅଗଷ୍ଟ ପନ୍ଦର

### ଦେବାଶିଷ ଚକ୍ରବର୍ତ୍ତୀ

ଫି ସନ ତୁ ଆସୁ
ନିର୍ବାଚନ ପ୍ରତିଶୃତି ପରି
ଭରଣ ଭରଣ ଆଶ୍ୱାସନା ରେ
ଚନ୍ଦନ ଚନ୍ଦନ ବାସୁ
ଆଜିର ଦିନରେ ବିଦେଶୀଙ୍କୁ ତଡ଼ି
ଦେଶ ହୋଇଥିଲା ସ୍ୱାଧୀନ
ଅଥଚ, କାଣିଚାଏ ବି
ଊଣା ହୋଇଛି କି
ବଳଦର୍ପୀଙ୍କ ଗୁମାନ?
ଆମେ ଏଇମିତି ତୋତେ
ନିଉଛାଳିବାକୁ ଗାଲିଚା ପରି
ବିଛେଇ ଦେଇନୁ କି
ମଉଳା ଇଚ୍ଛାଙ୍କ କାକୁସ୍ଥପଣ?
ତୁ ତୋର ବଡପଣ ଦେଖାଇ
ଅହୋରାତ୍ର ରଟି ଚାଲିଛୁ
ସଭିଏଁ ସମାନ
ହେଲେ ମାୟାବୀ ଆପଣାପଣ ରେ
ଖଣ୍ଡିଉଡା ଦେଉଥିବା ଇଚ୍ଛାଙ୍କ ପାଦରେ
ପିନ୍ଧେଇ ଦେଇନୁ କି
ବିବଶତାର ନୂପୂର
ଉଦାସ ମନର ଡାଳରୁ ଝରେଇ
ସପନର ଫୁଲକଢ
ଅଭାବର ଘଣାରେ ଚିପୁଡ଼ି
ଦେଇନୁ କି ହୃଦତଳ?
ସତରେ, ତୁ କଣ କାଳରାତ୍ରୀର ଫରୁଆରୁ
ଓଲାରି ଆଣି ସ୍ୱପ୍ନର ଅଞ୍ଜନ
ଅଭାବୀ ମଣିଷର ଉଦାସ ଡୋଳାରେ
ଭରିଦେଇ ପାରିବୁ
ଛନ୍ ଛନ୍ ସବୁଜପଣ?
ନିରାଶାର କୁଢ଼କୁଢ଼ ପାଉଁଶ ଏଡ଼ାଇ
ବେକାର ମନରେ ଖେଳେଇ ପାରିବୁ
ସମ୍ଭାବନାର ଫୁଲବନ?
ଭୋକୀକୁ ଯାଚି ପାରିବୁ ଆହାର
ବାସହରାଙ୍କୁ ଆଶ୍ରୟ
ତୋତେ ଆଶ୍ରା କରିଥିବା ସଭିଁଏ
ମଣିବେ ଅକୁତୋଭୟ?
ମୁଁ ଜାଣେ, ସବୁଥର ଭଳି
ଏଥର ବି
ଛାତିତଳର ଦୀର୍ଘଶ୍ୱାସଙ୍କୁ
ଶୁଆଇଦେବୁ ପ୍ରତାରଣାର
ନାନାବାୟାରେ
ତଥାପି ମୁଁ ତୟାର ତୋ ପାଦକୁ ରଙ୍ଗେଇ ବାକୁ
ମୋ ଛାତିସାରା ଘାଉଁରି ଖାଉଥିବା
ଅବସୋସରେ।

*ମଣ୍ଡୁଆ, କେନ୍ଦୁଝର ଗଡ*
*ଦୂରଭାଷ : ୯୪୩୭୭୫୨୩୯୫*



## କେମିତି ଆଙ୍କିବ ?

### ଗୋଲାପ ରାଉତ

କେବେଠୁ ଚାଲିଗଲେଣି ଜାମିନୀ ରୟ
ତୁମେ କ'ଣ ଆଙ୍କିପାରିବ ସୌମ୍ୟରଞ୍ଜନ?
ଉଛୁର ଖରାବେଳେ ମହୁଲଫୁଲ ସାଉଁଟି
ବଣରୁ ଫେରୁଥିବା ଏକଲା
ଧାଙ୍ଗିଡୀର ନିଚ୍ଛୋଳ ଚିତ।
ତୁମ ଚିତ୍ରରେ ନିପୁଣତା ଦେଖି
ମୁଁ ଜାଣେ ତୁମେ ପାରିବ।
ତେବେ କୁହ......
କିପରି ହେବ ତା ରୂପରେଖ?
ସକାଳର କଅଁଳ ଖରାରେ
ପୁରିଲା ପୁରିଲା ଦେହରେ
ଡାଉଆ ରଙ୍ଗର ପେଣେ ଶାଢ଼ୀ,
ବେଶ୍ ଚମତ୍କାର ଅଣ୍ଟାର କର୍ଦ୍ଧାନୀ,
ବାଆଁ ବାହାରେ ଆଡ ପୁରୁଣା ବାଜୁ,
ଦି ହାତରେ ଦି ଦି ପଟ ବ୍ରୋଞ୍ଜ ଚୁଡ଼ା,
ପାଦରେ ଦି ପଟ ଖଡୁ ,
ବେକରେ ତାରାଫୁଲ ପରି
ଛାଇଥିବ ଟିକିରି ମାଳା,
ଭଅଁର ଲେପଟିଲା ପରି କାନରେ
କନକନିଆ ହଲେ କାନଦୁଲା,
କୁରେଇ ଫୁଲ ସହ ଝାରମଲ୍ଲୀର
ଛୋଟଛୋଟ ପେନ୍ଥାରେ ସଜେଇଥିବ ଖୋସା,
ଅଣ୍ଟାରେ କୋତ କାଖେଇ ଉଠୁଥିବ
ପାହାଡ଼ ଉପରକୁ।
ଧାଙ୍ଗିଡୀ ଘରକୁ ଏକା ....
ଗଲାସନ ସାକ୍ରାରେ ବାପା ମା ଦିହେଁ
ଡକାଡକି ହେଇ ଚାଲିଗଲେ,
କୁଡ଼ିଆରେ ବୁଢ଼ୀ ମା, ଛୋଟ ଭାଇ
ଘରର ସବୁ ମାମଲା ବୁଝେ।
ଧାଙ୍ଗିଡୀ କୋତରେ ସଲପ ରସର
ମଦ ଧରି ପାହାଡ଼ ଉପରକୁ ଯାଏ,
ଆସିଥିବା ବାବୁ ମାନଙ୍କୁ ଶିଆଳି ପତର
ଦନାରେ ସଲପ ରସ ପରସି ଦିଏ
ବେଳେବେଳେ ଅସହ୍ୟ ହେଇପଡେ
ସହରୀବାବୁ ମାନଙ୍କ ଲୋଲୁପ ଦୃଷ୍ଟି।
ଏସବୁକୁ ତାର ଖାତିର ନଥାଏ
କାମସାରି କୁଡ଼ିଆରେ ଢୁକେ
ଲତାପତର ସହ ମିତ ବସେ ମନକଥା କୁହେ
ମୁହଁକୁ ଜହ୍ନ ମଣେ
ଆକାଶରେ ଭାସି ଯାଉଥିବା କଳାହାଣ୍ଡିଆ ମେଘକୁ
ହାତ ଠାରି ଡାକେ
ଝରଣାର କଳକଳ ରାଗିଣୀରେ
ଧୁମ୍ ନାଚେ, ସାରା ମୂଲକ ହଲେ।
ମୋତେ ଏବେ କୁହ,
ଅସହାୟତାର ମୁଖାପିନ୍ଧି
ମୁହଁକୁ ଜହ୍ନ ମଣୁଥିବା ଧାଙ୍ଗିଡୀର ଚିତ୍ର
କେମିତି ଆଙ୍କିବ ସୌମ୍ୟରଞ୍ଜନ?

*ସାନାରାହାମା, ମହାକାଳପଡା, କେନ୍ଦ୍ରାପଡ଼ା*
*ଦୂରଭାଷ : ୭୭୩୫୬୮୩୭୫୦*



## ବାଲିଘର

### ସଂଶୟ କୁମାର ସାହାଣୀ

ଶୈଶବ କାଳରେ ଦେବୀ ନଦୀ କୂଳେ
ଗଢୁଥିଲେ ବାଲିଘର
ତୁମେ ଗଢୁଥିଲ ମୁଁ ଭାଙ୍ଗୁଥିଲି
ଖୁସିରେ ଦୁହେଁ ବିଭୋର।

କେବେକେବେ ପୁଣି ମୁଁ ଗଢୁଥିଲି
ତୁମେ ଆସି ଭାଙ୍ଗୁଥିଲ
ମାନ ଅଭିମାନ ରାଗ ରୁଷା ପୁଣି
ଦୋଷାରୋପ ଦେଉଥିଲ।

ବେଳେ ବେଳେ ପୁଣି ଦୁହେଁ ସାଥି ହୋଇ
ଗଢୁଥିଲେ ମନଦେଇ
ଦୁଷ୍ଟ ଜୁଆରଟା ଅବେଳାରେ ଆସି
ଦେଉଥିଲା ଯେ ଭସାଇ।

ସମୟ ବଢିଲା ଶୈଶବ ଫେରିଲା
ଯୌବନରେ ଦେଲେ ପାଦ
ଛାଡି ଚପଳାମୀ ବାଲିଘର ଖେଳ
ସଂସାରର ନେଲେ ସ୍ୱାଦ।

ବନ୍ଧୁତ୍ୱ ଆମର ଅତୁଟ ରହିଲା
ପ୍ରେମ ବି ହେଲା ସାର୍ଥକ
ନବବଧୂ ସାଜି ଆସିଲ ଜୀବନେ
ହୃଦେ ଆସିଲା ମହକ।

ସେଦିନୁ ଛାଡ଼ିଛେ ମିଛ ବାଲିଘର
ବାସ୍ତବରେ ପଂହଁରୁଛେ
କେତେ ଯେ ସପନ ନିଇତି ଦେଖୁଛେ
ଗଢୁଛେ ପୁଣି ଭାଙ୍ଗୁଛେ।

ସତ ବାଲିଘର ତୋଳାରେ ନିମଗ୍ନ
ଅବିରତ ପରିଶ୍ରମ
ପରିବାରେ ପ୍ରେମ ସଶକ୍ତ ହେଉଛି
ଲୋଡ଼ା ବି ନାହିଁ ବିଶ୍ରାମ।

ପ୍ରଭୁଙ୍କ ପୟରେ ନିଜକୁ ସମର୍ପି
ବ୍ୟସ୍ତ ଅଛୁ ଗଢିବାରେ
ବିଶାଳ ଲହରୀ ଏଡି ଯିବ ଆପେ
ବିଶ୍ୱାସ ଏ ହୃଦୟରେ।

ବାଲିଘର ଖେଳ ସାର୍ଥକ ହୋଇଛି
ପାଇଛୁ ପରସ୍ପରକୁ
ନିତି ଗଢିବାର ଉଦ୍ୟମ କରୁଛୁ
ବୁଝିଛୁ ଜଣେ ଜଣକୁ।

*ଅଲଣା-୨, ନାଉଗାଁ ହାଟ,*
*ଜଗତସିଂହପୁର*



## ଇନ୍ଦ୍ର କୁମାର ମେଘବାଲ

### ପ୍ରମୋଦ ଚନ୍ଦ୍ର ଛତ୍ରିଆ

ଦେଶ ପାଳୁଥାଏ ସ୍ୱାଧୀନତା ଉତ୍ସବ
ହୋଇ କେଡେ ଆନମନା,
ଇନ୍ଦ୍ର କୁମାର ମେଘବାଲ
ନିରୀହ ପିଲାଟା
ଜୀବନ ପାଇଁ ସଂଗ୍ରାମ କରଇ ସିନା।
ନିରୀହ ନିଷ୍ପାପ ଶିଶୁଟିଏ ସିଏ
ମାଠିଆରୁ ପାଣି ପିଏ,
ଛଇଲା ସିଂ ନାମକ ସବର୍ଣ୍ଣ ଶିକ୍ଷକଙ୍କ
ରୋଷ ର ଶିକାର ହୁଏ।
ବିଦ୍ୟାଳୟ ମାଠିଆରୁ
ପାଣି ପିଇଲା ବୋଲି
ରାଗରେ ଜୀବନ ତା' ନେଇଗଲ,
ପ୍ରସ୍ଫୁଟିତ ହୋଇ ଫୁଟିବା ଆଗରୁ
କଅଁଳ କଢ଼ି କୁ ଛିଣ୍ଡେଇ ଦେଲ।
ଧନ୍ୟ ତମ ଚିନ୍ତା, ଚେତନା, ମାନସିକତା
ଧନ୍ୟ ତମ ଚିନ୍ତାଧାରା,
ପାଣି ମାଠିଆକୁ ଛୁଇଁଦେଲେ ତାହା
ଅପବିତ୍ର ହୁଏ ପରା?
ପଶୁ ଟିଏ ପଶେ ମନ୍ଦିରରେ ତୁମ
ହୋଇ କେଡେ ନିର୍ଦ୍ୱନ୍ଦ,
ପଶୁଟିଏ ଛୁଏଁ ପାଣି ମାଠିଆକୁ
ହୁଏ ନାହିଁ ଅପବିତ୍ର।
ପାଣି ପିଇବା ଯଦି ଅପରାଧ ହୁଏ
ସ୍ୱାଧୀନତା ରହିଲା କେଉଁଠି ?
ମିଛ ସ୍ୱାଧୀନତା ପାଳୁଅଛି ଦେଶ
ସବୁ ଭାଷଣର ଭେଳିକି।
ପାଠ ପଢ଼ିବାର ଅଧିକାର ନ ଥିଲା
ପାଣି ମାଠିଆ ଥିଲା ମନା,
କେତେ ସଂଘର୍ଷ ବଳେ ଜ୍ଞାନର ପ୍ରତୀକ
ସମ୍ବିଧାନ ଲେଖିଲେ ସିନା।
ସମ୍ବିଧାନ କୁହେ
ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ
ଆମେ ସମସ୍ତେ ଭାରତୀୟ,
ତଥାପି କାହିଁକି ?
ଏ ଘୃଣା ଭେଦ ଭାବ
ମନରେ କରୁଛ ଉଦ୍ରେକ।
ଲୋଡ଼ା ନାହିଁ ଆମକୁ
ଏହି ସ୍ୱାଧୀନତା
ଲୋଡ଼ା ନାହିଁ ତମ ବିକାଶ,
ମଣିଷକୁ ଯେଉଁଠି
ମିଳେନି ସମ୍ମାନ
ବଞ୍ଚିବାର ଅବକାଶ।

*ଜୁନାଗଡ଼, କଳାହାଣ୍ଡି*
*ଦୂରଭାଷ : ୯୮୫୩୨୨୨୪୪୦*

## ଗୁରୁ, ଶିଷ୍ୟ ଓ ଶିକ୍ଷା

### ଲାଗ୍ନଜିତ୍ ମଲ୍ଲିକ



ଗୁରୁ ଜ୍ଞାନ ରୂପକ ପ୍ରଦୀପ ଜାଳି ଶିଷ୍ୟକୁ ଅନ୍ଧକାରାରୁ ଆଲୋକର ମାର୍ଗ ଦେଖାନ୍ତି ଓ ଶିଶୁର ଜିଜ୍ଞାସା ତାକୁ ଜ୍ଞାନର ନିକଟବର୍ତ୍ତୀ କରାଇଥାଏ ଓ ନିଜର ଯୋଗ୍ୟତା ଓ କାର୍ଯ୍ୟକୁଶଳତାର ମାଧ୍ୟମରେ ପ୍ରକୃତ ଶିକ୍ଷା ଅର୍ଜନ କରିଥାଏ ଓ ଶିକ୍ଷା ଶିଶୁର ଜୀବନରୁ ମଳିନତା ଧୌତ କରିବା ସହ ତାହାକୁ ଲୌକିକ, ଭୌତିକ ଓ ଆଧାତ୍ମିକର ଅଧିକାରୀ କରାଇଥାଏ ଓ ପୁଣି ସେହି ଶିକ୍ଷା ତାର ଆତ୍ମବିକାଶ ଘଟାଇ ଜୀବନରେ ପୂର୍ଣ୍ଣତା ଆଣେ ଓ ଶିଶୁର ଶାରୀରିକ, ମାନସିକ ଓ ନୈତିକ ଅଭ୍ୟୁଦୟରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ।

ଜୀବନକୁ ସରସ, ସୁନ୍ଦର, ସଫଳ ଓ ଶୃଙ୍ଖଳିତ କରିବାରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶାରୀରିକ ଅଭିବୃଦ୍ଧି ବାଲ୍ୟାବସ୍ଥାରୁ ଆରମ୍ଭ ହୋଇ ପୌଢ଼ବସ୍ଥାରେ ପରିସମାପ୍ତି ହେଉଥିବାବେଳେ ଜ୍ଞାନର ଅଭିବୃଦ୍ଧି ନିରନ୍ତନ ଅଜ୍ଞାନୀ ଶିଶୁ ଠାରୁ ଆରମ୍ଭ ହୋଉ ମୃତ୍ୟୁ ପର୍ଯ୍ୟନ୍ତ ଚାଲିଥାଏ ଯାହା ଜୀବନକୁ ମାର୍ଜିତ, ଶୃଙ୍ଖଳିତ ଓ ନୀତିନିଷ୍ଠ କରି ଗଢିତୋଳିଥାଏ। ମନୁଷ୍ୟତା ହିଁ ଶିକ୍ଷାର ବୈଶିଷ୍ଟ ଓ ସେହି ଶିକ୍ଷାର ସଂଗ୍ରାମ ଭୂମିରେ ଶିକ୍ଷକ ସାରଥି ଓ ଶିକ୍ଷାର୍ଥୀଟି ସୈନିକ। ବୈଦିକ ଯୁଗରେ ଶିଷ୍ୟଗଣ ଗୁରୁକୁଳ ଆଶ୍ରମରେ ରହି ଶିକ୍ଷା ଲାଭ କରୁଥିଲେ। ଗୁରୁକୁଳର ପୁରୋଧା ମୁନିଋଷିଗଣ ସେମାନଙ୍କୁ ନୈତିକ ଶିକ୍ଷା, କର୍ମ ଭିତିକ ଶିକ୍ଷା, ବେଦ, ବେଦାନ୍ତ, ଉପନିଷଦ, ବ୍ୟାକରଣ, ଓ ସର୍ବପରି ଆଦର୍ଶ ଜୀବନ ଶୈଳୀର ଶିକ୍ଷା ପ୍ରଦାନ କରି ଉପଯୁକ୍ତ ଚରିତ୍ରବାନ, ନିଷ୍କପଟ ଓ ବିଚାରବନ୍ତ ବ୍ୟକ୍ତିତ୍ୱର ନିର୍ମାଣ କରୁଥିଲେ।

ଶିକ୍ଷା ହିଁ ଶିଶୁ ହୃଦୟର ଆତ୍ମା ସ୍ୱରୂପ। ଏହା ଏକ ଜୀବନ ବ୍ୟାପି ପ୍ରକ୍ରିୟା। ଶିକ୍ଷା ବୁଦ୍ଧି, ବିବେକ ଓ ମନର ଏକ ମଧୁର ସମନ୍ୱୟ ଯାହା ବ୍ୟକ୍ତିକୁ ଉତ୍ତମ ହେବାର ପ୍ରେରଣା ଦେଇଥାଏ ଓ ଶିଶୁର ମାନସିକ ପବୃତ୍ତିର ବିକାଶ ତଥା ଆତ୍ମା ଶକ୍ତି ଓ ଜ୍ଞାନର ଅଭ୍ୟୁଦୟ ପାଇଁ ଶିକ୍ଷା ଅତାନ୍ତ୍ୟ ଆବଶ୍ୟକ। ଶିକ୍ଷା ମାନସିକ ପ୍ରତିଭାର ଅଭିବୃଦ୍ଧି କରିବା ସଙ୍ଗେ ସଙ୍ଗେ ସତ୍ୟ, ଶିବ ସୁନ୍ଦର ଉପଲବ୍ଧ କରିବାରେ ସହାୟତା ପ୍ରଦାନ କରିଥାଏ।

ଆଜି ପ୍ରାଚୀନ ଯୁଗର ଗୁରୁକୁଳ ଆଶ୍ରମ ଆଉ ନାହିଁ। ସେହି ଗୁରୁକୁଳ ପରିଣତ ହୋଇଛି ଆଜିର ଶିକ୍ଷାନୁଷ୍ଠାନରେ କ୍ଷ ଶିକ୍ଷାନୁଷ୍ଠାନର ଶୈକ୍ଷିକ କାର୍ଯ୍ୟ ନ୍ୟସ୍ତ ହୋଇଛି ଆଜିର ଶିକ୍ଷକଙ୍କ ଉପରେ। ଶିଶୁର ଅନ୍ତରରୁ ଅଜ୍ଞାନ ଅନ୍ଧକାରକୁ ଦୂରକରୀ ଜ୍ଞାନର ଆଲୋକ ପ୍ରଜ୍ୱଳନ କରିବାର ଗୁରୁଦାୟିତ୍ୱ ଗ୍ରହଣ କରିଛି ଆଜିର ଶିକ୍ଷକ। ଶିଶୁକୁ ବିଷୟ ଗତ ଜ୍ଞାନ ପ୍ରଦାନ କରିବା ସଙ୍ଗେ ସଙ୍ଗେ ତାର ଉତ୍ତମ ଚରିତ୍ର ଗଠନ କରିବା ଶିକ୍ଷାକର ସର୍ବ ପ୍ରଧାନ କର୍ତ୍ତବ୍ୟ। ଶିକ୍ଷାର୍ଥୀର ଚରିତ୍ର ବିକାଶ ପାଇଁ ଶିକ୍ଷକକୁ ସତ ପ୍ରଚେଷ୍ଟା କରିବା ସହ ଏପରି ଶୈଳୀ ଅବଲମ୍ବନ କରିବେ ଯାହା ଶିକ୍ଷାର୍ଥୀକୁ ଜିଜ୍ଞାସୁ କରାଇବା। ଶିକ୍ଷକକୁ ନିଜର ଚରିତ୍ରକୁ ଦୃଷ୍ଟାନ୍ତ ରୂପେ ଗଢିତୋଳିବାକୁ ମିଷ୍ଟଭାଷୀ, ନୀତିନିଷ୍ଟ, ସହନଶୀଳ ଓ କର୍ତବ୍ୟ ପରାୟଣ ତଥା ସମୟାନୁବର୍ତ୍ତୀ ହେବାକୁ ପଡିବ।

ମନୁଷ୍ୟ ଏକ ସାମାଜିକ ପ୍ରାଣୀ ଓ ଶିକ୍ଷା ସାମାଜିକ ମୂଲ୍ୟବୋଧ ପାଇଁ ଏକାନ୍ତ ଜରୁରୀ, କାରଣ ସାମାଜିକ ପୃଷ୍ଠା ଭୂମିରେ ମଣିଷର ବିକାଶ ସମ୍ଭବ ହୋଇଥାଏ। ଶିଶୁକୁ ସାମାଜିକ କାର୍ଯ୍ୟକଳାପ ସହିତ ଜଡିତ କରିବା ଓ ଶିଶୁମାନରେ ସାମାଜିକ ମୂଲ୍ୟବୋଧ ସୃଷ୍ଟି କରିବା ଶିକ୍ଷକର ଲକ୍ଷ ହେବ ଆବଶ୍ୟକ। ଶିଶୁର ସାମାଜିକ ଅନୁଭୂତି ତାର ସାମାଜିକ ବ୍ୟବହାରରେ ପରିବର୍ତ୍ତନ ଆଣିଥାଏ। ଏଣୁ ଶିଶୁକୁ ଏପରି ସାମାଜିକ ଅନୁଭୂତି ପ୍ରଦାନ କରିବା ଜରୁରୀ ଯାହା ତାକୁ ଏକ ଉତ୍ତମ ବ୍ୟକ୍ତିର ପ୍ରେରଣା ଦେବ।

ଶିକ୍ଷା ବ୍ୟକ୍ତିର ଆଚରଣ ଓ ବିଚରରେ ସମ୍ୟକ ପରିବର୍ତ୍ତନ ଆଣି ବ୍ୟକ୍ତିକୁ ଉତ୍ତମତ୍ୱର ପଦମର୍ଯ୍ୟାଦା ପ୍ରଦାନ କରିଥାଏ। ସୋପାନ ପରେ ସୋପାନ ଅତିକ୍ରମକରି ବ୍ୟକ୍ତି ଆହୋରଣ କରିଥାଏ ଉଚ୍ଚତର ଆସନକୁ। ସେଠାରେ ଉପନୀତ ହେଲାପରେ ସେ ଅନୁଭବ କରେ ଶିକ୍ଷାର ରାସ୍ତାରେ ପଥିକ ସାଜିଥିବା ଶିକ୍ଷକର ତ୍ୟାଗ ଓ ବଳିଦାନକୁ। ସେ ଜାଣିପାରେ ଶିକ୍ଷା ଏକ ଉତ୍ତମ ସଂପର୍କ, ଯାହା ଆବଦ୍ଧ କରିଥାଏ ଗୁରୁ ଓ ଶିଷ୍ୟକୁ। ସମୟ ଅନୁସାରେ ଶିକ୍ଷା ପଦ୍ଧତି ପରିବର୍ତ୍ତନଶୀଳ କିନ୍ତୁ ଆଦର୍ଶ ଅପରିବର୍ତ୍ତନୀୟ କ୍ଷ ଶିକ୍ଷକ ନୂତନ କୌଶଳକୁ ଅବଲମ୍ବନ କରି ଶିକ୍ଷାର ପ୍ରସାର କରିବାସହ କିପରି ଶିକ୍ଷାର ମୂଳ ଆଦର୍ଶ ସାଧିତ ହେବ ସେଥିପ୍ରତି ଯତ୍ନବାନ ହେବ ଜରୁରୀ।



*ପ୍ରଶିକ୍ଷିତ ସ୍ନାତକ ଶିକ୍ଷକ*
*ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ,*
*ଗେଙ୍ଗୁଟିଆ, ଢ଼େଙ୍କାନାଳ*



ଓଡ଼ିଶାର ପର୍ଯ୍ୟଟନ ବିକାଶରେ ନୂତନ ମାଇଲଖୁଣ୍ଟ

# ଏକାକାଳୀନ ତିନୋଟି ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର :** ଲୋକସେବା ଭବନରେ ପର୍ଯ୍ୟଟନ ବିଭାଗର ତିନୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଓଡ଼ିଶାର ପର୍ଯ୍ୟଟନ ବିକାଶରେ ଯୋଡ଼ି ହୋଇଥିବା ଏହି ନୂତନ ପର୍ବର ଉନ୍ମୋଚନ ଅବସରରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯୋଗ ଦେଇଛନ୍ତି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ତିନୋଟି ବୁଝାମଣାପତ୍ର ଓଡ଼ିଶାର ଐତିହ୍ୟ ସଂରକ୍ଷଣ, ପର୍ଯ୍ୟଟନ ବିବିଧତା ବିଶ୍ୱସ୍ତରରେ ଏହାର ପ୍ରଭାବ ବିସ୍ତାର କରିବାରେ ସହାୟକ ହେବ । ଏଥିସହ ଏହି ପ୍ରକଳ୍ପଗୁଡ଼ିକୁ ମିଶନ୍ ମୋଡରେ କାର୍ଯ୍ୟକାରୀ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉପମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି । ସେହିପରି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କୌଣସି ପର୍ଯ୍ୟଟନ ପଦକ୍ଷେପକୁ ଏକ ଐତିହାସିକ ସହଯୋଗୀତା ଭାବରେ ବର୍ଣ୍ଣନା କରିଛନ୍ତି, ଯାହା ଓଡ଼ିଶାର ଅତୁଳନୀୟ ସାଂସ୍କୃତିକ ଐତିହ୍ୟକୁ ପୁନର୍ଜୀବିତ ଏବଂ ପ୍ରୋତ୍ସାହିତ କରିବ । ମୁଖ୍ୟ ଶାସନ ସଚିବ ଓଡ଼ିଶା ଭିଜନ ୨୦୩୬ ରେ ପର୍ଯ୍ୟଟନର ଭୂମିକା ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ ପର୍ଯ୍ୟଟନ କେବଳ ଆର୍ଥିକ ବିକାଶରେ ଯୋଗଦାନ ଦେଉନାହିଁ ବରଂ ସଂସ୍କୃତିକୁ ସଂରକ୍ଷଣ



ଏବଂ ଜୀବିକା ସୃଷ୍ଟି କରିବାରେ ମଧ୍ୟ ସାହାଯ୍ୟ କରୁଛି । ସୂଚନାଯୋଗ୍ୟ, ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ, ମାଡ୍ରାସ (ଆଇଆଇଟି-ଏମ୍), ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ୱାଟର ସ୍ପୋର୍ଟ୍ସ, ଗୋଆ ଏବଂ ଲାଇଟ୍ ଅଫ୍ ବୁଦ୍ଧଧର୍ମ ଫାଉଣ୍ଡେସନ ଇଣ୍ଟରନ୍ୟାସନାଲ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ ହୋଇଛି । କାର୍ଯ୍ୟକ୍ରମରେ ବିଭିନ୍ନ ସଂଗଠନର ୨୦ ରୁ ଅଧିକ ଅଂଶଗ୍ରହଣ କରିଥିଲେ । ଆଇଆଇଟି ମାଡ୍ରାସ ସହିତ ହୋଇଥିବା ବୁଝାମଣାପତ୍ର ଅନୁଯାୟୀ, ଓଡ଼ିଶା ଐତିହ୍ୟ ସ୍ମାରକୀଗୁଡ଼ିକର ସାଇଣ୍ଟିଫିକ୍ ଷ୍ଟ୍ରକ୍‌ଚରାଲ୍ ଅଡ଼ିଟ୍ ଓ ସଂରକ୍ଷଣ ନିମନ୍ତେ ଉନ୍ନତ ବୈଜ୍ଞାନିକ କୌଶଳ ବ୍ୟବହାର କରାଯିବ । ଏହି ସହଯୋଗରେ ବିସ୍ତୃତ ଡକ୍ୟୁମେଣ୍ଟେସନ୍, ସାମଗ୍ରୀ ପରୀକ୍ଷଣ, ଭୂ-ବୈଷୟିକ ତଦନ୍ତ ଓ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି ଅନ୍ତର୍ଭୁକ୍ତ ହେବ । ଏଥିରେ ସ୍ଥାୟୀ ପୁନଃବ୍ୟବହାର ଯୋଜନା ଓ ପ୍ରକଳ୍ପ ପରିଚାଳନା ପରାମର୍ଶ ସହାୟତା ମଧ୍ୟ ଅନ୍ତର୍ଭୁକ୍ତ, ଯାହାର ଲକ୍ଷ୍ୟ ଓଡ଼ିଶାର ଐତିହାସିକ ସ୍ଥାନଗୁଡ଼ିକର ଦୀର୍ଘକାଳୀନ ସଂରକ୍ଷଣ ସୁନିଶ୍ଚିତ କରିବା । ଏହି ବୁଝାମଣାପତ୍ର ଓଡ଼ିଶାର ଅମୂଲ୍ୟ ଐତିହ୍ୟ ସମ୍ପତ୍ତିଗୁଡ଼ିକୁ ସଂରକ୍ଷଣ ଏବଂ ପୁନରୁଦ୍ଧାର କରିବା ଉପରେ ଧ୍ୟାନ ଦେବ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ଦ୍ୱିତୀୟରେ ଓଡ଼ିଶାରେ ଜଳଭିତ୍ତିକ ଦୁଃସାହସିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ୱାଟର ସ୍ପୋର୍ଟ୍ସ , ଗୋଆ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛି ପର୍ଯ୍ୟଟନ ବିଭାଗ । ଏହି ବୁଝାମଣାପତ୍ର ଅଧୀନରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ୱାଟର ସ୍ପୋର୍ଟ୍ସ ଅନ୍ତର୍ଜାତୀୟ ମାନଦଣ୍ଡ ସହିତ ବୈଷୟିକ ବିଶେଷଜ୍ଞତା ପ୍ରଦାନ କରିବ, ସୁରକ୍ଷା ଅଡିଟ୍ କରିବ । ଏଥିସହ ଅପରେଟର, ଲାଇଫଗାର୍ଡ ଓ ଦୁଃସାହସିକ ଖେଳାଳୀମାନଙ୍କୁ ପ୍ରଶିକ୍ଷଣ ଦେବ । ଓଡ଼ିଶାରେ ଜଳଭିତ୍ତିକ ଦୁଃସାହସିକ ପର୍ଯ୍ୟଟନରେ ଏହା ଏକ ନୂତନ ପର୍ବ ଯୋଡିଥିବା କହିଛନ୍ତି ଉପମୁଖ୍ୟମନ୍ତ୍ରୀ । ତୃତୀୟତଃ, ପର୍ଯ୍ୟଟନ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ଏବଂ ଲାଇଟ୍ ଅଫ୍ ବୁଦ୍ଧଧର୍ମ ଫାଉଣ୍ଡେସନ୍ ଇଣ୍ଟରନ୍ୟାସନାଲ (ଏଲ୍‌ବିଡିଏଫଆଇ) ମିଳିତ ଭାବେ ବୌଦ୍ଧ ତୀର୍ଥ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବେ । ଏହି ସହଯୋଗିତ ଦ୍ୱାରା ବାର୍ଷିକ ବୌଦ୍ଧ ପ୍ରାର୍ଥନା ସମାରୋହ ଆୟୋଜନ, ପରିଦର୍ଶକଙ୍କ ସୁବିଧାର ବିକାଶ, ପବିତ୍ର ସ୍ଥାନଗୁଡ଼ିକର ସୌନ୍ଦର୍ଯ୍ୟକରଣ, ଗୁରୁ ପଦ୍ମସମ୍ଭବଙ୍କ ଜୀବନୀ ଓ ଆଦର୍ଶର ସଂରକ୍ଷଣ ଉପରେ ଧ୍ୟାନ ଦିଆଯିବ । ଏହି ବୁଝାମଣାପତ୍ର ଦ୍ୱାରା ଓଡ଼ିଶାର ବୌଦ୍ଧ ଐତିହ୍ୟକୁ ଗ୍ଲୋବାଲ ପିଲିଗ୍ରିମେଜ୍ ସର୍କିଟ୍‌କସ୍ ସହିତ ସଂଯୋଗ କରିବା ଏବଂ ଆଧ୍ୟାତ୍ମିକ, ସାଂସ୍କୃତିକ ପର୍ଯ୍ୟଟନର କେନ୍ଦ୍ର ଭାବରେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବାକୁ ଆଶା ରଖିଛୁ ବୋଲି ମତବ୍ୟକ୍ତ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପାଣ୍ଡିଆନ ହେଲେ ...

ବିଗତ କିଛିମାସ ଧରି ନବୀନ ବି ନିରବ ରହି ବେଶ୍ ଚତୁରତାର ସହ ଗୋଟି ଚଳାଇ ପାଣ୍ଡିଆନଙ୍କୁ ନିଜର ଉତ୍ତରାଧିକାରୀ ଭାବେ ଓଡ଼ିଶାବାସୀଙ୍କ ପାଖରେ ରଖିବାକୁ ପ୍ରୟାସ ଚଳାଇଛନ୍ତି । ନବୀନଙ୍କ ବଡ଼ଭାଇ ପ୍ରେମ ପଟ୍ଟନାୟକ ମଧ୍ୟ ଏହି ନିଷ୍ପତ୍ତିକୁ ବିରୋଧ କରୁନଥିବା ମଧ୍ୟ ଜଣାପଡ଼ିଛି । ରାଜନୀତିରେ ମହତ୍ୱାକାଂକ୍ଷା ରଖି ଫେଲ୍ ମାରିଥିବା ପାଣ୍ଡିଆନ ବି ଏହି ସୁଯୋଗରେ ଉଭୟ ବିଜେଡି ସଂଗଠନର ନିୟନ୍ତ୍ରଣକୁ ହାଇଜ୍ୟାକ୍ କରିନେଇଥିବା ଚର୍ଚ୍ଚା ହେଉଛି । ନିର୍ବାଚନରେ ଦଳର ବିପର୍ଯ୍ୟୟ ପାଇଁ ପାଣ୍ଡିଆନ ସକ୍ରିୟ ରାଜନୀତିରୁ ସନ୍ନ୍ୟାସ ନେବାକୁ ଘୋଷଣା କରିଥିଲେ ଏବଂ କ୍ଷମା ମାଗିଥିଲେ । କିନ୍ତୁ ଏହା କେବଳ ଏକ ଚାଲ୍ ବୋଲି ଏବେ ପ୍ରମାଣିତ ହେଲାଣି । ପରଦା ପଛରେ ରହି ସେ ଏବେବି ସମସ୍ତ ନିଷ୍ପତ୍ତି ନେଉଛନ୍ତି । ୱାକଫ୍ ବିଲ୍ ହେଉ ଅବା ଅପରେସନ୍ ସିନ୍ଦୂର ଆଲୋଚନା ଅବା ସମ୍ ହସ୍ପିଟାଲରେ ଦଳର ବରିଷ୍ଠ ନେତାମାନଙ୍କୁ ଖୋଲାଖୋଲି ଧମକ ଦେବା ଆଦି ସବୁ ଘଟଣାରୁ ବିଜେଡିର ସେ ହିଁ ପ୍ରକୃତ ସୁପ୍ରିମୋ ବୋଲି ସ୍ପଷ୍ଟ ସନ୍ଦେଶ ଦେବାକୁ ପଛାଇ ନାହାନ୍ତି । ପାଣ୍ଡିଆନ ବିଜେଡିର କ୍ଷମତାକେନ୍ଦ୍ର ବା ସର୍ବେସର୍ବା ନୂଆ କଥା ନୁହେଁ । ନିର୍ବାଚନ ପୂର୍ବରୁ ପାଣ୍ଡିଆନଙ୍କ ନିଷ୍ପତ୍ତିକୁ ସ୍ୱୀକାର କରିବା ଛଡ଼ା ବିକଳ୍ପ ମଧ୍ୟ ବିଜେଡି ନେତାମାନଙ୍କ ପାଖରେ ନଥିଲା । ଏପରିକି ପାଣ୍ଡିଆନଙ୍କ ସହ ପଦେ କଥା ହେବା ବି ଖୁବକମ୍ ବିଜେଡି ନେତାଙ୍କ ଭାଗ୍ୟରେ ଜୁଟୁଥିଲା । କିଏ ନିଜକୁ ତାଙ୍କର କ୍ରୀତଦାସ ବୋଲି ଖୋଲାଖୋଲି କହୁଥିଲେ ତ କିଏ କ୍ୟାବିନେଟ୍ ମନ୍ତ୍ରୀ ପଦରେ ଥାଇ ମଧ୍ୟ ତାଙ୍କ ଗାଡ଼ି ଆଗରେ ଟ୍ରାଫିକ ପୁଲିସ ଦାୟିତ୍ୱ ମଧ୍ୟ ତୁଲାଉଥିଲେ । କିନ୍ତୁ ବିଜେଡି କ୍ଷମତାଚ୍ୟୁତ ହେବାପରେ ସେସବୁରେ ପୂର୍ଣ୍ଣଚ୍ଛେଦ ପଡ଼ି ଯାଇଥିଲା । ଏବେ ୧୪ମାସ ପରେ ପାଣ୍ଡିଆନଙ୍କ ସ୍ତୁତି ଗାନ ପୁଣି ଆରମ୍ଭ ହୋଇଛି । ଦଳୀୟ ନେତାମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହେଲାଣି ।

### କାହା ଅବହେଳା ...

ଜଷ୍ଟିସ ସିଷ୍ଟମ) ଦ୍ୱାରା ନିର୍ଦ୍ଧାରିତ ଟେକନିକାଲ ସ୍ପେସିଫିକେସନକୁ ଉଲ୍ଲଙ୍ଘନ ସହ ଅନାବଶ୍ୟକ 'ଉବନଟୁ' ସାର୍ଟିଫିକେଟକୁ ଜରୁରୀ କରି ଏହି ୨୧୧୦ଟି ଡେସ୍କଟପ୍ କିଣା ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି । ଏହି ଡେସ୍କଟପ୍ କମ୍ପ୍ୟୁଟର ସହ ଅନାବଶ୍ୟକ ଭାବେ ୟୁପିଏସ (ବ୍ୟାଟେରୀ) ମଧ୍ୟ ସାମିଲ କରାଯାଇଛି । ନିର୍ଦ୍ଦିଷ୍ଟ କମ୍ପାନୀ ଯେଭଳି ଏହି ଡେସ୍କଟପ୍ କିଣା ଟେଣ୍ଡରରେ ସାମିଲ ହୋଇ ତାକୁ ହାତେଇପାରିବ ସେଥିପାଇଁ ଏଭଳି ଦସ୍ତାବିଜ ପ୍ରସ୍ତୁତ ହୋଇଥିବା ଚର୍ଚ୍ଚା ହେଉଛି । ସେହିପରି କ୍ରାଇମବ୍ରାଞ୍ଚ ମଧ୍ୟ ୨ହଜାର ଲାପଟପ୍ ପାଇଁ ଡାକିଥିବା ଟେଣ୍ଡରରେ ନିର୍ଦ୍ଦିଷ୍ଟ କମ୍ପାନୀକୁ ସୁହାଇବା ଭଳି ଟେକନିକାଲ ସ୍ପେସିଫିକେସନ୍ ଧାର୍ଯ୍ୟ କରିଥିବା ଜଣାପଡ଼ିଛି । ସବୁଠୁ ବଡ଼କଥା ହେଲା, ଏହି ଟେଣ୍ଡର ସର୍ତ୍ତାବଳୀକୁ ବାରମ୍ବାର ସଂଶୋଧନ ପାଇଁ ବିଜ୍ଞାପନ ଦିଆଯାଇଥିବା ସୂଚନା ମିଳିଛି । ଜେଇଏମ୍ ସହ ଗୃହ ମନ୍ତ୍ରଣାଳୟର ଆଇସିଜେଏସ୍ ନିୟମରେ ମଧ୍ୟ ଏହି 'ଉବନଟୁ' ସାର୍ଟିଫିକେଟ୍ ଓ ଅନ୍ୟ ବିଦେଶୀ ସର୍ତ୍ତାବଳୀ ଆବଶ୍ୟକ ନଥିବାବେଳେ କାହିଁକି ଓ କାହା ନିର୍ଦ୍ଦେଶରେ ଓଡ଼ିଶା ପୁଲିସ ଏହି ସାର୍ଟିଫିକେଟକୁ ଯୋଡ଼ି ଟେଣ୍ଡର ଡାକିଛି ଓ କେଉଁ ନିର୍ଦ୍ଦିଷ୍ଟ କମ୍ପାନୀକୁ ସୁହାଇବା ପାଇଁ ଏହି ଟେଣ୍ଡର ଆହ୍ୱାନ କରାଯାଇଛି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଓଡ଼ିଶା ପୁଲିସର ଟେଣ୍ଡର ପ୍ରକ୍ରିୟାରେ ସାମିଲ ହୋଇ ୩ହଜାର ଲ୍ୟାପଟପ୍ ଦେବାକୁ ଚୁକ୍ତିବଦ୍ଧ ହୋଇଥିବା ଓମକ୍ସନ୍ ପାୱାର ସିଷ୍ଟମ ପ୍ରାଇଭେଟ୍ ଲିମିଟେଡ୍ ନାମକ କମ୍ପାନୀକୁ ତା'ର ଦେୟ ପ୍ରଦାନରେ ପୁଲିସ ଟାଳଟୁଳ ନୀତି ଅବଲମ୍ବନ କରୁଛି । ଏନେଇ କମ୍ପାନୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଫେରାଦ ହୋଇଛି । କମ୍ପାନୀର ଅଭିଯୋଗ ଅନୁସାରେ, ୨୦୨୫ ମାର୍ଚ୍ଚ ୨୭ତାରିଖରେ ଓଡ଼ିଶା ପୁଲିସର କ୍ରାଇମବ୍ରାଞ୍ଚକୁ ୩ହଜାର ଲ୍ୟାପଟପ୍ ଦେବା ପାଇଁ ପ୍ରତିଯୋଗିତାମୂଳକ ବିଡ଼ିଂ ପ୍ରକ୍ରିୟାରେ କମ୍ପାନୀ ଚୟନ ହୋଇଥିଲା । କମ୍ପାନୀ ଏହି ଅର୍ଡର ଦେବାପାଇଁ ୧୭.୮୩ କୋଟି ଟଙ୍କାରେ ଚୁକ୍ତି ବଦ୍ଧ ହୋଇଥିଲା । କିନ୍ତୁ ପ୍ରାୟ ୩ମାସ ଧରି କମ୍ପାନୀକୁ ତା'ର ବକେୟା ମିଳୁନାହିଁ । କମ୍ପାନୀ ବାରମ୍ବାର ଏନେଇ ରାଜ୍ୟ ପୁଲିସ ମୁଖ୍ୟାଳୟର ଦ୍ୱାରସ୍ଥ ହୋଇ ବିଫଳ ହେବାପରେ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହୋଇଥିବା ଜଣାପଡ଼ିଛି । କେଉଁ ଅଦୃଶ୍ୟ କାରଣରୁ ଟେଣ୍ଡର ନେଇଥିବା ସଂସ୍ଥାକୁ ତା'ର ବିଲ୍ ପ୍ରଦାନ କରିବାରେ ଓଡ଼ିଶା ପୁଲିସ ଟାଳଟୁଳ ନୀତି ଅବଲମ୍ବନ କରୁଛି ଓ ଯଦି ସଂସ୍ଥା ଉଚିତ୍ ସେବା ଦେଇନାହିଁ ତା'ର ଟେଣ୍ଡର ବାତିଲ କରିବାରେ କ'ଣ ସମସ୍ୟା ରହିଛି ବୋଲି ଏବେ ସାଧାରଣରେ ପ୍ରଶ୍ନ ଉଠିଛି । ଓଡ଼ିଶା ପୁଲିସର ବିଶ୍ୱସନୀୟତା ସମଗ୍ର ଦେଶରେ ରହିଥିବାବେଳେ କେଉଁ ନିର୍ଦ୍ଦିଷ୍ଟ ଅଫିସରମାନଙ୍କ ତ୍ରୁଟି ଓ ଅବହେଳା ଯୋଗୁ ଏବେ ଏସବୁ ବିବାଦ ଓ ଅଭିଯୋଗ ଆସୁଛି ତା'ର ଉଚ୍ଚସ୍ତରୀୟ ଖୋଳତାଡ଼ କରାଗଲେ ପ୍ରକୃତ ତଥ୍ୟ ପଦାକୁ ଆସିପାରନ୍ତା ବୋଲି ଚର୍ଚ୍ଚା ହେଉଛି ।

### ଏବେ ରାସନ ...

ଜଣାପଡିଛି ଯେ ୯୪.୭୧ ଲକ୍ଷ ରାସନ କାର୍ଡ ଧାରକ ଆୟକର ଦାତା, ୧୭.୫୧ ଲକ୍ଷ ଚାରି ଚକିଆ ଯାନ ଏବଂ ୫.୩୧ ଲକ୍ଷ ଲୋକ କମ୍ପାନୀରେ ନିର୍ଦ୍ଦେଶକ । ଏକ ରିପୋର୍ଟ ଅନୁଯାୟୀ, ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ ଏହି ତଥ୍ୟ ଆଧାରରେ, ରାଜ୍ୟଗୁଡ଼ିକ ଅଯୋଗ୍ୟ ହିତାଧିକାରୀଙ୍କୁ ହଟାଇପାରିବେ, ଯାହା ଦ୍ୱାରା ଅପେକ୍ଷା ତାଲିକାରେ ଥିବା ଅସହାୟ ଲୋକମାନେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଅନୁଯାୟୀ ଲାଭ ପାଇପାରିବେ । ଏନ୍‌ଏଫ୍‌ଏସ୍‌ଏ ଡ୍ୟାସବୋର୍ଡ ଅନୁଯାୟୀ, ଅଗଷ୍ଟ ୧୯ ସୁଦ୍ଧା ୧୯.୧୭ କୋଟି ରାସନ କାର୍ଡ ଜାରି କରାଯାଇଛି, ଯାହା ୩୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ମୋଟ ୭୬.୧୦ କୋଟି ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିଛି । ନିୟମ ଅନୁଯାୟୀ, ସରକାରୀ କର୍ମଚାରୀ, ୧ ଲକ୍ଷ ଟଙ୍କାରୁ ଅଧିକ ବାର୍ଷିକ ଆୟ ଥିବା ପରିବାର, ଚାରି ଚକିଆ ଯାନ ମାଲିକ ଏବଂ କରଦାତା ମାଗଣା ଖାଦ୍ୟ ଶସ୍ୟ ପାଇବାକୁ ଯୋଗ୍ୟ ନୁହଁନ୍ତି । ୮ ଜୁଲାଇରେ, କେନ୍ଦ୍ର ସମସ୍ତ ରାଜ୍ୟର ମୁଖ୍ୟ ସଚିବ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ପରାମର୍ଶଦାତାଙ୍କୁ ଏକ ଚିଠି ଲେଖି ଏହି ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଥିଲା । ଖାଦ୍ୟ ସଚିବ ସଞ୍ଜୀବ ଚୋପ୍ରା ଚିଠିରେ କହିଛନ୍ତି ଯେ ରାସନ କାର୍ଡ ପରିଚାଳନା ପ୍ରଣାଳୀ (ଆରସିଏମ୍‌ଏସ୍) ରେ ଡୁପ୍ଲିକେଟ, ମୃତ ଏବଂ ନିଷ୍କ୍ରିୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇସାରିଛି । ବର୍ତ୍ତମାନ ଅନ୍ୟ ମନ୍ତ୍ରଣାଳୟର ତଥ୍ୟ ସହିତ ମେଳ କରି ଅଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଇଛି ।

### ବୁଲା କୁକୁରଙ୍କ ...

ଦିଆଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଏହି ରାୟ କେବଳ ଦିଲ୍ଲୀ-ଏନସିଆର ନୁହେଁ, ବରଂ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଲାଗୁ ହେବ । ଏଥିପାଇଁ ସୁପ୍ରିମକୋର୍ଟ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବମାନଙ୍କୁ ନୋଟିସ କରିଛନ୍ତି । ସୁପ୍ରିମକୋର୍ଟଙ୍କ କହିବା କଥା ଯେ ମାମଲାର ବିସ୍ତୃତ ଶୁଣାଣି କରିବା ପରେ ବୁଲା କୁକୁର ପ୍ରସଙ୍ଗରେ ଗୋଟିଏ ଜାତୀୟ ନୀତି ମଧ୍ୟ ପ୍ରସ୍ତୁତ କରାଯିବ । ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ସନ୍ଦୀପ ମେହତା ଓ ଜଷ୍ଟିସ ଏନଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଏପରି ରାୟ ଦେଇଛନ୍ତି । ଶୁଣାଣି ବେଳେ ୩ ଜଣିଆ ଖଣ୍ଡପୀଠ କହିଛନ୍ତି, ସର୍ବସାଧାରଣରେ ବୁଲା କୁକୁରଙ୍କୁ କୌଣସି ବି ପରିସ୍ଥିତିରେ ଖାଇବା ପାଇଁ ଅନୁମତି ମିଳି ପାରିବ ନାହିଁ । ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ । ବୁଲା କୁକୁରଙ୍କୁ ଖାଇବାକୁ ଦିଆଯିବା ସ୍ଥାନ ସ୍ଥାନୀୟ ଅଧିକାରୀ ଚିହ୍ନଟ କରିବେ । ଏହାପରେ ଯଦି କେହି ରାସ୍ତାରେ କୁକୁରଙ୍କୁ ଖାଇବାକୁ ଦିଅନ୍ତି, ତା'ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅଗଷ୍ଟ ୮ ରାୟକୁ ବଦଳାଇବାକୁ ଦାବି କରିଥିବା ସମସ୍ତ ଆବେଦନକାରୀ ଓ ଏନଜିଓଗୁଡ଼ିକୁ ସୁପ୍ରିମକୋର୍ଟ ଯଥାକ୍ରମେ ୨୫ ହଜାର ଲେଖାଏ ଏବଂ ୨ ଲକ୍ଷ ଲେଖାଏ ରେଜିଷ୍ଟ୍ରାରଙ୍କ ନିକଟରେ ଜମା କରିବାକୁ କହିଛନ୍ତି । ପଶୁପ୍ରେମୀମାନେ କୁକୁରକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ଆବେଦନ କରିପାରିବେ । ରାସ୍ତାକୁ ଯେମିତି କୁକୁରମାନେ ନ ଆସିବେ, ତା'କୁ ସେମାନେ ନିଶ୍ଚିତ କରିବେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି । ଶୁଣାଣିର ଶେଷ ଭାଗରେ ବୁଲା କୁକୁରଙ୍କୁ ନେଇ ବିଭିନ୍ନ ହାଇକୋର୍ଟରେ ପଡ଼ି ରହିଥିବା ଆବେଦନଗୁଡ଼ିକ ସର୍ବୋଚ୍ଚ ଅଦାଲତକୁ ସ୍ଥାନାନ୍ତର ହେବ । ଏହାପରେ ସୁପ୍ରିମକୋର୍ଟ ବୁଲା କୁକୁର ପ୍ରସଙ୍ଗରେ ଗୋଟିଏ ଜାତୀୟ ନୀତି ପ୍ରଣୟନ କରିବେ ।

### ପୂଜା ପାଇଁ ...

ବିଭିନ୍ନ ଗୋଷ୍ଠୀ ମାନଙ୍କ ସହ ବୈଠକ, ସ୍ଥାନୀୟ ଲୋକପ୍ରତିନିଧିମାନଙ୍କ ସହ ସୁସମ୍ପର୍କ ସ୍ଥାପନ, ଗୁଜବକାରୀଙ୍କୁ ଚିହ୍ନଟ, ପୂଜା ହେଉଥିବା ସ୍ଥାନରେ ବ୍ୟାପକ ପୁଲିସ ମୁତୟନ, ଭସାଣି ସମୟରେ ସତର୍କତା ପଦକ୍ଷେପ ଆଦି ପ୍ରସଙ୍ଗରେ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବାକୁ ସମସ୍ତ ଜିଲ୍ଲାର ଏସପି ତଥା ବରିଷ୍ଠ ପୁଲିସ ଅଧିକାରୀଙ୍କୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ । ଏହାସହ ଯେକୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ସଦାସର୍ବଦା ପ୍ରସ୍ତୁତ ରହିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି । ଏହା ସହ ପାର୍ବଣ ଋତୁ ସମୟରେ ବେଆଇନ ଗୋ ଚାଲାଣ ଏବଂ ବେଆଇନ ବାଣ ବିକ୍ରି ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି । ଏତଦବ୍ୟତୀତ ପୂଜା ସମୟରେ ବିଭିନ୍ନ ସ୍ଥାନରେ କମିଟି ପକ୍ଷରୁ ମେଳାର ଆୟୋଜନ କରାଯାଇଥାଏ । ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ସ୍ଥାନଗୁଡ଼ିକୁ ପରିଦର୍ଶନରେ ଯାଇ ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଅନୁଧ୍ୟାନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

### ଇସ୍ରାଏଲ ପାଇଁ ...

ଉତ୍ତରପୂର୍ବ ଅଞ୍ଚଳରେ ରହୁଥିବା ୨,୮୦,୦୦୦ ଲୋକ ଏବେ ଠାରୁ ହିଁ ଅନାହାରର ଶିକାର ହୋଇ ସାରିଲେ । ପ୍ରଥମଥର ପାଇଁ ସେଠାରେ ଏପରି ସ୍ଥିତି ଦେଖାଯାଇଛି । ଯଦି ସହାୟତା ନ ମିଳିବ, ତା'ହେଲେ ଦୈର ଅଲ ବାଲା ଓ ଖାନ ୟୁନିସର ଲୋକମାନେ ମଧ୍ୟ ସମାନ ସ୍ଥିତିର ସମ୍ମୁଖୀନ ହେବେ । ତେବେ ଇସ୍ରାଏଲ ପକ୍ଷରୁ ଏପରି ରିପୋର୍ଟକୁ ଗ୍ରହଣ କରାଯାଇ ନାହିଁ । ଏହାକୁ ଇସ୍ରାଏଲ ମିଛ ଓ ପକ୍ଷପାତିତା ରିପୋର୍ଟ ବୋଲି କହିଛି । ଦେଶ କହିଛି ଯେ ହମାସ ପକ୍ଷରୁ ଦିଆଯାଇଥିବା ଆଶିଂକ ତଥ୍ୟକୁ ଆଧାର କରି ଏପରି ରିପୋର୍ଟ ପ୍ରକାଶ ପାଇଛି । ରିପୋର୍ଟରେ କୌଣସି ପ୍ରକାରର ସତ୍ୟତା ନାହିଁ । ଅନ୍ୟପକ୍ଷରେ ମିଳିତ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ କହିଛନ୍ତି ଗାଜାରେ ଦେଖାଯାଇଥିବା ଜୀବନ୍ତ ନର୍କକୁ ବର୍ଣ୍ଣନା କରିବା ପାଇଁ ଏବେ ଅନାହାର ଶବ୍ଦକୁ ମଧ୍ୟ ଯୋଡ଼ି ଦିଆଯାଇଛି । ଏହାକୁ ସେ ମାନବ ଯୁକ୍ତ ବିପର୍ଯ୍ୟୟ ଓ ମାନବିକତାର ମୃତ୍ୟୁ ବୋଲି କହିଛନ୍ତି । ଅନାହାର କେବଳ ଖାଦ୍ୟ ପାଇଁ ନୁହେଁ, ବରଂ ସମସ୍ତ ଜରୁରୀ ସେବା ଭୁଶୁଡ଼ିବା ଯୋଗୁ ସୃଷ୍ଟି ହୋଇଛି । ଏଥିଯୋଗୁ ଲୋକମାନେ ଭୋକିଲା ରହୁଛନ୍ତି ଓ ଛୋଟ ପିଲା ପ୍ରାଣ ହରାଉଛନ୍ତି । ଇସ୍ରାଏଲ ଏବେ କୌଣସି ବାହାନା ନ କରି ସାଧାରଣ ଲୋକଙ୍କ ପାଖରେ ଖାଦ୍ୟ ଓ ମେଡିସିନ ପହଞ୍ଚାଇବାକୁ ନିଶ୍ଚିତ କରୁ ବୋଲି ଗୁଟେରନ କହିଛନ୍ତି ।

### ଓଡ଼ିଶାର ...

ପ୍ରଯୁକ୍ତିବିଦ୍ୟା ସାମର୍ଥ୍ୟ ହବ୍' ଡିଜିଟାଲ ନବସୃଜନକୁ ପ୍ରୋତ୍ସାହିତ କରିବା ସହ ଓଡ଼ିଶାର ଯୁବପିଢ଼ିଙ୍କୁ ବିଶେଷ ଭାବରେ ଫିନଟେକ୍ କ୍ଷେତ୍ରରେ ଏକବିଂଶ ଶତାବ୍ଦୀର ସୁଯୋଗକୁ ହାତଛଡା କରିବାକୁ ଦେବ ନାହିଁ । ଯୁବବର୍ଗଙ୍କୁ ଇନସ୍ୟୁରଟେକ୍, ଡିଜିଟାଲ ଫାଇନାନ୍ସ, ଏଆଇ, ବ୍ଲକ ଚେନ୍ ଏବଂ ଭବିଷ୍ୟତବାଦୀ ଦକ୍ଷତା କ୍ଷେତ୍ରରେ ଯୁବପିଢ଼ିଙ୍କୁ ଚାକିରି ପାଇଁ ଦକ୍ଷତା ପ୍ରଦାନ କରିବ । ଆଇ-ଜିଏଫ୍‌ଟିସିଏଚ୍) ଏଠାରେ ଭୁବନେଶ୍ୱରରେ ସ୍ଥାନୀୟ ଯୁବପିଢ଼ିଙ୍କୁ ବିଶ୍ୱସ୍ତରୀୟ ନିଯୁକ୍ତି ସୁଯୋଗ ଦେବା ପାଇଁ ସହଯୋଗୀ ଭାବରେ କାମ କରିବ । ଓଡ଼ିଶାକୁ ଏକ ଡିଜିଟାଲ-ଶ୍ରେଣୀ ଅର୍ଥନୀତିରେ ପରିଣତ କରିବା ପାଇଁ ଶ୍ରୀ ପ୍ରଧାନ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ପୂର୍ବରୁ ଆୟୋଜିତ ଏକ ସାକ୍ଷାତକାରରେ ସିଙ୍ଗାପୁର ଜିଏଫଟିଏନର ଗ୍ରୁପ ସିଇଓ ଶ୍ରୀ ସୋପ୍ନେନ୍ଦୁ ମହାନ୍ତିଙ୍କ ସହ ବାର୍ତ୍ତାଳାପ କରିଥିଲେ କେନ୍ଦ୍ରମନ୍ତ୍ରୀ । ଓଡ଼ିଶାରେ ସିଙ୍ଗାପୁର ମଡେଲର କ୍ରିୟାନ୍ୱୟନ ନେଇ ଆସିଥିବା କଳ୍ପନା ସହ ଆର୍ଥିକ କ୍ଷେତ୍ରରେ ଭବିଷ୍ୟତକୁ ନୂଆ ଆକାର ଦେବା : ପ୍ରତିଭା, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନକୁ ରାସ୍ତା କଥାବସ୍ତୁ ଉପରେ ମତ ରଖିଥିଲେ ଶ୍ରୀ ପ୍ରଧାନ । ସେ କହିଥିଲେ ପେଟ୍ରୋଲିୟମ ମନ୍ତ୍ରୀ ନ ଥିବା ସମୟରେ ସିଙ୍ଗାପୁର ଗସ୍ତରେ ଥିବା ବେଳେ ଜୁରଙ୍ଗ ଆଇଲ୍ୟାଣ୍ଡ ଭଳି ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସମୟରେ ଓଡ଼ିଶାରେ ସିଙ୍ଗାପୁର ମଡେଲର କ୍ରିୟାନ୍ୱୟନ ମନରେ ଭାବନା ଆସିଥିଲା । ଓଡ଼ିଶାରେ ଅପାର ସମ୍ଭାବନା, ପ୍ରାକୃତିକ ସମ୍ବଳ, ସୁଦୀର୍ଘ ବେଳାଭୂମି, ଜଙ୍ଗଲ, ପ୍ରତିଭା ସମ୍ପନ୍ନ ମାନବ ସମ୍ବଳ ଅଛି । ଯଦି ଏଫଏମ କଲେଜରୁ ପାଠପଢ଼ି ସୋପ୍ନେନ୍ଦୁ ମହାନ୍ତିଙ୍କ ପରି ଟେକ୍ନୋକ୍ରାଟମାନେ ସିଙ୍ଗାପୁରରେ କାମ କରୁଛନ୍ତି ତେବେ ଓଡ଼ିଆ ପିଲାମାନେ କାହିଁକି ନୁହେଁ? ସଠିକ୍ ସୁଯୋଗ ପ୍ରଦାନ କଲେ, ଓଡ଼ିଆ ପିଲାମାନେ ଯେକୌଣସି ବିଷୟ ହାସଲ କରିପାରିବେ । ବିଶେଷ ଭାବରେ ଓଡ଼ିଶାର ଯୁବ ପ୍ରତିଭାକୁ ଉପଯୋଗ କରିବା ଦିଗରେ ସିଙ୍ଗାପୁର ଭଳି ଇକୋସିଷ୍ଟମ ତିଆରି ହେବା ଦରକାର । ଯୁବକଙ୍କ ରୋଜଗାର ସୃଷ୍ଟି କରିବା ଉପରେ ଶ୍ରୀ ପ୍ରଧାନ କହିଥିଲେ ବର୍ତ୍ତମାନ ସମୟରେ ଏଆଇ ଭଳି ଟେକ୍ନୋଲୋଜି ବଦଳିଛି ।

### ସଡ଼କ ସୁରକ୍ଷା ...

ପୂଜା କମିଟି ମାନେ ବିଭିନ୍ନ ଉପାୟରେ ଏହି ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇପାରିବେ । ସେହିଭଳି ଏହି ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ୍ୟ ଦର୍ଶକଙ୍କୁ ସଡ଼କ ସୁରକ୍ଷା ନିୟମ ପାଳନ ପାଇଁ ଅନୁରୋଧ କରାଯାଇପାରିବ । ପାର୍ବଣ ସଂପର୍କିତ ସମନ୍ୱୟ ବୈଠକରେ ଏହି ବିଷୟରେ ଆଲୋଚନା କରିବାକୁ କୁହାଯାଇଛି । ଏହାସହ ପୂଜା କମିଟିର ବରିଷ୍ଠ ସଦସ୍ୟମାନେ ସାଧାରଣତଃ ସାହି ମୁରବି ଭାବରେ ସମ୍ମାନ ପାଆନ୍ତି । ସେମାନଙ୍କ କଥାକୁ ଯୁବପିଢ଼ିମାନେ ପାଳନ କରିଥାନ୍ତି । ତେଣୁ ପୂଜା ପରେ ମଧ୍ୟ ନିଜ ଅଞ୍ଚଳକୁ ସଡ଼କ ଦୁର୍ଘଟଣାମୁକ୍ତ କରିବା ଦିଗରେ ସେମାନେ ଉଦ୍ୟମ କରିପାରିବେ । କେବଳ ଦୁର୍ଗା ପୂଜା ନୁହେଁ, ସମସ୍ତ ପ୍ରମୁଖ ପର୍ବପର୍ବାଣିରେ ସଡ଼କ ସୁରକ୍ଷା ବାର୍ତ୍ତା ପ୍ରସାରକୁ ଗୁରୁତ୍ୱ ଦେବାକୁ ପରିବହନ ଆୟୁକ୍ତ ଅନୁରୋଧ କରିଛନ୍ତି । ଜିଲ୍ଲାପାଳ ଓ ଏସପି ମାନେ ଏ ଦିଗରେ ପୂଜା କମିଟିମାନଙ୍କୁ ଉତ୍ସାହିତ କରିବାକୁ ପରାମର୍ଶ ଦିଆଯାଇଛି । ଏହାସହ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀମାନେ ସକ୍ରିୟ ଭାବରେ ଏହି ଅଭିଯାନରେ ସାମିଲ ହୋଇ ଅଧିକରୁ ଅଧିକ ଲୋକଙ୍କ ପାଖେ ସଡ଼କ ସୁରକ୍ଷା ବାର୍ତ୍ତା ପହଞ୍ଚାଇବାକୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

### ୫ ବର୍ଷରେ ...

ଜନ ବସତି ପାଇଁ ୯୪୨ଟି ସଡକ ଓ ୮ଟି ସେତୁ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି । ସେହିଭଳି ୧୦୦ରୁ ଅଧିକ ଚଉଞ୍ଚଏ ବର୍ଗର ଜନବସତି ଗୁଡିକର ସଂଯୋଗୀ କରଣ ପାଇଁ ପିଏମ୍ ଜନମନ୍ ଯୋଜନାରେ ୭୩ଟି ଗ୍ରାମରେ ୬୬ଟି ରାସ୍ତା ଓ ୪ଟି ସେତୁ ନିର୍ମାଣ ପାଇଁ ମଞ୍ଜୁରୀ ମିଳିଛି । ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୪୫୦୦.୩୦ କିଲୋମିଟର ରାସ୍ତା ନିର୍ମାଣ କରାଯାଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୩୪୬୯.୯୪ କୋଟି ଟଙ୍କା ବ୍ୟୟବରାଦରେ ୫୦୦୦ କିଲୋମିଟର ରାସ୍ତା ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଇଛି । ସେତୁବନ୍ଧନ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୧୮୬ଟି ସେତୁ ନିର୍ମାଣ କରାଯାଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୩୦୦ ଟି ସେତୁ ନିର୍ମାଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ଏଥିସହିତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳର ଭିତ୍ତିଭୂମି ଉନ୍ନତିକରଣ କାର୍ଯ୍ୟ ଯଥା-ଛାତ୍ରାବାସ, ମହାବିଦ୍ୟାଳୟ ଗୃହ ନିର୍ମାଣ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ନିର୍ମାଣ, ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ, କଲ୍ୟାଣ ମଣ୍ଡପ ଇତ୍ୟାଦି ନିର୍ମାଣ କାର୍ଯ୍ୟ ମଧ୍ୟ ଜାରିରହିଛି । ୨୦୨୪-୨୫ ଆର୍ଥିକ ବର୍ଷରେ ବିଭାଗ ପକ୍ଷରୁ ୪୫୧ଟି ବିଭିନ୍ନ କୋଠାବାଡି ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୧୨୨୯ଟି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ବୈଠକରେ ଗ୍ରାମ୍ୟ ଉନ୍ନୟନ ତଥା ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ବିଭାଗୀୟ କମିଶନର ତଥା ଶାସନ ସଚିବ ଯାମିନୀ ଷଡଙ୍ଗୀ, ସର୍ବୋଚ୍ଚ ଯନ୍ତ୍ରୀ ଇଂ ପ୍ରସନ୍ନ କୁମାର ସାହୁ ଏବଂ ଇଂ ପ୍ରଦୀପ କୁମାର ଜେନା ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

### ଦେଶର ...

ମୁଦ୍ରା ବିନିମୟ ମୂଲ୍ୟରେ ପଡ ଉଠର ମଧ୍ୟ ଏହା ଉପରେ ପ୍ରଭାବ ରହିଛି । ଅନ୍ୟପଟେ ଏହି ସପ୍ତାହରେ ସ୍ୱର୍ଣ୍ଣ ଭଣ୍ଡାର ୨.୧୬ ବିଲିୟନ ଡଲାର ହ୍ରାସ ହୋଇ ୮୬.୧୬ ବିଲିୟନ ଡଲାର ହୋଇଯାଇଛି । ସେହିପରି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ)ରେ ଭାରତର ରିଜର୍ଭ ପୋଜିସନ ୧.୫କୋଟି ଡଲାର ବଢ଼ି ୪.୭୫ ବିଲିୟନ ଡଲାରକୁ ପହଞ୍ଚିଛି । ଏଣୁ ଭାରତର ନଗଦ ଆହରଣ ମଧ୍ୟ ଆଇଏମଏଫରେ ବଢ଼ି ଯାଇଛି । ସାଧାରଣତଃ ଆରବିଆଇ ସମୟସମୟରେ ବଜାରରୁ ଡଲାର କ୍ରୟ ଓ ବିକ୍ରୟ କରି ଟଙ୍କାର ଅବମୂଲ୍ୟାୟନ ସୁଧାର କରିଥାନ୍ତି । ଏଣୁ ଆରବିଆଇ ବିଦେଶୀ ମୁଦ୍ରା ବଜାର ଉପରେ ପ୍ରାୟତଃ କଡ଼ା ନଜର ରଖିଥାନ୍ତି । ଅନ୍ୟପଟେ ପଡୋଶୀ ପାକିସ୍ତାନର ବୈଦେଶିକ ମୁଦ୍ରାଭଣ୍ଡାରରେ ସାମାନ୍ୟ ସୁଧାର ଆସିଛି । ୧୫ଅଗଷ୍ଟରେ ଶେଷ ହୋଇଥିବା ସପ୍ତାହରେ ଷ୍ଟେଟବ୍ୟାଙ୍କ ଅଫ ପାକିସ୍ତାନର ହୋଲ୍ଡିଂ ୧.୩କୋଟି ଡଲାର ବଢ଼ି ୧୪.୨୫୬ବିଲିୟନ ଡଲାରକୁ ପହଞ୍ଚିଛି । ପାକିସ୍ତାନ କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ଜାରି ତଥ୍ୟ ଅନୁସାରେ ଦେଶର ବୈଦେଶିକ ମୁଦ୍ରାଭଣ୍ଡାର ୧୯.୫୭୧ ବିଲିୟନ ଡଲାରକୁ ପହଞ୍ଚିଛି । ଏଥିରେ କମର୍ସିଆଲ ବ୍ୟାଙ୍କମାନଙ୍କ ଭାଗିଦାରୀ ପାଖାପାଖି ୫.୩୧୫ ବିଲିୟନ ଡଲାର ରହିଛି ।

# 'ଜନଆସ୍ଥା, ପରିଶ୍ରମ ବଳରେ ସରକାରକୁ ଆସିଛୁ'

**ଭୁବନେଶ୍ୱର :** ଆକ୍ସିଡେଣ୍ଟାଲ୍ ନୁହେଁ ବରଂ ଜନଆସ୍ଥା ଓ କାର୍ଯ୍ୟକର୍ତ୍ତାଙ୍କ ତ୍ୟାଗ ଓ ପରିଶ୍ରମ ବଳରେ ବିଜେପି ଓଡ଼ିଶାରେ ଏକକ ସରକାର କରିପାରିଛି ବୋଲି ଶୁକ୍ରବାର ଭୁବନେଶ୍ୱର ଠାରେ ବିଶିଷ୍ଟ ଲେଖକ ତଥା ପ୍ରଫେସର ଡଃ ନେତାଜୀ ଅଭିନନ୍ଦନ ଓ ପ୍ରୀତ୍ ବୁବନାଙ୍କ ଦ୍ୱାରା ରଚିତ ଇଂରାଜି ପୁସ୍ତକ "ଭଏସ୍ ଆଣ୍ଡ ଭୋଟ୍ସ : ଓଡ଼ିଶା ଇଲେକ୍ଟୋରାଲ ରିନେସନ୍ସ ଅଫ୍ - ୨୦୨୪" ପୁସ୍ତକ ଉନ୍ମୋଚନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସାଂପ୍ରତିକ ଓଡ଼ିଶା ରାଜନୀତିର ଏହି ବିଶ୍ଳେଷଣାତ୍ମକ ପୁସ୍ତକର ଶୁଭ ଉନ୍ମୋଚନ ଅବସରରେ ଶ୍ରୀ ପ୍ରଧାନ ଏହାର ଲେଖକ ତଥା ପ୍ରକାଶକଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି ଇତିହାସ ଓ ବର୍ତ୍ତମାନକୁ ପୁସ୍ତକର ରୂପ ଦେଲେ ଭବିଷ୍ୟତକୁ ଯିବା ସହଜ ହୁଏ । ଗତ କିଛି ଦିନ ପୂର୍ବରୁ ଚୌଧୁରୀ ଅମିତାଭ ଦାସଙ୍କ ଦ୍ୱାରା ଲିଖିତ "ନିର୍ବାଚନ ୨୦୨୪ - ଓଡ଼ିଶା ରାଜନୀତିର କଡ଼ ଲେଉଟାଣି" ପୁସ୍ତକକୁ ଉନ୍ମୋଚନ କରିବାର ସୌଭାଗ୍ୟ ମିଳିଥିଲା । ଓଡ଼ିଶାର ରାଜନୀତିକୁ ଜାଣିବା ପାଇଁ ଆଜି ଏପରି ବିଶ୍ଳେଷଣାତ୍ମକ ପୁସ୍ତକ ଉନ୍ମୋଚନ ସ୍ୱାଗତଯୋଗ୍ୟ । ଏହି ପୁସ୍ତକଟି ସବୁ ବର୍ଗଙ୍କ ପାଖରେ ଆଦୃତ ହେବା ନେଇ କାମନା କରିବା ସହ ଓଡ଼ିଆ ଭାଷାରେ ମଧ୍ୟ ପ୍ରକାଶ କରିବା ପାଇଁ ସେ ଆଗ୍ରହ ରଖିଛନ୍ତି । ଓଡ଼ିଶା ଏବଂ ସର୍ବଭାରତୀୟ ସ୍ତରରେ ବିଜେପି ରାଜନୈତିକ ଯାତ୍ରା ଉପରେ ଆଲୋକପାତ କରିଥିଲେ କେନ୍ଦ୍ରମନ୍ତ୍ରୀ । ଓଡ଼ିଶାରେ ବିଜେପିର ରାଜନୈତିକ ଅଭ୍ୟୁଦୟ, ସଂଖ୍ୟାଲଘୁରୁ ସଂଖ୍ୟାଗରିଷ୍ଠ ପର୍ଯ୍ୟନ୍ତ କାର୍ଯ୍ୟକର୍ତ୍ତାମାନେ ସାମିଲ ହେବା, ୨୦୧୭ ପଞ୍ଚାୟତ ନିର୍ବାଚନରେ ବିଜେପିର ସଫଳତା, ବିରୋଧୀ ଦଳ ଭୂମିକାରେ ଅବତୀର୍ଣ୍ଣ ହେବା ଏବଂ ଗତ ନିର୍ବାଚନରେ ବିଜେପିର ଏକକ ସରକାର ହେବା ଉପରେ ଶ୍ରୀ ପ୍ରଧାନ ମତପ୍ରକାଶ କରିଥିଲେ । ସେ କହିଥିଲେ ଭାରତୀୟ ଜନସଙ୍ଘ କିମ୍ବା ଭାରତୀୟ ଜନତା ପାର୍ଟି କେବଳ ଏକ ସଂଗଠନ ନୁହେଁ ବରଂ ଏକ ବିଚାର ।



ବିଜେପି ଏକ ଆକ୍ସିଡେଣ୍ଟାଲ୍ ପାର୍ଟି ଭାବରେ ନୁହେଁ, ବରଂ ଅନେକ କାର୍ଯ୍ୟକର୍ତ୍ତାଙ୍କ ତ୍ୟାଗ ଓ ସମର୍ପଣ ବଳରେ ଏହା ବିଶ୍ୱର ସର୍ବବୃହତ ଦଳ ଭାବରେ ଅଭ୍ୟୁଦୟ ହୋଇଛି ଏବଂ ଜନଆଶୀର୍ବାଦରୁ ଓଡ଼ିଶାରେ ପ୍ରଥମ ଥର ପାଇଁ ଏକକ ସରକାର ଗଠନ କରିଛି । 'ଓଡ଼ିଆ ଅସ୍ମିତା' ଏକ ରାଜନୈତିକ ପ୍ରସଙ୍ଗ ନୁହେଁ ବରଂ ଏକ ସାଂସ୍କୃତିକ, ଅର୍ଥନୈତିକ ଆକାଂକ୍ଷା, ଗୋଟିଏ ସଭ୍ୟତାକୁ ପ୍ରତିଫଳିତ ଓ ପ୍ରବାହିତ କରିବା ତଥା ଭବିଷ୍ୟତକୁ ସୁରକ୍ଷିତ କରିବାର ଏକ ଅବଧାରଣା । ଗଣତନ୍ତ୍ରରେ ସମସ୍ତଙ୍କର ନିଜର ନିଜର ଦୃଷ୍ଟିକୋଣ ଓ ଆଭିମୁଖ୍ୟ ଅଛି, ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ । ତେବେ ବିଜେପି ଆକ୍ସିଡେଣ୍ଟାଲ୍ ଭାବେ ନୁହେଁ ବରଂ ନିରନ୍ତର ପ୍ରଚେଷ୍ଟା ପରେ ହିଁ ଓଡ଼ିଶାବାସୀଙ୍କ ଆସ୍ଥାଭାଜନ ହୋଇପାରିଥିବାରୁ ରାଜ୍ୟରେ ସରକାର ହୋଇଛି । ଆମେ ଯେତେବେଳେ ନ୍ୟୁ ଏଜ୍ ଇକୋନୋମୀ ଏବଂ ବୈଶ୍ୱିକ ସ୍ଥିତି କଥା କହୁଛୁ, ସେ ସମୟରେ ସେମିକଣ୍ଡକ୍ଟର ବିଶ୍ୱରେ ଏକ ବଡ଼ ପ୍ରସଙ୍ଗ ହୋଇଛି । ଖୁସିର ବିଷୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଓଡ଼ିଶାରେ ୨ଟି ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ ପ୍ରତିଷ୍ଠା କରିବା ପାଇଁ କ୍ୟାବିନେଟ୍ ଅନୁମୋଦନ ମିଳିଛି । ରାଜ୍ୟରେ ୬ ଲେନ୍ ବିଶିଷ୍ଟ କଣ୍ଟ୍ରୋଲଡ୍ ଗ୍ରୀନଫିଲ୍ଡ କ୍ୟାପିଟାଲ ରିଜିଅନ ରିଙ୍ଗ୍ ରୋଡ୍ ପ୍ରକଳ୍ପ ନିର୍ମାଣକୁ ମଧ୍ୟ ମଞ୍ଜୁର ମିଳିଛି । ଅପରପକ୍ଷରେ ଗତକାଲି ରାଜ୍ୟର ମୁଖ୍ୟମନ୍ତ୍ରୀ ଜାତୀୟ ଶିକ୍ଷାନୀତି ୨୦୨୦ ଅନୁସାରେ ସ୍କିମାଟିକ ପ୍ରାଥମିକ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଘୋଷଣା କରିଛନ୍ତି ।

# ମିଶିଯିବ ବିଏସ୍‌ଇ-ସିଏଚ୍‌ଏସ୍‌ଇ

**ଭୁବନେଶ୍ୱର :** ଏଣିକି ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେସନ୍ (ବିଏସ୍‌ଇ) ଏବଂ କାଉନସିଲ୍ ଅଫ୍ ସେକେଣ୍ଡାରି ଏଜୁକେସନ୍ (ସିଏଚ୍‌ଏସ୍‌ଇ)କୁ ଗୋଟିଏ ବୋର୍ଡ ଗଠନ ହେବ । ଗୋଟିଏ ବୋର୍ଡର ନିୟମ ଆଧାରରେ ରହିବେ ଅଧିକାରୀ । ମାଧ୍ୟମିକ ଶିକ୍ଷା ପରିଷଦ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ମିଳିତ ଗୋଟିଏ ବୋର୍ଡ ଗଠନ କରିବା ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର । ଏନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଗୋଟିଏ ବୋର୍ଡ ଗଠନ ହେଲେ ବୋର୍ଡ ନିୟମ ଆଧାରରେ କର୍ମଚାରୀ ରହିବେ । ନୂଆ ଶିକ୍ଷାନୀତି ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି । ଆବଶ୍ୟକତା ଅନୁସାରେ ଆଗକୁ ନିଷ୍ପତ୍ତି ନିଆଯିବ ଓ ଆଲୋଚନା ହେବ । କଟକରେ କି ଭୁବନେଶ୍ୱରରେ କାର୍ଯ୍ୟାଳୟ ହେବ ସେନେଇ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ସ୍କିମାଟିକ ପ୍ରାଥମିକ ଶିକ୍ଷକମାନଙ୍କୁ ନିୟମିତ କରାଯିବ । ଖାଲିଥିବା ଶିକ୍ଷକ ପଦବୀ ପୂରା ହେବ । ପ୍ରତିବର୍ଷ ୧୫ ହଜାର ଶିକ୍ଷକ ଓ ଆସନ୍ତା ୩ ବର୍ଷ ଭିତରେ ୪୪ ହଜାର ୪୩୩ ପଦବୀ ପୂରା କରିବାକୁ ମୁଖ୍ୟମନ୍ତ୍ରୀ ଆଲୋଚନା କରି ନିଷ୍ପତ୍ତି ନେଇଛନ୍ତି । ୪୫ ହଜାର ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଆଗକୁ ଶିଶୁ ସେବିକା ନିଯୁକ୍ତି ହେବେ । ସରକାରୀ ଓ ଆଡେଡ୍ ସ୍କୁଲରେ ନବମ ଓ ଦଶମ ଶ୍ରେଣୀପିଲାଙ୍କୁ ମାଗଣାରେ ମିଳିବ ବହି । ହଷ୍ଟେଲ ପିଲାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଚିନ୍ତା କରି ସରକାର ଗୁରୁତ୍ୱ ଦେଇ ୩୦୦ ପିଲାଙ୍କ ପାଇଁ ଜଣେ ଏଏନ୍‌ଏମ୍ ନିଯୁକ୍ତି ଦେବ ସ୍କୁଲ ଓ ଗଣଶିକ୍ଷା ବିଭାଗ । ଯେହେତୁ ମୁଖ୍ୟମନ୍ତ୍ରୀ ନିଜେ ଜଣେ ଶିକ୍ଷକ ଥିଲେ; ତେଣୁ ପ୍ରାଥମିକ ଶିକ୍ଷା ସୁଦୃଢ଼ କରିବାକୁ ପ୍ରଚେଷ୍ଟା କରୁଛନ୍ତି । ସମୟସୀମା ମଧ୍ୟରେ କାମ ହେବ, ଏନେଇ ଆମେ ତତ୍ପର ଅଛୁ ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି ।

# ଡ୍ରେନେଜ୍ ସମସ୍ୟାର ସମାଧାନ କରିବ ବିଏମ୍‌ସି

**ଭୁବନେଶ୍ୱର :** ଭୁବନେଶ୍ୱରରେ ଡ୍ରେନେଜ ମାଷ୍ଟର ପ୍ଲାନ ସମ୍ବନ୍ଧୀୟ ଏବଂ ଷ୍ଟର୍ମ ୱାଟର ମ୍ୟାନେଜମେଣ୍ଟକୁ ନେଇ ଏକ ସମୀକ୍ଷା ବୈଠକ ଆଜି ସନ୍ଧ୍ୟାରେ ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । କମିସନର ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରୁର୍କୀ ଆଇଆଇଟିର ପ୍ରଫେସର ଡି.ଏସ୍ ଆର୍ଯ୍ୟ, ସିଟି ଇଂଜିନିୟର ବିଳାସ କୁମାର ବେହେରା, ଉପଜିଲ୍ଲାପାଳ ଡକ୍ଟର ମନୋରଞ୍ଜନ ସାହୁଙ୍କ ସମେତ ସ୍ମାର୍ଟ ସିଟି, ବିଡିଏ, ଆଇଏମ୍ ଡି, ଓସଡମା, ଜଳ ସଂପଦ ବିଭାଗ, ରାଜସ୍ୱ ବିଭାଗ, ଇଡକୋ ଏବଂ ବିଏମ୍ ସି ସମେତ ଅନ୍ୟାନ୍ୟ ଇଂଜିନିୟର ଓ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଯୋଜନାର ଦୀର୍ଘ ମିଆଦି ଓ ସ୍ୱଳ୍ପ ମିଆଦି କାର୍ଯ୍ୟକାରିତାକୁ ଦୃଷ୍ଟିରେ ରଖି ଯୋଜନାର ରୂପାୟନ କରାଯିବ । ଜନସାଧାରଣଙ୍କର ସମସ୍ତ ପ୍ରକାର ସୁବିଧାକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରାଯିବ । ପ୍ରକଳ୍ପ ରୂପାୟନ ପାଇଁ ଆଇଆଇଟି



ରୁର୍କୀ ରୋଡ ମ୍ୟାପ୍ ପ୍ରସ୍ତୁତ କରିଛି । ସର୍ଭେ କାର୍ଯ୍ୟ ଆରମ୍ଭ କରିଛି । ରୁରୁକୀର ବୈଜ୍ଞାନିକମାନେ ଏହି ସର୍ଭେ କାର୍ଯ୍ୟ କରୁଛନ୍ତି । ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ଡାଟା ସଂଗ୍ରହ କରାଯାଉଛି । ଏହି ଡାଟାକୁ ସାର୍ବଜନୀନ କରାଯିବ । ସେମାନେ ଆରମ୍ଭ କରିଥିବା କାର୍ଯ୍ୟର ନିୟମିତ ସମୀକ୍ଷା କରାଯାଉଛି । ଆଜି ମଧ୍ୟ ଆଇଆଇଟି ରୁରୁକୀର ବୈଜ୍ଞାନିକମାନେ ସେମାନଙ୍କର ମଧ୍ୟବର୍ତ୍ତୀକାଳୀନ କାର୍ଯ୍ୟ ଅଗ୍ରଗତି ସଂପର୍କରେ ଆଲୋଚନା ହୋଇଥିଲା । ଏହି ସର୍ଭେ କାମ ଆସନ୍ତା ଡିସେମ୍ବର ସୁଦ୍ଧା ଶେଷ ହୋଇଯିବ ବୋଲି ଜଣାପଡ଼ିଛି ।

# ଡାବୁଗାଁ ଦୁର୍ଗାପୂଜା ପାଳନ ପାଇଁ ପ୍ରସ୍ତୁତି ବୈଠକ

**ନବରଙ୍ଗପୁର:** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ସଦର ମହକୁମା ସ୍ଥିତ ଦୁର୍ଗା ପୂଜା ମଣ୍ଡପ ନିକଟରେ ଗ୍ରାମର ଭଦ୍ର ବ୍ୟକ୍ତି ଜି. ସାଇ ରାଜୁଙ୍କ ସଭାପତିତ୍ୱରେ ଡାବୁଗାଁର ଜନସାଧାରଣ ମାନଙ୍କୁ ନେଇ ଦୁର୍ଗା ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ପୂଜାକୁ ଆକର୍ଷଣୀୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନେଇ ଆଲୋଚନା ହୋଇଥିଲା । ଦୀର୍ଘ ବର୍ଷରୁ ପାଳିତ ହୋଇ ଆସୁଥିବା ଏହି ପୂଜା ଗ୍ରାମର ସାମାଜିକ ଏକତାକୁ ମଜବୁତ କରିଆସୁଥିବା ବେଳେ ଆଡ଼ମ୍ବର ସହକାରେ ପାଳନ ନେଇ ମତ ପ୍ରକାଶ ପାଇଥିଲା । ଦୁର୍ଗାପୂଜା ପରିଚାଳନା ପାଇଁ ନୂତନ କମିଟି ଗଠନ କରାଯାଇଥିଲା । ସଭାପତି ଭାବେ ସୁରେନ୍ଦ୍ର କୁମାର ମିଶ୍ର, ଉପସଭାପତି ଦିବ୍ୟରଞ୍ଜନ ପାତ୍ର, ସମ୍ପାଦକ ସନ୍ତୋଷ ରାୟ ପାତ୍ର, ଯୁଗ୍ମସଂପାଦକ ଶୁଭ୍ରଜିତ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଭଗବାନ ପାତ୍ର, ଯୁଗ୍ମ କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ବେହେରାଙ୍କୁ ଚୟନ କରାଯାଇଥିଲା । ଦୁର୍ଗାପୂଜାର ସମସ୍ତ କାର୍ଯ୍ୟର ତଦାରଖ ପାଇଁ ଟୁକୁ ବିଶୋୟୀ ଓ ସୌଭାଗ୍ୟ ବିଶ୍ୱାଳଙ୍କୁ ଦାଇତ୍ୱ ଦିଆଯାଇଛି । ଏତଦ ବ୍ୟତୀତ ଚଳିତ ବର୍ଷର ପୂଜା ନିମନ୍ତେ ଉପଦେଷ୍ଟା ଭାବରେ ଜି. ସାଇ ରାଜୁ, ପ୍ରକାଶ ଚନ୍ଦ୍ର ପଣ୍ଡା, କୈଳାଶ ଚନ୍ଦ୍ର ବିଶୋୟୀ, ସୂର୍ଯ୍ୟ ନାରାୟଣ ସୁବୁଦ୍ଧି, ଗୁପ୍ତ ବିଷୋୟୀ, ରାଜେଶ ଅଗ୍ରୱାଲ, ବାବି ଜେନା, କୈଳାସ ବିଷୋୟୀ, ଜଗନାଥ ରେଲି, ଆର. ଶଙ୍କର ରାଓ, ସଦାନନ୍ଦ ନାୟକ, ହିରଣ୍ୟ ମାଝୀ, କୈଳାଶ ସିଂ ଲାଲ,



ଗୋପାଳକୃଷ୍ଣ ରାଓ, ଜି ଶଙ୍କର ରାଓ ମନୋଜ କୁମାର ପାତ୍ର, ଟି. ଜଗନ୍ନୁ ବାବୁ, ବୁଲୁ ରାୟ, ତାତା ରାଓ, ବିକାଶ ରଞ୍ଜନ ନିଶଙ୍କଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା । ବୈଠକରେ ବହୁ ଗ୍ରାମବାସୀଙ୍କ ସହ ବହୁ ଯୁବଗୋଷ୍ଠୀ ଉପସ୍ଥିତ ଥିଲେ । ସ୍ଥାୟୀ ମଣ୍ଡପ ନିମନ୍ତେ ଶ୍ରଦ୍ଧାଳୁ ଭକ୍ତବୃନ୍ଦ ସ୍ୱଇଚ୍ଛାରେ ଇଟା, ସିମେଣ୍ଟ, ରଡ୍, ଚିପିସ୍ ଓ ଅର୍ଥ ଦେଇଥିବା ବେଳେ ମଣ୍ଡପ କାର୍ଯ୍ୟ ଚାଲୁ ରହିଛି । ପୂଜା ପୂର୍ବରୁ ସ୍ଥାୟୀ ମଣ୍ଡପ ନିର୍ମାଣ ହୋଇ ସେଠାରେ ପୂଜା ହେବ, ସେଥିପାଇଁ ଯେଉଁ ଭକ୍ତବୃନ୍ଦ ଆର୍ଥିକ ସାହାଯ୍ୟ ଦେଇ ପାରିବେ, ସଭାପତି ସୁରେନ୍ଦ୍ର କୁମାର ମିଶ୍ର ଓ କମିଟି ସହ ଯୋଗାଯୋଗ କରି ସହଯୋଗର ହାତ ବଢ଼ାଇ ମା' ଦୁର୍ଗାଙ୍କ ଆଶିଷ ଲାଭ କରିପାରିବେ । ଶେଷରେ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେଇ ଛାତ ପଡ଼ିବା ଦିନ ଉପସ୍ଥିତ ରହିବା ପାଇଁ ଅନୁରୋଧ କରିଥିଲେ ଓ ସଭା ସାଙ୍ଗ କରିଥିଲେ ।





# ଭାଇଚାରାର ପର୍ବ ନୂଆଁଖାଇ

ପ୍ରେମାନନ୍ଦ ପାଣିଗ୍ରାହୀ

ପଶ୍ଚିମ ଓଡିଶାର କୃଷିଭିତ୍ତିକ ମହାନ ଗଣପର୍ବ ନୂଆଁଖାଇ। ଏଥିପାଇଁ ସଜେଇ ହୋଇଛି ଦିଅଁଦେଉଳ ପୀଠ ଓ ଘରଦ୍ୱାର। ଦେଶବିଦେଶରେ ରହୁଥିବା ଲୋକ ଗାଁ ଓ ସହରକୁ ଫେରିଛନ୍ତି। ଜ୍ଞାତିକୁଟୁମ୍ବ ଓ ସାହିପଡିଶାଙ୍କ ସହ ମିଶି ନୂଆଁଖାଇ ପାଳନ ପାଇଁ ସମସ୍ତଙ୍କ ମନରେ ଉତ୍ସୁକତା। କେଉଁ ଆବହମାନ କାଳରୁ ପଶ୍ଚିମ ଓଡିଶାରେ ନୂଆଁଖାଇ ପାଳିତ ହୋଇଆସୁଛି। ଏହାକୁ ପ୍ରଥମ ଅନ୍ନର ପର୍ବ କୁହାଯାଏ। ଶସ୍ୟ ପୂଜା ଆଜିର ସଂସ୍କୃତି ନୁହେଁ, ଏହା ହରପ୍ପା ଓ ମହେଞ୍ଜୋଦାର ସଂସ୍କୃତିର ଏକ ନିଦର୍ଶନ। ପଶ୍ଚିମ ଓଡିଶାରେ ପାଳନ କରାଯାଉଥିବା ବିଭିନ୍ନ ଅନ୍ନପର୍ବ ଅଥବା କୃଷିଭିତ୍ତିକ ପର୍ବ ମଧ୍ୟରୁ ନୂଆଁଖାଇ ସବୁଠାରୁ ବଡ ପର୍ବ। ପଶ୍ଚିମ ଓଡିଶାର ବିଭିନ୍ନ ଯାନିଯାତ୍ରା ଠାରୁ ନୂଆଁଖାଇର ସ୍ୱତନ୍ତ୍ରତା ଭିନ୍ନ। କୃଷିଭିତ୍ତିକ ପର୍ବ ହୋଇଥିବାରୁ ଗୃହପାଳିତ ପ୍ରାଣି,ଚାଷ ସରଞ୍ଜାମକୁ ମଧ୍ୟ ପୂଜା କରାଯାଏ। ଏହା ସୂଚାଇ ଦିଏ କୃଷି ଏକ ବ୍ୟବସାୟ ନୁହେଁ,ଏହା ଓଡିଶାର ସଂସ୍କୃତି। ସମ୍ବଲପୁର, ବରଗଡ, ସୋନପୁର, ବଲାଙ୍ଗୀର, କଳାହାଣ୍ଡି, ଝାରସୁଗୁଡା, ଦେବଗଡ, ସୁନ୍ଦରଗଡ, ଦେବଗଡ, ନୂଆପଡା ଆଦି ୧୦ଟି ଜିଲ୍ଲାରେ ଗଣପର୍ବ ନୂଆଁଖାଇ ଉତ୍ସାହ ଉଦ୍ଦିପନାର ସହ ପାଳିତ ହୋଇଥାଏ। ଏଥିପାଇଁ ସବୁଠି ଉତ୍ସବର ବାତାବରଣ। ଆବାଳ ବୃଦ୍ଧ ବନିତା ନୂଆ ଉନ୍ମାଦନାରେ ନାଚି ଉଠନ୍ତି। ଖିରିପୁରିର ସୁଗନ୍ଧରେ ସହର ଠୁ ଗାଁ ଗଣ୍ଡା ମହକି ଉଠିଛି।

ପଶ୍ଚିମ ଓଡିଶାର କୃଷିଭିତ୍ତିକ ମହାନ ଗଣପର୍ବ ନୂଆଁଖାଇ। ଏଥିପାଇଁ ସଜେଇ ହୋଇଛି ଦିଅଁଦେଉଳ ପୀଠ ଓ ଘରଦ୍ୱାର। ଦେଶବିଦେଶରେ ରହୁଥିବା ଲୋକ ଗାଁ ଓ ସହରକୁ ଫେରିଛନ୍ତି। ଜ୍ଞାତିକୁଟୁମ୍ବ ଓ ସାହିପଡିଶାଙ୍କ ସହ ମିଶି ନୂଆଁଖାଇ ପାଳନ ପାଇଁ ସମସ୍ତଙ୍କ ମନରେ ଉତ୍ସୁକତା। କେଉଁ ଆବହମାନ କାଳରୁ ପଶ୍ଚିମ ଓଡିଶାରେ ନୂଆଁଖାଇ ପାଳିତ ହୋଇଆସୁଛି। ଏହାକୁ ପ୍ରଥମ ଅନ୍ନର ପର୍ବ କୁହାଯାଏ। ଶସ୍ୟ ପୂଜା ଆଜିର ସଂସ୍କୃତି ନୁହେଁ, ଏହା ହରପ୍ପା ଓ ମହେଞ୍ଜୋଦାର ସଂସ୍କୃତିର ଏକ ନିଦର୍ଶନ। ପଶ୍ଚିମ ଓଡିଶାରେ ପାଳନ କରାଯାଉଥିବା ବିଭିନ୍ନ ଅନ୍ନପର୍ବ ଅଥବା କୃଷିଭିତ୍ତିକ ପର୍ବ ମଧ୍ୟରୁ ନୂଆଁଖାଇ ସବୁଠାରୁ ବଡ ପର୍ବ।

କୃଷି ହିଁ ମଣିଷର ଜୀବନ। କୃଷି ବିନା ଜୀବନ ସମ୍ଭବ ନୁହେଁ। ପ୍ରାଣୀର ଜୀବନ ଧାରଣ ପାଇଁ ଅନ୍ନ ଅନିବାର୍ଯ୍ୟ । ତେଣୁ ଉପନିଷଦରେ କୁହାଯାଇଛି ଅନ୍ନଂ ବ୍ରହ୍ମେତି ବ୍ୟଜନାତ। ଅର୍ଥାତ ଅନ୍ନର ଅନ୍ୟ ନାମ ହେଉଛି ବ୍ରହ୍ମ। ଅନ୍ନ ଭବନ୍ତି ଭୂତାନି...ଅର୍ଥାତ ଅନ୍ନ ଯୋଗୁଁ ସମସ୍ତ ପ୍ରାଣୀ ଜୀବନ ଧାରଣ କରନ୍ତି। ଅନ୍ନ ଲକ୍ଷ୍ମୀଙ୍କ ଦୟାରୁ ପ୍ରାପ୍ତ ହୋଇଥାଏ । ଶୁଦ୍ଧ ଅନ୍ନ ମନକୁ ଶାନ୍ତ ତଥା ପବିତ୍ର କରିଥାଏ । ତେଣୁ ଅନ୍ନକୁ ନେଇ ଓଡିଶାରେ ପାଳନ ହୁଏ ଅନେକ ପର୍ବପର୍ବାଣୀ। ଧାନରୁ ଅନ୍ନର ସୃଷ୍ଟି । ଅନ୍ନ ହିଁ ଭଗବାନ। ତେଣୁ କବି ଗଙ୍ଗାଧର ମେହେର କହିଛନ୍ତି- ଅନ୍ନ ଘେନି ରହିଛି ଅଖିଳ ସଂସାର,ଅନ୍ନ ବିନା ଜଗତେ ଉଠେ ହାହାକାର।

ପଶ୍ଚିମ ଓଡିଶାର ପ୍ରସିଦ୍ଧ ଏହି କୃଷିଭିତ୍ତିକ ପର୍ବ ନୂଆଁଖାଇ ପାଇଁ ପ୍ରଥମେ ମା ସମଲେଶ୍ୱରୀଙ୍କ ଲଗ୍ନ ଧାର୍ଯ୍ୟ କରାଯାଏ। ଝାଡୁଆପଡା ସ୍ଥିତ ବ୍ରହ୍ମପୁରା ମନ୍ଦିରରେ ପଣ୍ଡିତ ମହାସଭା ବସି ଲଗ୍ନ ସ୍ଥିର କରନ୍ତି। ଋଷି ପଞ୍ଚମୀ ପରି ଏକ ପବିତ୍ର ଦିନର ଶୁଭ ଲଗ୍ନରେ ନୂଆ ଖାଇଲେ ସୁଖ,ସମୃଦ୍ଧି ମିଳିଥାଏ ବୋଲି ବିଶ୍ୱାସ ରହିଛି। ସମ୍ବଲପୁର, ବରଗଡ, ଝାରସୁଗୁଡାରେ ମା ସମଲେଶ୍ୱରୀ ପାଟଣାରେ ପାଟଣେଶ୍ୱରୀ, ବଲାଙ୍ଗୀରରେ ମା ସମଲେଶ୍ୱରୀ ଓ ପାଟଣେଶ୍ୱରୀ, ସୁବର୍ଣ୍ଣପୁରରେ ମା ସୁରେଶ୍ୱରୀଙ୍କ ସହ କଳାହାଣ୍ଡି ଓ ନୂଆପଡା ଜିଲ୍ଲାରେ ସ୍ଥାନୀୟ ଗ୍ରାମଦେବୀ ତଥା ଅଞ୍ଚଳର ଇଷ୍ଟଦେବୀଙ୍କୁ ନିର୍ଦ୍ଧାରିତ ଲଗ୍ନରେ ନବାନ୍ନ ଅର୍ପଣ କରାଯାଏ। କାହିଁ କେଉଁ ଆବାହମାନ କାଳରୁ ପରମ୍ପରା ଅନୁଯାୟୀ ମାସମଲେଶ୍ୱରୀଙ୍କ ଲଗ୍ନରେ ପଶ୍ଚିମ ଓଡିଶାର ୧୦ଟି ଜିଲ୍ଲାର ପ୍ରାୟ ଦେଢ କୋଟି ଲୋକ ନୂଆ ଖାଇଥାନ୍ତି। ପ୍ରଚଳିତ ପରମ୍ପରା ଅନୁଯାୟୀ ନୂଆ ସରିଆ ଧାନରୁ ପ୍ରସ୍ତୁତ ହୁଏ ନୂଆ ଚୁଡା। ନୂଆଁଖାଇରେ ନୂଆ ଚାଉଳ, ନୂଆ ବସ୍ତ୍ର ସାଙ୍ଗକୁ ନୂଆ ପତ୍ରର ବ୍ୟବହାର କରାଯାଏ। ପ୍ରତ୍ୟେକ ଘର ବିଭିନ୍ନ ପ୍ରକାର ବ୍ୟଞ୍ଜନ ଯଥା ଆମ୍ବିଳ, ସାରୁ ଶାଗ, ପିଠା ପ୍ରସ୍ତୁତ କରନ୍ତି । ସମ୍ବଲପୁରର ଇଷ୍ଟଦେବୀ ମାସମଲେଇଙ୍କୁ ସମ୍ବଲପୁରୀ ପାଟ ବସ୍ତ୍ର ଓ ସୁନା ରୌପ୍ୟ ଅଳଙ୍କାରରେ ବିଭୂଷିତ କରାଯାଏ। ନୂଆ ଚାଉଳ, ଗାଇଘିଅ ଓ ଗୁଡରେ ପ୍ରସ୍ତୁତ ନବାନ୍ନ ଭୋଗ ମାଙ୍କ ଠାରେ ଓ ୧୧୫ ପାର୍ଶ୍ୱ ଦେବଦେବୀଙ୍କୁ ଅର୍ପଣ କରାଯାଏ। ମା ସମଲେଶ୍ୱରୀଙ୍କ ଠାରେ ନବାନ୍ନ ଲାଗି ପରେ ପ୍ରତ୍ୟେକ ନିଜ ଘରେ ଇଷ୍ଟଦେବୀଙ୍କୁ ନବାନ୍ନ ଭୋଗ ଅର୍ପଣ କରନ୍ତି। ସେହିପରି ମା ସମଲେଶ୍ୱରୀଙ୍କ ଲଗ୍ନରେ ଛତିଶଗଡ ଓ ଝାଡଖଣ୍ଡର ଅନେକ ଲୋକ ମଧ୍ୟ ନୂଆଁଖାଇବାର ପରମ୍ପରା ରହିଛି। ନୂଆଁଖାଇର କିଛି ଦିନ ପୂର୍ବରୁ ମହିଳାମାନେ ଘରଅଗଣା ଲିପାପୋଛା କରିବା ସହ ଘରକରଣା ସାମଗ୍ରୀକୁ ଧୂଆମଜା କରନ୍ତି। ନୂଆ ଧାନ, ମାଟି ଚୁଲି, ମାଟି ପାତ୍ର, ବାଉଁଶ ଟୋକେଇ, ଶାଳ-କୁରେଇ ପତ୍ର,ସାରୁ ଶାଗ ଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀ ଯୋଗାଡ କରନ୍ତି। ପଶ୍ଚିମ ଓଡିଶାର ପରିଚୟ ହେଉଛି ସମ୍ବଲପୁରୀ ବସ୍ତ୍ର। ଏଣୁ ନୂଆଁଖାଇ ଭଳି ପର୍ବରେ ପରିବାରର ସମସ୍ତଙ୍କ ପାଇଁ ନୂତନ ସମ୍ବଲପୁରୀ ବସ୍ତ୍ର କରାଯାଏ। ପ୍ରଚଳିତ ପରମ୍ପରା ଅନୁସାରେ ନୂଆଁଖାଇ ଦିନ ପଶ୍ଚିମ ଓଡିଶାର ଆରାଧ୍ୟ ଦେବୀ ମା ସମଲେଶ୍ୱରୀଙ୍କ ଠାରେ ନବାନ୍ନ ଭୋଗ ଅର୍ପଣ ହେବା ପରେ ସାଧାରଣ ଲୋକେ ନିଜ ନିଜର ଇଷ୍ଟ ଦେବୀଙ୍କୁ ନବାନ୍ନ ସମର୍ପଣ କରନ୍ତି ଓ ସପରିବାର ଗୋଟିଏ ସ୍ଥାନରେ ବସି ଏହାକୁ ସେବନ କରନ୍ତି। ଗୁହାଳ ପୂଜା ଠାରୁ ଆରମ୍ଭ କରି କ୍ଷେତ ପୂଜା ଓ ପତରରେ ନୂଆ ଖାଇବା ସମସ୍ତଙ୍କ ମନରେ ଅପୂର୍ବ ପୁଲକ ଭରି ଦେଇଥାଏ। ତେବେ ବିଭିନ୍ନ ଜାତିର ଲୋକେ ଅଲଗା ଅଲଗା ଗଛର ପତ୍ରରେ ଇଷ୍ଟଦେବୀଙ୍କୁ ଭୋଗ ଲଗାଇବା ସହ ନିଜେ ପ୍ରସାଦ ସେବନ କରିଥାନ୍ତି। କିଏ କୁରେଇ ପତ୍ରରେ ତ କିଏ ଶାଳ, କଦଳୀ, ମହୁଲ, ରଙ୍ଗାଲ ପତ୍ରରେ ଚୁରାକୁଣ୍ଡା କରି ଇଷ୍ଟଦେବୀଙ୍କୁ ନୈବେଦ୍ୟ ଅର୍ପଣ କରିଥାନ୍ତି। ବ୍ରାହ୍ମଣ, ଗୋପାଳ, କୈବର୍ତ୍ତ ଜାତିର ଲୋକେ କୁରେଇ ପତ୍ରରେ, ଡମ୍ବାଳ ଜାତିର ଲୋକେ ଭାଲିଆ ପତ୍ରରେ, ଚଷା ଜାତିର ଲୋକେ ସରଗୀ ପତ୍ରରେ, ଭୁଲିଆ ଜାତିର ଲୋକେ ମହୁଲ ପତ୍ର ବ୍ୟବହାର କରିଥାନ୍ତି। ପ୍ରସାଦ ସେବନ ପରେ କନିଷ୍ଠମାନେ ବୟୋଜ୍ୟେଷ୍ଠମାନଙ୍କୁ ଭୂମିଷ୍ଠ ପ୍ରଣାମ କରିଥାନ୍ତି। ଏହାକୁ ନୂଆଁଖାଇ ଜୁହାର କୁହାଯାଏ। ଜ୍ୟେଷ୍ଠମାନେ କନିଷ୍ଠମାନଙ୍କୁ ଆଶୀର୍ବାଦ ପୂର୍ବକ ମଙ୍ଗଳ କାମନା କରିଥାନ୍ତି। ନବାହ୍ନ ଭକ୍ଷଣ କରିବା ପରେ ସାଇପଡିଶାଙ୍କ ମଧ୍ୟରେ ଶୁଭେଚ୍ଛା ଆଦାନ ପ୍ରଦାନ ହୁଏ। ସନ୍ଧ୍ୟାରେ ବିଭିନ୍ନ ସ୍ଥାନରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ପ୍ରତ୍ୟେକ ଭେଟଘାଟରେ ଆକର୍ଷଣୀୟ ଲୋକନୃତ୍ୟ ଓ ଲୋକଗୀତ କାର୍ଯ୍ୟକ୍ରମ ଆୟୋଜନ ହୁଏ। ନୂଆଁଖାଇ ଏବେ ପଶ୍ଚିମ ଓଡିଶାର ପରିସୀମା ଡେଇଁ ବିଦେଶ ମାଟିରେ ପହଞ୍ଚିଲାଣି। ପଶ୍ଚିମ ଓଡିଶାର କଳା, ସଂସ୍କୃତି, ଭାଷା, ପରମ୍ପରା, ଚାଲିଚଳନ ଏବଂ ସର୍ବୋପରି ଭାବାବେଗ ପରିସ୍ଫୁଟ ହୁଏ ଏହି କୃଷିଭିତ୍ତିକ ପର୍ବରେ। ପୂର୍ବରୁ ନୂଆଁଖାଇ ପର୍ବ ପଶ୍ଚିମ ଓଡିଶାର ବିଭିନ୍ନ ଜିଲ୍ଲାରେ ଭାଦ୍ରବ ମାସର ଭିନ୍ନଭିନ୍ନ ଦିବସରେ ପାଳନ କରାଯାଉଥିଲା। ଏହି ଗଣପର୍ବକୁ ସାର୍ବଜନୀନ କରିବା ପାଇଁ ସମ୍ବଲପୁରର ଓଡିଆ ସାଂସ୍କୃତିକ ସମାଜ ସହିତ ଅନ୍ୟ କେତେକ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନର ଉଦ୍ୟମ କ୍ରମେ ଭାଦ୍ରବ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ନୂଆଁଖାଇ ପର୍ବ ୧୯୯୨ ମସିହାରୁ ପାଳନ କରାଗଲା ଓ ଓଡିଶା ସରକାରଙ୍କ ପକ୍ଷରୁ ଏହି ଦିନଟିକୁ ଛୁଟି ଘୋଷଣା କରାଗଲା ।









ଭୁଷଳ,ଭୁବନ,ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

## କଟକରେ ୨୨୧ ବିପଦଜନକ ଘର; ଭାଙ୍ଗିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ :** କଟକ ସହରରେ ୨୨୧ଟି ଘର ବାସ ପାଇଁ ବିପଦଜନକ ଘୋଷଣା କରାଯାଇଛି। ଏହି ଅଟ୍ଟାଳିକାଗୁଡ଼ିକରେ ଅନେକର କାନ୍ଥରୁ ପ୍ଲାଷ୍ଟର ଖସୁଛି ଓ ଛାତ ଦୁର୍ବଳ ହୋଇପଡ଼ିଛି, ଯାହା ବାସିନ୍ଦାଙ୍କ ପାଇଁ ଗୁରୁତର ବିପଦ ସୃଷ୍ଟି କରୁଛି। ଜିଲ୍ଲା ପ୍ରଶାସନ ଓଡ଼ିଶା ହାଇକୋର୍ଟଙ୍କୁ ଏହି ବିପଦଜନକ ଘର ସମ୍ପର୍କରେ ସୂଚନା ଦେଇଛି ଏବଂ ସମ୍ପୃକ୍ତ ପକ୍ଷମାନଙ୍କୁ ନୋଟିସ ଜାରି କରିଛି। ଏହା ମଧ୍ୟରେ ୮ଟି ସରକାରୀ ଓ ୨ଟି ଘରୋଇ ସମ୍ପତ୍ତି ରହିଛି। ଆଇନ ଅନୁଯାୟୀ, ଏହି ଘରଗୁଡ଼ିକୁ ଖାଲି କରାଯାଇ ଭାଙ୍ଗି ଦିଆଯିବ। କଟକ ଜିଲ୍ଲାପାଳ କହିଛନ୍ତି, ୨୦୦ରୁ ଅଧିକ ଘର ଚିହ୍ନଟ ହୋଇଛି। ପ୍ରଥମେ ବିକାଶମୂଳକ କାର୍ଯ୍ୟ ଚାଲୁଥିବା ସ୍ଥାନ ଓ ଗୁରୁତର ଜର୍ଜରିତ ଘରଗୁଡ଼ିକ ଭାଙ୍ଗିବାକୁ ପ୍ରାଥମିକତା ଦିଆଯିବ। ପର୍ଯ୍ୟାୟକ୍ରମେ ସମସ୍ତ ଘର ଭାଙ୍ଗାଯିବ। ଏପର୍ଯ୍ୟନ୍ତ ୧୫ଟି ଅପରାଧିକ ମାମଲା ରୁଜୁ ହୋଇଛି, କିନ୍ତୁ ମାତ୍ର ଦୁଇଟି ଅନୁଷ୍ଠାନ ନୋଟିସର ଜବାବ ଦେଇଛନ୍ତି। ବଡ଼ମ୍ବାଡ଼ି ନୂଆ ଏଲଆଇସି କଲୋନୀରେ ୭୨ଟି ବିପଦଜନକ



କ୍ୱାର୍ଟର ଖାଲି କରାଯାଇଥିବା ବାଣିଜ୍ୟ କର ଓ ଜିଏସଟି ବିଭାଗ ଜଣାଇଛି। ଆରଏଣ୍ଡବି ବିଭାଗକୁ ଭାଙ୍ଗିବା ପାଇଁ ଆକଳନ ପ୍ରସ୍ତୁତ କରିବାକୁ କୁହାଯାଇଛି। ବଡ଼ମ୍ବାଡ଼ି ହାଇକୋର୍ଟ କଲୋନୀରେ ୪ଟି ବିପଦଜନକ କ୍ୱାର୍ଟର ସମ୍ପର୍କରେ ସ୍ଥିତି ରିପୋର୍ଟ ମଗାଯାଇଛି। ନୋଟିସ ସତ୍ତ୍ୱେ, ଅନେକ ବିପଦଜନକ ଘରେ ଲୋକେ ଏବେ ବି ରହୁଛନ୍ତି। କେହି ଖାଲି କରିଥିବା ବେଳେ ଅନେକେ ଶୀଘ୍ର ଛାଡ଼ିବେ ବୋଲି କହୁଛନ୍ତି। ସ୍ଥାନୀୟ ଲୋକେ ତୁରନ୍ତ ଭାଙ୍ଗିବା ପାଇଁ ଦାବି କରିଛନ୍ତି, କାରଣ ଏହା ନିକଟସ୍ଥ ରାସ୍ତା ଓ ବିଦ୍ୟାଳୟ ପାଇଁ ବିପଦର କାରଣ ହୋଇପାରେ।

### ନୂଆଦିଲ୍ଲୀରେ ଓଡିଶା ଭବନ ନିର୍ମାଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

## ଭବନରେ ରହିବ ଓଡିଆ ଐତିହ୍ୟର ଝଲକ

**ଭୁବନେଶ୍ୱର :** ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀର ନୂତନ ଓଡିଶା ଭବନ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଛନ୍ତି। ନୂଆଦିଲ୍ଲୀର ଚାଣକ୍ୟପୁରୀ ଅଞ୍ଚଳରେ ଏହି ଭବନର ପୁନଃନିର୍ମାଣ କରାଯାଉଛି। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଦେଶର ରାଜଧାନୀ ନୂଆଦିଲ୍ଲୀରେ ନିର୍ମିତ ହେବାକୁ ଥିବା ଏହି ନୂଆ ଭବନରେ ଓଡିଶାର ସମୃଦ୍ଧ ପ୍ରସ୍ତର କାରୁକାର୍ଯ୍ୟ, ସମ୍ବଲପୁରୀ ଇକତ, ଓଡିଆ ପରମ୍ପରା ଓ ସଂସ୍କୃତିର ଝଲକ ପ୍ରତିଫଳିତ କରିବା ପାଇଁ ଆର୍କିଟେକ୍ଟଙ୍କୁ ପରାମର୍ଶ ଦେଇଥିଲେ। ଏହି ନିର୍ମାଣ ପ୍ରକ୍ରିୟା ଯଥାଶୀଘ୍ର ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ବୈଠକରେ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରୁ ଜଣାଯାଇଛି ଯେ,



ସମୁଦାୟ ୪,୭୬୧ ବର୍ଗ ମିଟର ନିର୍ମାଣ ଅଞ୍ଚଳରେ ଏହି ଏ+୬ ଭବନ ନିର୍ମାଣ କରାଯିବ ଏବଂ ଏଥିରେ ସମୁଦାୟ ୪୫ଟି ବିଭିନ୍ନ ବର୍ଗର ସୁଇଟ୍ ଉପଲବ୍ଧ ହେବ। ଭବନରେ ଏକ ସମ୍ମିଳନୀ କକ୍ଷର ମଧ୍ୟ ବ୍ୟବସ୍ଥା କରାଯାଇଛି। ସେହିଭଳି ମୁମ୍ବାଇକୁ ଯେହେତୁ ଓଡିଶାରୁ ଅଧିକ ସଂଖ୍ୟକ କ୍ୟାନସର ରୋଗୀ ଚିକିତ୍ସିତ ହେବାକୁ ଯାଉଛନ୍ତି, ତେଣୁ ମୁମ୍ବାଇ ଓଡିଶା ଭବନରେ ଅଧିକ କୋଠରୀ ବ୍ୟବସ୍ଥା କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥି ସହିତ ଓଡିଶାରୁ ଅଯୋଧ୍ୟାକୁ ଅଧିକ ସଂଖ୍ୟକ ଭକ୍ତ ଓ ଦର୍ଶାଳୁ ଯାଉଥିବାରୁ ଏବଂ ହାଇଦ୍ରାବାଦ ଓ ସୁରଟରେ ବହୁଳ ଭାବେ ଓଡିଆ ଲୋକ ରହୁଥିବାରୁ ଅଯୋଧ୍ୟା, ହାଇଦ୍ରାବାଦ ଓ ସୁରଟରେ ଓଡିଶା ଭବନ ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ କୋଲକତା ଉତ୍କଳ ଭବନର ମରାମତି ଓ ନବୀକରଣ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର ଓ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

### କେନ୍ଦ୍ର କୃଷି ମନ୍ତ୍ରୀଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନାର ସମୀକ୍ଷା

## ଓଡିଶା ସର୍ବୋତ୍ତମ ପ୍ରଦର୍ଶନକାରୀ ରାଜ୍ୟ

**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନା ୨.୦ ର ଜଳବିଭାଜିକା ଅଧୀନରେ ପାଣି ବ୍ୟବହାରରେ ଓଡ଼ିଶା ସର୍ବୋତ୍ତମ ପ୍ରଦର୍ଶନକାରୀ ରାଜ୍ୟ ହୋଇଛି। ଆଜି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ, ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଦେଶର ସମସ୍ତ ରାଜ୍ୟ ଏବଂ ଜାମ୍ମୁ କାଶ୍ମୀର, ଲଦାଖ କେନ୍ଦ୍ରଶାସିତ ପ୍ରଦେଶର ଜଳବିଭାଜିକା-ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନା ୨.୦ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଅନୁମୋଦିତ ପାଣିର ୮୩% ବ୍ୟବହାର କରି ଓଡ଼ିଶା ସାରା ଦେଶରେ ପ୍ରଥମ ସ୍ଥାନରେ ରହିଅଛି। ଏହି ପ୍ରକଳ୍ପର ଅବଧି ୨୦୨୧-୨୨ ଆର୍ଥିକ ବର୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ରହିଥିବା ବେଳେ ମୋଟ ପ୍ରକଳ୍ପ ବ୍ୟୟ



୭୫୯.୨୭ କୋଟି ଟଙ୍କା ଏବଂ ଏଥିରେ କେନ୍ଦ୍ର ଏବଂ ରାଜ୍ୟ ଅଂଶ ୬୦:୪୦ ରହିଛି। ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସମୀକ୍ଷା ସମୟରେ ମାନ୍ୟବର କେନ୍ଦ୍ର ମନ୍ତ୍ରୀଙ୍କୁ ଓଡ଼ିଶା ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। ମାନ୍ୟବର କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଡବ୍ଲ୍ୟୁଡିସି-ପିଏମ୍‌କେଏସ୍‌ୱାଇ ୨.୦ ଅଧୀନରେ ଆବଣ୍ଟିତ ପାଣିର ସର୍ବୋତ୍ତମ ବ୍ୟବହାର ପାଇଁ ଓଡ଼ିଶା ସରକାରଙ୍କୁ ପ୍ରଶଂସା କରିଥିଲେ। ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଏହା ମଧ୍ୟ ଆଲୋକପାତ କରିଥିଲେ ଯେ, ୨୦୨୫-୨୬ ଆର୍ଥିକ ବର୍ଷରେ ଡବ୍ଲ୍ୟୁଡିସି-ପିଏମ୍‌କେଏସ୍‌ୱାଇ ୨.୦ ଅଧୀନରେ ୭ଟି ଅତିରିକ୍ତ ପ୍ରକଳ୍ପ ମଞ୍ଜୁର କରାଯାଇଛି ଯାହାର ମୋଟ ପ୍ରକଳ୍ପ ବ୍ୟୟ ୮୨.୧୦ କୋଟି ଟଙ୍କା ହେବ ଏବଂ ଏହା ଦ୍ୱାରା ସମନ୍ୱିତ ଜଳଛାୟା ପରିଚାଳନା ମାଧ୍ୟମରେ ଜମିର ଉତ୍ପାଦନ କ୍ଷମତା ବୃଦ୍ଧି କରାଯାଇପାରିବ। ମାନ୍ୟବର ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, କୃଷି ଓ କୃଷକ ସଶକ୍ତିକରଣ ପ୍ରମୁଖ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ, ମୃତ୍ତିକା ସଂରକ୍ଷଣ ଏବଂ ଜଳ ବିଭାଜିକା ପରିଚାଳନା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଭିଡିଓ କନଫରେନ୍ସିଂ ସମୟରେ ଉପସ୍ଥିତ ଥିଲେ।

## ଛାତ୍ର ସଂସଦ ନିର୍ବାଚନ : ଦ୍ୱନ୍ଦ୍ୱରେ ଉଚ୍ଚଶିକ୍ଷା ବିଭାଗ

**ଭୁବନେଶ୍ୱର :** ସାଧାରଣତଃ ଓଡ଼ିଶାରେ ଦୁର୍ଗାପୂଜା ପୂର୍ବରୁ ନିର୍ବାଚନ କରାଯିବାର ପରମ୍ପରା ଥିବାବେଳେ ଏଯାବତ୍ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ନପାଇବା ନେଇ ଆଶାୟୀ ପ୍ରାର୍ଥୀ ଓ ଛାତ୍ର ସଙ୍ଗଠନ ଗୁଡିକ ଚିନ୍ତାରେ ପଡିଛନ୍ତି। ବିଭାଗ ପକ୍ଷରୁ ୨୦୨୫- ୨୬ ଶିକ୍ଷାବର୍ଷର କ୍ୟାଲେଣ୍ଡର ମଧ୍ୟ ପ୍ରକାଶ କରାଯାଇନାହିଁ। ରାଜ୍ୟରେ ବିଜେପି ସରକାର ଆସିବା ପରେ ଛାତ୍ର ସଂସଦ ନିର୍ବାଚନ ହେବ ବୋଲି ଘୋଷଣା ହୋଇଥିଲା। ପୂର୍ବ ବର୍ଷ କେତେକ ସମସ୍ୟା ପାଇଁ ନିଷ୍ପତ୍ତି ଅଟକି ଥିଲା। ବିଜେଡି ଶାସନ କାଳରେ ପ୍ରଥମେ ବିଶୃଙ୍ଖଳା ଏବଂ ପରେ କରୋନାକୁ ଆଳ କରି ଛାତ୍ର ସଂସଦ ନିର୍ବାଚନ ବନ୍ଦ ରଖାଯାଇଥିଲା। ୨୦୧୮ରେ 'ଘୂର୍ଣ୍ଣିବାତ୍ୟା' ତିତିଲି ପାଇଁ ନିର୍ବାଚନ ବନ୍ଦ କରାଯାଇଥିଲା। ବିଜେଡି ଶାସନ କାଳରେ ୨୦୧୯ରୁ ୨୦୨୩ ପର୍ଯ୍ୟନ୍ତ କ୍ୟାମ୍ପସରେ ଛାତ୍ର ସଂସଦ ନିର୍ବାଚନ ହୋଇନି।




ବିଜେପି ସରକାରକୁ ଆସିବା ପରେ ୨୦୨୪ରେ ମଧ୍ୟ ଛାତ୍ର ସଂସଦ ନିର୍ବାଚନ ହୋଇ ନଥିଲା। ରାଜ୍ୟରେ ୨୦୧୮- ୧୯ ଶିକ୍ଷାବର୍ଷରୁ ପ୍ରାୟ ୭ ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଛି। ୨୦୨୫ରୁ ଛାତ୍ର ସଂସଦ ନିର୍ବାଚନ କରାଯିବ ବୋଲି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ କଟକର ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ରାଜ୍ୟ ଅଧିବେଶନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ନିର୍ବାଚନ ନେଇ ପୂର୍ବରୁ ଘୋଷଣା କରିଥିଲେ। ମାତ୍ର ଉଚ୍ଚଶିକ୍ଷା ବିଭାଗ ନିର୍ବାଚନ ନେଇ ବହୁବାର ଚର୍ଚ୍ଚା, ଆଲୋଚନା କରିଥିବା ବେଳେ କୌଣସି ନିଷ୍ପତ୍ତିରେ ପହଞ୍ଚି ପାରୁନଥିବା ଜଣାପଡିଛି। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକୁ ଅପେକ୍ଷା କରିରହିଛନ୍ତି। ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମାହୁତି ନେଇ କ୍ୟାମ୍ପସରେ ଉତ୍ତପ୍ତତା ବଢ଼ିଥିବା ବେଳେ ନିର୍ବାଚନ ପୂର୍ବରୁ କେତେକ ଶିକ୍ଷାନୁଷ୍ଠାନରେ ପ୍ରାକ ନିର୍ବାଚନୀ ହିଂସା ଦେଖାଦେଇଛି। ଜଗତସିଂହପୁର ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି ଦେଖାଦେଇଛି। ବରିଷ୍ଠ ଶିକ୍ଷାବିତ୍ ଡ. ମାନସ ବେହେରା କ୍ୟାମ୍ପସରେ ଶୈକ୍ଷିକ ପରିବେଶ ବଜାୟ ରଖି ନିର୍ବାଚନ କରାଯିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

## ନିର୍ମାଣ ହେବ ୮ଶହ ବାତ୍ୟା ଆଶ୍ରୟସ୍ଥଳୀ : ରାଜସ୍ୱ ମନ୍ତ୍ରୀ



**ଭୁବନେଶ୍ୱର :** ରାଜ୍ୟରେ ପ୍ରାୟ ୮ଶହ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଘୋଷଣା କରିଛନ୍ତି। ଦିଲ୍ଲୀ ଗସ୍ତ ବେଳେ ସେ କେନ୍ଦ୍ର ଗୃହ ମନ୍ତ୍ରୀଙ୍କୁ ଭେଟି ଏହି ଦାବି ଉଠାଇଛନ୍ତି। ମନ୍ତ୍ରୀ ପୂଜାରୀ କହିଛନ୍ତି ଯେ, ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଅଞ୍ଚଳରେ ସ୍କୁଲଗୁଡ଼ିକ ନିକଟରେ ଏହି ଆଶ୍ରୟସ୍ଥଳୀଗୁଡ଼ିକ ନିର୍ମାଣ ହେବ। ଏଗୁଡ଼ିକ ବହୁମୁଖୀ ହେବ, ଯାହା ବିପର୍ଯ୍ୟୟ ସମୟରେ ଆଶ୍ରୟ ପ୍ରଦାନ କରିବ ଏବଂ ଅନ୍ୟ ସମୟରେ ସାମାଜିକ କାର୍ଯ୍ୟ ପାଇଁ ବ୍ୟବହୃତ ହେବ। ଏହାଦ୍ୱାରା ଆଶ୍ରୟସ୍ଥଳୀଗୁଡ଼ିକ ଅବହେଳିତ ଅବସ୍ଥାରେ ରହିବ ନାହିଁ। ଏହି ଯୋଜନା ରାଜ୍ୟର ବିପର୍ଯ୍ୟୟ ପରିଚାଳନା କ୍ଷମତାକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

PLOT FOR SALE
MOUZA:BHOLA

N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

### ଓଡ଼ିଶାକୁ ମୋଦିଙ୍କ ବଡ ଭେଟି

## 'ଭୁବନେଶ୍ୱର ରିଙ୍ଗରୋଡ'କୁ କ୍ୟାବିନେଟ୍ ମଞ୍ଜୁରୀ

**ନୂଆଦିଲ୍ଲୀ :** ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଡ ଭେଟି। ଦୀର୍ଘଦିନର ଦାବିକୁ ପୂରଣ କରି କେନ୍ଦ୍ର କ୍ୟାବିନେଟ୍ ୮୩୦୭.୭୪କୋଟି ଟଙ୍କା ବ୍ୟୟରେ ୧୧୦.୮୭୫ କିମି ଲମ୍ବ ୬ଲେନ୍ ବିଶିଷ୍ଟ ଗ୍ରୀନ ଫିଲ୍ଡ ହାଇୱେ ପ୍ରକଳ୍ପ ନିର୍ମାଣକୁ ମଞ୍ଜୁରୀ ଦେଇଛନ୍ତି। ଏହା ଖୋର୍ଦ୍ଧାର ରାମେଶ୍ୱରରୁ ଚୌଦ୍ୱାରର ଟାଙ୍ଗୀ ପର୍ଯ୍ୟନ୍ତ ନିର୍ମାଣ ହେବ ଓ ଏହା ଭୁବନେଶ୍ୱର ରିଙ୍ଗରୋଡ୍ ବା ବାଇପାସ୍ ଭାବେ ପରିଚିତ ହେବ। ଏହି ପ୍ରକଳ୍ପକୁ କ୍ୟାବିନେଟର ଅନୁମୋଦନ ମିଳିବା ପରେ ପ୍ରଧାନମନ୍ତ୍ରୀ ମୋଦି ରାଜ୍ୟବାସୀ ବିଶେଷକରି ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଂଚଳର ଲୋକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହା ଭିଡ଼ କମାଇବା ସହ ସହଜ ଜୀବନଯାପନକୁ ପ୍ରୋତ୍ସାହିତ କରିବ ବୋଲି ପ୍ରଧାନମନ୍ତ୍ରୀ ମୋଦି ଟ୍ୱିଟ୍ କରି କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୀତିକ ବ୍ୟାପାର କ୍ୟାବିନେଟ୍ କମିଟି ବୈଠକରେ ଭୁବନେଶ୍ୱର ବାଇପାସ୍ ବା କ୍ୟାପିଟାଲ ରିଜିଅନ ରିଙ୍ଗ ରୋଡ(ସିଆରଆରଆର) ପ୍ରକଳ୍ପକୁ



ମଞ୍ଜୁରୀ ମିଳିଛି। ଏହି ରିଙ୍ଗ୍ ରୋଡ୍ ରାମେଶ୍ୱରଠାରୁ ଚୌଦ୍ୱାରର ଟାଙ୍ଗୀ ପର୍ଯ୍ୟନ୍ତ ନିର୍ମାଣ ହେବ, ଯାହା ଖୋର୍ଦ୍ଧା, ଭୁବନେଶ୍ୱର ଓ କଟକ ସହରର ଜନଗହଳିପୂର୍ଣ୍ଣ ରାସ୍ତାଗୁଡ଼ିକୁ ବାଇପାସ୍ କରି ଭାରି ବାଣିଜ୍ୟିକ ଯାନବାହାନର ଯାତାୟତ ଚାପ ହ୍ରାସ କରିବ। ଏହା ହାଇବ୍ରିଡ୍ ଆନୁଇଟି ମୋଡ୍ (ଏଚଏଏମ୍) ଅଧୀନରେ ନିର୍ମାଣ ହେବ। ଏହି ରିଙ୍ଗରୋଡ୍ କାର୍ଯ୍ୟକ୍ଷମ ହେଲେ ଟ୍ରାଫିକ ଜାମ୍ ହ୍ରାସ ପାଇବ, ମାଲ ପରିବହନର ଦକ୍ଷତା ବୃଦ୍ଧି ପାଇବ ଓ ଲଜିଷ୍ଟିକ୍ସ ଖର୍ଚ୍ଚ କମିବ। ଏହା ଓଡ଼ିଶା ତଥା ପୂର୍ବ ଭାରତର ଅନ୍ୟାନ୍ୟ ରାଜ୍ୟଗୁଡ଼ିକରେ ସାମାଜିକ-ଅର୍ଥନୈତିକ ବିକାଶକୁ ମଧ୍ୟ ପ୍ରୋତ୍ସାହିତ କରିବ। ତିନୋଟି ପ୍ରମୁଖ ଜାତୀୟ ରାଜପଥ (ଏନଏଚ୍-୫୫, ଏନଏଚ୍-୫୭ ଓ ଏନଏଚ-୬୫୫) ଏବଂ ଗୋଟିଏ ରାଜ୍ୟ ରାଜପଥ (ଏସଏଚ-୬୫)କୁ ଏହି ରିଙ୍ଗରୋଡ୍ ସଂଯୋଗ କରିବ। ଯାହା ଓଡ଼ିଶାରେ ଅର୍ଥନୈତିକ, ସାମାଜିକ ଓ ଲଜିଷ୍ଟିକ୍ସ ନୋଡଗୁଡ଼ିକୁ ସହଜ ସଂଯୋଗ ପ୍ରଦାନ କରିବ। ଏହା ୧୦ଟି ଅର୍ଥନୈତିକ ନୋଡ୍, ୪ଟି ସାମାଜିକ ନୋଡ୍ ଓ ୫ଟି ଲଜିଷ୍ଟିକ୍ସ ନୋଡକୁ ସଂଯୋଗ କରିବ। ଏହା ସହିତ, ଭୁବନେଶ୍ୱର ରେଳ ଷ୍ଟେସନ, ଭୁବନେଶ୍ୱର ବିମାନବନ୍ଦର, ଏକ ପ୍ରସ୍ତାବିତ ମଲ୍ଟି-ମୋଡାଲ ଲଜିଷ୍ଟିକ୍ସ ପାର୍କ ଏବଂ ପୁରୀ ଓ ଅସ୍ତରଙ୍ଗ ବନ୍ଦର ସହିତ ମଲ୍ଟି-ମୋଡାଲ ସଂଯୋଗ ସ୍ଥାପନ କରିବ। ଏହି ପ୍ରକଳ୍ପ ପ୍ରାୟ ୭୪.୪୩ ଲକ୍ଷ ପର୍ସନ-ଡେ ପ୍ରତ୍ୟକ୍ଷ ରୋଜଗାର ଓ ୯୩.୦୪ ଲକ୍ଷ ପର୍ସନ-ଡେ ପରୋକ୍ଷ ରୋଜଗାର ସୃଷ୍ଟି କରିବ ବୋଲି ଆକଳନ କରାଯାଇଛି। ଏହା ସହରୀ ପ୍ରଦୂଷଣ ହ୍ରାସ କରିବ, କାରଣ ଭାରୀ ଯାନବାହାନଗୁଡ଼ିକ ସହର ମଧ୍ୟଭାଗରୁ ବାଇପାସ୍ ହେବ। ଏହି ରିଙ୍ଗ୍ ରୋଡ୍ ନିର୍ମାଣ ଶେଷ ହେଲେ ଭୁବନେଶ୍ୱର, କଟକ ଓ ଖୋର୍ଦ୍ଧାରେ ସହରୀ ଜନଗହଳି ହ୍ରାସ ପାଇବ ତଥା ବ୍ୟବସାୟ, ପର୍ଯ୍ୟଟନ ଓ ଶିଳ୍ପ ବିକାଶ ପାଇଁ ନୂଆ ସୁଯୋଗ ସୃଷ୍ଟି ହେବ।

PLOT FOR SALE

MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

## ପାର୍ବଣରେ ବ୍ୟବହୃତ ଫୁଲରୁ ଧୂପକାଠି ତିଆରି କରିବ ବିଏମ୍‌ସି

**ଭୁବନେଶ୍ୱର :** ଗଣେଶ ପୂଜା ପାଖେଇ ଆସୁଛି। ତେବେ ସେଥିପାଇଁ ରାଜଧାନୀବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ମାତ୍ର ଉତ୍ସବରେ ଲାଗି ହେଉଥିବା ଫୁଲ ଏବଂ ପୂଜାର୍ଚ୍ଚନ ବର୍ଜ୍ୟର ଅନୁପଯୁକ୍ତ ନିଷ୍କାସନ ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି କରିଥାଏ ଏବଂ ଭକ୍ତମାନଙ୍କ ଭାବାବେଗକୁ ଆଘାତ ପହଞ୍ଚାଇଥାଏ। ଏହି ସାଂସ୍କୃତିକ ଚେତନାକୁ ସମ୍ମାନ ଦେବା ଏବଂ ପରିବେଶର ସ୍ୱଚ୍ଛତା ବୃଦ୍ଧି ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି.) ଫୁଲ ଏବଂ ପୂଜା ବର୍ଜ୍ୟରେ ଉପଯୁକ୍ତ ସଂଗ୍ରହ ଏବଂ ପ୍ରକ୍ରିୟାକରଣ ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି। ସଂଗୃହୀତ ଫୁଲ ବର୍ଜ୍ୟକୁ ଧୂପକାଠି ଭଳି ମୂଲ୍ୟବାନ ଉତ୍ପାଦରେ ପ୍ରକ୍ରିୟାକରଣ କରାଯିବ।



ଅର୍ଥାତ୍ ଠାକୁରଙ୍କ ପାଖରୁ ଆସୁଥିବା ଏହି ସମସ୍ତ ପୂଜାଫୁଲ ପୁଣି ସେହି ଠାକୁରଙ୍କ ପାଖରେ ଲାଗି ହେବ। ଏହାଦ୍ୱାରା ଏକ ସ୍ୱଚ୍ଛ, ପ୍ଲାଷ୍ଟିକ ମୁକ୍ତ ପରିବେଶ ସୃଷ୍ଟି ହେବ ଏବଂ ବର୍ଜ୍ୟବସ୍ତୁର ଉପଯୁକ୍ତ ଉପଯୋଗ ହେବ। କେବଳ ଫୁଲ ଏବଂ ପୂଜା ବର୍ଜ୍ୟ ସଂଗ୍ରହ ଉଦ୍ଦେଶ୍ୟରେ ପ୍ରତ୍ୟେକ ଜୋନରେ ଏକ ନିର୍ଦ୍ଦିଷ୍ଟ ସ୍ୱେଚ୍ଛାସେବୀ ସଂଗଠନକୁ ଗୋଟିଏ ସ୍ୱତନ୍ତ୍ର ଯାନ ପ୍ରଦାନ କରାଯିବ। ସେଥିରେ ଅନ୍ୟ କୌଣସି ଆବର୍ଜନା ସଂଗ୍ରହ କରାଯିବ ନାହିଁ। ସଂଗୃହୀତ ବର୍ଜ୍ୟବସ୍ତୁ କେବଳ ପୂଜା ମଣ୍ଡପରୁ ସଂଗ୍ରହ କରାଯିବ ଏବଂ ପ୍ରକ୍ରିୟାକରଣ ପାଇଁ ପୋଖରୀପୁଟ ପ୍ଲାଣ୍ଟକୁ ପରିବହନ କରାଯିବ। ଏଥିପାଇଁ ଲୋକମାନଙ୍କୁ ସଚେତନ କରାଯିବାର ଯୋଜନା କରାଯାଇଛି। ସାନିଟାରୀ ଷ୍ଟାଫ ଏବଂ ଏନଜିଓ ପ୍ରତିନିଧିମାନେ ବ୍ୟାପକ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ କାର୍ଯ୍ୟକ୍ରମ ପରିଚାଳନା କରିବେ। କର୍ପୋରେଟର ଏବଂ ଅନ୍ୟ ଗୋଷ୍ଠୀର ସଦସ୍ୟମାନଙ୍କୁ ସ୍ଥାନୀୟ ବାସିନ୍ଦା/ପୂଜା ମଣ୍ଡପଗୁଡିକୁ ଏହି ସେବା ବିଷୟରେରେ ସୂଚନା ପ୍ରଦାନ କରିବା ଦିଗରେ ସାହାଯ୍ୟ କରିବାକୁ ଅନୁରୋଧ କରାଯାଇଛି।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି